RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR
◆VOLUME- 44 ◆ISSUE-37 ◆FRIDAY ◆31 JULY 2026 ◆PAGE-12 ◆₹ 7.00
◆ବର୍ଷ-୪୪ ◆ସଂଖ୍ୟା-୩୭ ◆ଶୁକ୍ରବାର ◆୩୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଜାତୀୟ କ୍ରୀଡ଼ାରେ ରଙ୍ଗବଦଳ

# ଗେରୁଆ ହେଲା ‘ମେନ୍ ଇନ୍ ବ୍ଲୁ’




■ ନୂଆଦିଲ୍ଲୀ, ୩୦।୭ (ସମିସ): ଭାରତୀୟ ହକି ଦଳର ଜର୍ସି ରଙ୍ଗ ନୀଳରୁ କମଳା କରିବାକୁ ନିଆଯାଇଛି ନିଷ୍ପତ୍ତି। ଯାହାକୁ ନେଇ ଜାତୀୟସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହକି ଦଳ ପୋଷାକର ରଙ୍ଗ ପରିବର୍ତ୍ତନ ପରେ ‘ମେନ୍ ଇନ୍ ବ୍ଲୁ’, ‘ଓମେନ୍ ଇନ୍ ବ୍ଲୁ’ ଏବେ ଇତିହାସ ପାଲଟିଛି। ଖେଳାଳି ଓ କ୍ରୀଡ଼ା ପ୍ରଶାସକମାନେ ଏହାକୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସରକାର ବର୍ତ୍ତମାନ ଜାତୀୟ ହକିର ପ୍ରାୟୋଜକ ଥିବାରୁ ସରକାରଙ୍କ ଚାପରେ ଏହି ରଙ୍ଗ ପରିବର୍ତ୍ତନ ହୋଇଥିବା ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। କ୍ରୀଡ଼ାର ଏପରି ରାଜନୀତିକରଣକୁ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

ଆସନ୍ତା ମାସରେ ହେବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍ ପାଇଁ ଭାରତୀୟ ହକି ଦଳର ପାରମ୍ପରିକ ନୀଳ ପୋଷାକ ବଦଳରେ ଗେରୁଆ ଜର୍ସି ବ୍ୟବହାରକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ

**ପ୍ରଶ୍ନ ଉଠାଇଲେ ପୂର୍ବତନ ଖେଳାଳି**

**ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରିୟଙ୍କା ଗାନ୍ଧୀଙ୍କ ସମାଲୋଚନା**

ଅଧିନାୟକ ବିରେନ୍ ରସ୍କିନ୍‌ହାଙ୍କ ସମେତ ଅନେକ ପ୍ରଶଂସକ ଏହି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ଦଳର ପାରମ୍ପରିକ ପରିଚୟ ବଦଳାଇବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏହାର ସମାଲୋଚନା କରିଛନ୍ତି। ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରିୟଙ୍କା କହିଛନ୍ତି ଯେ ସରକାର ଚାହିଁଲେ ପୋଷାକର ରଙ୍ଗ କିମ୍ବା ଶିକ୍ଷା ନୀତି ମାଧ୍ୟମରେ ଇତିହାସ ବଦଳାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଭାରତର ଆତ୍ମା ଓ ମୂଳ ଆଦର୍ଶକୁ କେହି ବଦଳାଇ ପାରିବେ ନାହିଁ। ସତ୍ୟ, ଅହିଂସା, ଭାତୃଭାବ ଓ ଏକତା ଉପରେ ଦେଶର ମୂଳଦୁଆ ଆଧାରିତ। ସ୍ୱାଧୀନତା ସଂଗ୍ରାମ ସତ୍ୟ ଓ ଅହିଂସା ଉପରେ ଆଧାରିତ ଥିଲା ଏବଂ ସେଥିରେ ଆର୍‌ଏସ୍‌ଏସ୍‌ର କୌଣସି ଯୋଗଦାନ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଏକାଠି ହୋଇଥିବା ଯୁବକମାନଙ୍କ ସ୍ୱର ହିଁ ପ୍ରକୃତ ଦେଶର ସ୍ୱର ବୋଲି ଦର୍ଶାଇ, ଜର୍ସି ରଙ୍ଗ ପରିବର୍ତ୍ତନ ଦ୍ୱାରା ଦେଶବାସୀଙ୍କ ମନୋଭାବକୁ ବଦଳାଯାଇପାରିବ ନାହିଁ ▶ପୃଷ୍ଠା-୭

# କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଗଭୀର ଆଘାତ: ନବୀନ

**“ଜାତୀୟ ପ୍ରତୀକ ଦେଶବାସୀଙ୍କୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ, ଭାଗଭାଗ ପାଇଁ ନୁହେଁ”**



**ନୀଳ ରଙ୍ଗରେ ଭରିରହିଛି କ୍ରୀଡ଼ା ଐତିହ୍ୟ ସହ ଯୋଡ଼ି ହୋଇଥିବା ଆବେଗ**

**ଦୁଇ ବର୍ଷ ହେଲାଣି କେବଳ ରଙ୍ଗ ବଦଳ ନିଶାରେ ମାତିଛନ୍ତି ସରକାର**

■ ଭାରତୀୟ ଜାତୀୟ କ୍ରୀଡ଼ା ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ବିଜେପି ସରକାରଙ୍କ ଏପରି ମାନସିକତାକୁ ସମାଲୋଚନା କରିବା ସହ ଏହା ନିମ୍ନମାନର ରାଜନୀତି ବୋଲି ନବୀନ କହିଛନ୍ତି। ଜାତୀୟ ପ୍ରତୀକଗୁଡ଼ିକ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ; ଭାଗ ଭାଗ କରିବା ପାଇଁ ନୁହେଁ। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଆଘାତ ପହଞ୍ଚାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭାରତୀୟ ହକି ଟିମ୍‌ର କିମ୍ବଦନ୍ତୀ ଜର୍ସି ରଙ୍ଗକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ କରାଯାଇଥିବା ଜାଣି ମୁଁ ଗଭୀର ଭାବେ ମର୍ମାହତ। ଭାରତୀୟ ହକି ଟିମ୍‌ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ▶ପୃଷ୍ଠା-୭

# ମାଡ଼ିଆସୁଛି ‘ମହା’ ବନ୍ୟା

- ଉତ୍ତର ଓଡ଼ିଶାରେ ଖସୁଛି ପ୍ରମୁଖ ନଦୀର ଜଳସ୍ତର
- ଉପକୂଳକୁ ବିପଦ ଆଣିଲା ମହାନଦୀ ପାଣି
- ମୁଣ୍ଡଳୀ ଛାଡ଼ିଲା ୯ ଲକ୍ଷ କ୍ୟୁସେକ୍ ବନ୍ୟାଜଳ
- ଫୁଲୁଛି ମହାନଦୀର ସବୁ ଶାଖାନଦୀ
- କଟକ, ଜଗତସିଂହପୁର, ପୁରୀ ଜିଲ୍ଲାକୁ ବିପଦ
- ସତର୍କ ସଙ୍କେତ ଉପରେ ବୈତରଣୀ ଓ ଜଳକା



■ ଭୁବନେଶ୍ୱର, ୩୦।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥା ଧାରଣ କରିଛି। ଯଦିଓ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି, ତଥାପି ଏବେ ବି ଶତାଧିକ ଗାଁ ଜଳମଗ୍ନ ଅବସ୍ଥାରେ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ହ୍ରାସ ପାଇ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ଜଳସ୍ତର କମୁଥିବା ସମୟରେ ମହାନଦୀ ସ୍ଥିତି ଏବେ ଏକାଧିକ ଜିଲ୍ଲା ପାଇଁ ଚିନ୍ତା ବଢ଼ାଇଛି। ମହାନଦୀରେ ସନ୍ଧ୍ୟା ସୁଦ୍ଧା ପାଖାପାଖି ୯ ଲକ୍ଷ କ୍ୟୁସେକ ପାଣି ଚାଲୁଥିବାରୁ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଏବେ ବଡ଼ ଆହ୍ୱାନ ସାଜିଛି।

ମହାନଦୀରେ ଟଳମଳ ଅବସ୍ଥା ବେଳେ ଆଗାମୀ ୧୮-୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ତଳ ମୁଣ୍ଡରେ ମାତ୍ରାଧିକ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଛତିଶଗଡ଼ରେ ହୋଇଥିବା ପ୍ରବଳ ବର୍ଷା ଓ ରୁଲ୍ କର୍ଭ ଅନୁଯାୟୀ ଏବେ ହୀରାକୁଦରେ ଆବଶ୍ୟକତାଠାରୁ ଅଧିକ ପାଣି ଥିବାରୁ ସେଠାରେ ଏବେ ଅଧିକ୍ ଗେଟ୍ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ପୂର୍ବରୁ ମୁଣ୍ଡଳୀ ଦେଇ ୧୦ ଲକ୍ଷ ▶ପୃଷ୍ଠା-୭

## ୬୨୧ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

■ ସମ୍ବଲପୁର, ୩୦।୭ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ

**ଆଜି ଖୋଲିପାରେ ୧୨ ଗେଟ୍**

ପାର୍ଶ୍ୱ ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତାକାଲି ▶ପୃଷ୍ଠା-୭

### ଛାତ୍ରଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

# ସଂସଦରେ ହଟ୍ଟଗୋଳ ଜାରି

■ ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଗତ ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସଂସଦରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଲାଗି ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବା ଲାଗି କିଏ ଓ କେଉଁ ପରିସ୍ଥିତିରେ ନିର୍ଦ୍ଦେଶ ଦେଲା, ତାହାର ଉତ୍ତର ଦାବିରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏହି ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହୋଇଥିବା ବେଳେ ଲୋକସଭାରେ ବନ୍ଦେ ମାତରମ ବିଲ୍ ଗୃହୀତ ହୋଇଯାଇଛି। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

**ସଂସଦରେ ‘ପ୍ରଶ୍ନପତ୍ର ଲିକ୍ ନିରୋଧୀ’ ଓ ‘ବନ୍ଦେ ମାତରମ୍’ ବିଲ୍ ପାରିତ**

ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ଆଜି ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ ଆଗତ ହୋଇଥିଲା। ଗତକାଲି ଲୋକସଭାରେ ଏହା ଅନୁମୋଦିତ ହୋଇଥିବା ବେଳେ ଆଜି ରାଜ୍ୟସଭାରେ ଆଗତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପ୍ରକୃତ ସମସ୍ୟାକୁ ଦୂର କରିବା ଲାଗି ଏହି ବିଲରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମୂଳ ସମସ୍ୟା ଭିତରକୁ ନଯାଇ କେବଳ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଶାନ୍ତ କରିବା ଲାଗି ଏଥିରେ ସଂଶୋଧନ କରାଯାଇଛି। ଭବିଷ୍ୟତରେ ଯେପରି ପ୍ରଶ୍ନପତ୍ର ଲିକ୍ ନହେବ, ସେଥିଲାଗି ଏଥିରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ଅନ୍ୟପକ୍ଷରେ ଲୋକସଭାରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଜାରି ରହିଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ହଙ୍ଗାମା ଜାରି ରଖିବାରୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ବିରୋଧୀ ▶ପୃଷ୍ଠା-୭

# ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ !

**ଏମକେସିଜି ପରୀକ୍ଷା କେନ୍ଦ୍ରରୁ ସିଧା ହ୍ୱାଟ୍ସଅପକୁ ଯାଉଛି ପ୍ରଶ୍ନପତ୍ର**

**ହ୍ୱାଟ୍ସଅପ ଗ୍ରୁପକୁ ପରିଚାଳିତ କରୁଥିଲେ ଏମକେସିଜି ଡାକ୍ତରୀ ଛାତ୍ର**

**ଘରୋଇ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ବିକ୍ରି ହୋଇଛି ପ୍ରଶ୍ନପତ୍ର!**

**ପରୀକ୍ଷାରେ କପି ସୁଯୋଗ ଓ କୋହଳ ପାଇଁ ଅର୍ଥ ଆଦାୟ ଅଭିଯୋଗ**

■ ବ୍ରହ୍ମପୁର, ୩୦।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ଘଟଣାକୁ ନେଇ ଦେଶରେ ଛାତ୍ର ଆନ୍ଦୋଳନ ଓ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଅଲ୍ ଓଡ଼ିଶା ମେଡିକାଲ ପିଜି ଶେଷ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ ହ୍ୱାଟ୍ସଅପ ଗ୍ରୁପ୍‌କୁ ପଠାଯାଇଥିବା ଅଭିଯୋଗ ହୋଇଛି। ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ଛାତ୍ରଛାତ୍ରୀଙ୍କ ଶେଷ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସକାଳ ୧୦ରୁ ମଧ୍ୟାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ରହିଥିଲା। ସେହିକ୍ରମେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ▶ପୃଷ୍ଠା-୭

### ମହାନଦୀ ଜଳବିବାଦ

# କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ





**ଯୋଗଦେଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

**ଦୀପାବଳି ସୁଦ୍ଧା ହେବ ସମସ୍ୟାର ସମାଧାନ: ମୋହନ ମାଝୀ**

■ ଭୁବନେଶ୍ୱର, ୩୦।୭ (ସମିସ): ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ତ୍ରିପାକ୍ଷିକ ବୈଠକ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଛନ୍ତି। ବୈଠକଟି ଖୁବ୍ ସକରାତ୍ମକ ଥିବା କୁହାଯାଉଛି ଏବଂ ୩ ମାସ ମଧ୍ୟରେ ଜଳବିବାଦ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଶାବାଦୀ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କର ଅଧ୍ୟକ୍ଷତାରେ ମହାନଦୀ ଜଳବଣ୍ଟନ ଏବଂ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳର ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ▶ପୃଷ୍ଠା-୭



### ରାଜଧାନୀର ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ ନୂତନ ଗବେଷଣା

# ଶୀତରାତିରେ ଆହ୍ୱାନ ହୋଇଛି ‘ସାଇଲେଣ୍ଟ ହିଟ୍’

**ବଢୁଛି ରାତିର ସର୍ବନିମ୍ନ ତାପମାତ୍ରା**

■ ବାରିପଦା, ୩୦।୭ (ସମିସ): ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଦିନର ଗରମ ନେଇ ସମସ୍ତେ ପରିଚିତ। ତେବେ ଏବେ ସହରର ରାତିର ତାପମାତ୍ରା ଅଧିକ ଚିନ୍ତାର ବିଷୟ ପାଲଟିଛି। ୧୯୫୦ରୁ ୨୦୨୫ ପର୍ଯ୍ୟନ୍ତ ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ କରାଯାଇଥିବା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ସହରର ସର୍ବନିମ୍ନ ବା ରାତ୍ରକାଳୀନ ତାପମାତ୍ରା ଦିନର ସର୍ବାଧିକ ତାପମାତ୍ରା ତୁଳନାରେ ଦୁଇଗୁଣାରୁ ଅଧିକ ଦ୍ରୁତ ହାରରେ ବୃଦ୍ଧି ପାଉଛି। ଏହା ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବ୍ୟବହାର ଉପରେ ସିଧାସଳଖ ପ୍ରଭାବ ପକାଉଛି। ଏହି ଗବେଷଣା ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରିମୋଟ ସେନ୍ସିଂ ଓ ଜିଆଇଏସ ବିଭାଗ, ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏନଭାର୍ନମେଣ୍ଟ ଆଣ୍ଡ କ୍ଲାଇମେଟ ମିଳିତ ଉଦ୍ୟମରେ କରାଯାଇଛି। ଗବେଷକ ଡ. ରୋଶନ ବେଉରିଆ, ଡ. ଦେବବ୍ରତ ନନ୍ଦୀ ଓ ଡ. ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହା ସମ୍ପନ୍ନ ହୋଇଛି। ଏହି ଗବେଷଣା ଜର୍ଣ୍ଣାଲ ଅଫ୍ ଆଟମୋସଫେରିକ୍ ଆଣ୍ଡ ସୋଲାର-ଟେରେଷ୍ଟ୍ରିଆଲ୍ ଫିଜିକ୍ସରେ ପ୍ରକାଶିତ ହୋଇଛି।

ଗବେଷଣାର ପ୍ରମୁଖ ଚିନ୍ତାର ବିଷୟ ହେଉଛି ଦୈନିକ ତାପମାତ୍ରାର ପାର୍ଥକ୍ୟ କ୍ରମାଗତ ଭାବେ କମିବା। ୧୯୫୦ ଦଶକରେ ଦିନ ଓ ରାତିର ତାପମାତ୍ରା ମଧ୍ୟରେ ପ୍ରାୟ ୯ ଡିଗ୍ରୀ ସେଲସିୟସ୍ ବ୍ୟବଧାନ ଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ୮.୩ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ଏହାର କାରଣ ଦିନର ତାପମାତ୍ରା କମିବା ନୁହେଁ, ବରଂ ରାତିର ତାପମାତ୍ରା ଦ୍ରୁତ ବୃଦ୍ଧି ପାଇବା। ୧୯୫୦ ପରଠାରୁ ଦିନର ସର୍ବାଧିକ ତାପମାତ୍ରା ପ୍ରତିବର୍ଷ ହାରାହାରି ୦.୦୦୪୪ ଡିଗ୍ରୀ ସେଲସିୟସ୍ ବଢୁଥିବାବେଳେ ରାତିର ସର୍ବନିମ୍ନ ତାପମାତ୍ରା ୦.୦୧୦୨ ଡିଗ୍ରୀ ସେଲସିୟସ୍ ହାରରେ ବୃଦ୍ଧି ପାଉଛି। ବିଶେଷକରି ବର୍ଷାଋତୁ ପରବର୍ତ୍ତୀ ସମୟ ଓ ଶୀତଋତୁରେ ଏହି ପରିବର୍ତ୍ତନ ଅଧିକ ସ୍ପଷ୍ଟ ଦେଖାଯାଉଛି। ବୈଜ୍ଞାନିକମାନଙ୍କ ମତରେ, ଅତ୍ୟଧିକ ଉଷ୍ମ ରାତି ମଣିଷ ପାଇଁ ବେଶୀ ବିପଦଜନକ। ମଣିଷର ଶରୀର ଦିନର ଗରମରୁ ସୁସ୍ଥ ହେବା ପାଇଁ ଥଣ୍ଡା ରାତି ଆବଶ୍ୟକ କରେ। କିନ୍ତୁ ରାତି ଉଷ୍ମ ରହିଲେ ଶରୀରର ବିଶ୍ରାମ ଓ ପୁନରୁଦ୍ଧାର ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଫଳରେ ବୃଦ୍ଧ, ବାହାରେ କାମ କରୁଥିବା ▶ପୃଷ୍ଠା-୭

# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ; ୧୦ ପୁଲିସ ମୃତ



## ଗୁଳିବିନିମୟରେ ୧୫ ଆତଙ୍କବାଦୀ ନିପାତ

ପେଶାୱର, ୩୦।୭ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପାଖତୁନଖ୍ୱା ପ୍ରଦେଶରେ ଗୁରୁବାର ଭୋର ସମୟରେ ଆତଙ୍କବାଦୀମାନେ ଏକ ପୁଲିସ ଫାଣ୍ଡି ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଅତିକମରେ ୧୦ ଜଣ ପୁଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଲିସର ପାଲଟା ଜବାବରେ ୧୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସୀମା ନିକଟ ହାଙ୍ଗୁ ଜିଲ୍ଲାରେ ଥିବା ଏକ ପୁଲିସ ଫାଣ୍ଡି ଉପରେ ଏହି ଆକ୍ରମଣ ହୋଇଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ରକେଟ୍ ଲଞ୍ଚର ଧରି ଆସିଥିବା ଡଜନ ଡଜନ ଆତଙ୍କବାଦୀ ଫାଣ୍ଡି ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଅଧିକ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆତଙ୍କବାଦୀମାନେ ବ୍ୟାପକ କ୍ଷୟକ୍ଷତି ଘଟାଇ ଫେରାର ହୋଇଯାଇଥିଲେ। ଏଥିରେ ଦୁଇ ଡଜନରୁ ଅଧିକ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନଥିଲେ ମଧ୍ୟ ଏହା ପଛରେ ତେହେରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସଂଗଠନର ହାତ ଥିବା ସନ୍ଦେହ କରାଯାଉଛି। ୨୦୨୨ ମସିହାରେ ପାକିସ୍ତାନ ସରକାରଙ୍କ ସହ ଯୁଦ୍ଧବିରତି ଶେଷ ହେବା ପରେ ତେହେରିକ୍-ଇ-ତାଲିବାନ ପକ୍ଷରୁ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ସଂଗଠନ ଆଫଗାନିସ୍ତାନ ମାଟି ବ୍ୟବହାର କରି ପାକିସ୍ତାନର ସୁରକ୍ଷା କର୍ମୀଙ୍କ ଉପରେ କ୍ରମାଗତ ଆକ୍ରମଣ କରୁଥିବାରୁ ଏହା ପ୍ରଶାସନ ପାଇଁ ଏକ ବଡ଼ ସୁରକ୍ଷା ଆହ୍ୱାନ ପାଲଟିଛି।

### ନ୍ୟୁୟର୍କ ଟାଇମ୍ସକୁ ଜବାବ ଦେଲା ଭାରତ

# 'ପାକିସ୍ତାନୀ କାଶ୍ମୀର' ଶବ୍ଦକୁ କଡ଼ା ବିରୋଧ

ୱାସିଂଟନ୍, ୩୦।୭ (ଏଜେନ୍ସି): ପାକିସ୍ତାନ ଦଖଲରେ ଥିବା କାଶ୍ମୀର (ପିଓକେ)କୁ 'ପାକିସ୍ତାନୀ କାଶ୍ମୀର' ବୋଲି ସମ୍ବୋଧନ କରିଥିବାରୁ ଆମେରିକାର ଜଣାଶୁଣା ସମ୍ବାଦପତ୍ର 'ଦି ନ୍ୟୁୟର୍କ ଟାଇମ୍ସ' ଉପରେ ଭାରତୀୟ ଦୂତାବାସ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ଆମେରିକାରେ ଥିବା ଭାରତୀୟ ଦୂତାବାସ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ସ୍ପଷ୍ଟ କରିଛି ଯେ 'ପାକିସ୍ତାନୀ କାଶ୍ମୀର' ବୋଲି କୌଣସି ଭୌଗୋଳିକ କ୍ଷେତ୍ର ନାହିଁ। ଏହା କେବଳ ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ କାଶ୍ମୀର। ସମଗ୍ର ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚିରଦିନ ପାଇଁ ରହିବ। ପାକ୍-ଅଧିକୃତ କାଶ୍ମୀରରେ ହୋଇଥିବା ନିକଟତର ଜନଆନ୍ଦୋଳନ ଓ ନିର୍ବାଚନ ଉପରେ ଏକ ରିପୋର୍ଟ ପ୍ରକାଶ କରିବା ସମୟରେ ନ୍ୟୁୟର୍କ ଟାଇମ୍ସ ଏହି ଗ୍ରହଣଯୋଗ୍ୟ ନ ଥିବା ଶବ୍ଦ ବ୍ୟବହାର କରିଥିଲା। ବିଦେଶୀ ଗଣମାଧ୍ୟମଗୁଡ଼ିକ ଦ୍ୱାରା ଭାରତର ସାର୍ବଭୌମତ୍ୱକୁ ଆଘାତ ପହଞ୍ଚାଉଥିବା ଭୁଲ୍ ଶବ୍ଦାବଳୀ କିମ୍ବା ମାନଚିତ୍ର ବ୍ୟବହାରକୁ ଭାରତ ସରକାର ସଦାସର୍ବଦା ଦୃଢ଼ ଭାବରେ ବିରୋଧ କରିଆସିଛନ୍ତି।

## ଭୋଜଶାଳା ନିକଟସ୍ଥ ଜମିରେ ନମାଜ ପାଠ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ଧାର, ୩୦।୭ (ଏଜେନ୍ସି): ବହୁ ଚର୍ଚ୍ଚିତ ଭୋଜଶାଳା-କମାଲ ମୌଲା ବିବାଦ ମାମଲାରେ ସୁପ୍ରିମକୋର୍ଟ ନିଜର ଆନ୍ତରୀଣ ନିର୍ଦ୍ଦେଶକୁ ସ୍ପଷ୍ଟ କରିଛନ୍ତି। ବିବାଦୀୟ ଭୋଜଶାଳା ପରିସରକୁ ଲାଗି ରହିଥିବା ଦରଘା ଜମିରେ ମୁସଲିମ୍ ସମ୍ପ୍ରଦାୟକୁ ଶୁକ୍ରବାର ନମାଜ ପାଠ କରିବା ପାଇଁ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତି ଶୁକ୍ରବାର



ଅପରାହ୍ନ ୧ ଟାରୁ ୩ ଟା ପର୍ଯ୍ୟନ୍ତ 'ଖସରା ନଂ ୫୯୬' ସଂଲଗ୍ନ ଜମିରେ ନମାଜ ପାଠ କରାଯାଇପାରିବ। ଏହି ସ୍ଥାନକୁ ଏକ ସ୍ୱତନ୍ତ୍ର ରାସ୍ତା ଥିବାରୁ ଏହା ନମାଜ ପାଇଁ ଉପଯୁକ୍ତ ବୋଲି କୋର୍ଟ ଦର୍ଶାଇଛନ୍ତି। ଉକ୍ତ ସ୍ଥାନରେ ଆବଶ୍ୟକୀୟ ଶାନ୍ତିଶୃଙ୍ଖଳା ଓ ବ୍ୟବସ୍ଥା ବଜାୟ ରଖିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ବିବାଦୀୟ ଭୋଜଶାଳା ପରିସର ଭିତରେ ନମାଜ ପାଠ ପାଇଁ କୋର୍ଟ ଅନୁମତି ଦେଇନାହାନ୍ତି। କେବଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଧାର୍ମିକ ଅଧିକାରକୁ ସଂକୁଚିତ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିବା ସହ ମୂଳ ମାମଲାର ବିଚାର ଜାରି ରଖିଛନ୍ତି।

# ଆସାମରେ ବନ୍ୟା ତାଣ୍ଡବ; ମୃତ୍ୟୁସଂଖ୍ୟା ୭୮

**ପାଣି ଘେରରେ ୫୦୦ରୁ ଅଧିକ ଗାଁ**

**ତିନି ଲକ୍ଷରୁ ଅଧିକ ଲୋକ ଜଳବନ୍ଦୀ**

ଗୌହାଟୀ, ୩୦।୭ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ରହିଥିବା ବେଳେ ବୁଧବାର ସିବସାଗର ଏବଂ ଗୋଲାଘାଟ ଜିଲ୍ଲାରୁ ଆଉ ତିନିଜଣଙ୍କ ମୃତ୍ୟୁ ଖବର ଆସିବା ପରେ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୮ କୁ ବୃଦ୍ଧି ପାଇଛି। ରାଜ୍ୟର ୭ଟି ଜିଲ୍ଲାରେ ଏବେବି ୩ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ରହିଛନ୍ତି। ଏସବୁ ମଧ୍ୟରେ ପାଣିପାଗ ବିଭାଗ ପୁଣିଥରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିବା ସହ ଆଗାମୀ ଦିନରେ ବନ୍ୟା, ଜଳବନ୍ଦୀ ଏବଂ ଭୂସ୍ଖଳନ ଭଳି ବିପଦ ବଢ଼ିପାରେ ବୋଲି ସତର୍କ କରାଇଦେଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସୂଚନା ଅନୁଯାୟୀ, ସିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଉଁ, ବିଶ୍ୱନାଥ ଏବଂ କାମରୂପ ମେଟ୍ରୋପୋଲିଟାନ ଜିଲ୍ଲାର ମୋଟ ୩, ୦୦, ୦୩୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ମୋଟ ୨୧ଟି ରାଜସ୍ୱ ମଣ୍ଡଳ ଏବଂ ୫୫୧ଟି ଗାଁ ପାଣି ଘେରରେ ରହିଥିବା ବେଳେ ୨୧, ୫୨୩ ହେକ୍ଟରରୁ ଅଧିକ ଚାଷଜମି ବୁଡ଼ି ରହିଛି। ଚରାଇଦେଓ ଜିଲ୍ଲା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ୧.୩୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦ୍ୱାରା ବାସହୀନ ହୋଇପଡ଼ିଥିବା ୧୬, ୫୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତ ଲୋକଙ୍କୁ ୭୧ଟି ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଛି। ଏହାସହ ୩୦ଟି ରିଲିଫ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଅନ୍ୟ ୭୨, ୦୦୦ରୁ ଅଧିକ ଲୋକଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ମାନବିକ ଓ ପଶୁ ଚିକିତ୍ସା ଦଳ ସମେତ ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ବାହିନୀ ନିୟୋଜିତ ଅଛନ୍ତି। ବନ୍ୟା ଯୋଗୁଁ ରାସ୍ତାଘାଟ, ନଦୀବନ୍ଧ, ସ୍କୁଲ ଓ ଘରଦ୍ୱାର ଭାଙ୍ଗିଯାଇଛି ଏବଂ ୧୧, ୦୦୦ରୁ ଅଧିକ ଗୃହପାଳିତ ପଶୁ ଭାସିଯାଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଆଲୋଚନା କରି ବନ୍ୟା ପରିସ୍ଥିତି ଏବଂ ରିଲିଫ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।



# ଅଗଷ୍ଟରେ ବି ଛେଚିବ ମୌସୁମୀ

**■ ଗଭୀର ଅବପାତ; ପଶ୍ଚିମ ଆଡ଼କୁ ମୁହାଁଉଛି**

**■ କେତେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା**

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ମଧ୍ୟ ଭାରତରେ ଜୋରଦାର ବର୍ଷା କରାଇବା ପରେ ଏବେ ଗଭୀର ଅବପାତ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ଦିନଗୁଡ଼ିକରେ କେତେକ ରାଜ୍ୟରେ ଏହି ଋତୁର ସବୁଠାରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଦେଶରେ ଚାଲିଥିବା ଅସମାନ ତଥା ଅସନ୍ତୁଳିତ ମୌସୁମୀ ବାୟୁକୁ ଏହି ପାଣିପାଗ ପ୍ରଣାଳୀ ବେଶ ସକ୍ରିୟ କରିଛି। ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଏଭଳି ପରିସ୍ଥିତିରୁ ନିସ୍ତାର ନାହିଁ। ଏହି ସମୟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ସୃଷ୍ଟି ହୋଇଥିବା ଏହି ଗଭୀର ଅବପାତ ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ସଂଲଗ୍ନ ବିଦର୍ଭ ଦେଇ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହି ଗଭୀର ଅବପାତର ପ୍ରଭାବରେ ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଜୁଲାଇ ୩୦ ରେ ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଜୁଲାଇ ୩୧ ରେ ଗୁଜରାଟ ଅଞ୍ଚଳରେ ୨୧ ସେଣ୍ଟିମିଟରରୁ ଅଧିକ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ମହାରାଷ୍ଟ୍ରର କେତେକ ସ୍ଥାନରେ ମଧ୍ୟ ବ୍ୟାପକ ବର୍ଷା ହୋଇପାରେ। ଏହା ପୂର୍ବରୁ ଦକ୍ଷିଣ ଗୁଜରାଟରେ ରେକର୍ଡ ପରିମାଣର ବର୍ଷା ହୋଇସାରିଛି। ବଲସାଡ, ନବସାରୀ ଏବଂ ସୁରଟ ଭଳି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାଧାରଣତଃ ମୌସୁମୀ ଋତୁର ମୁଖ୍ୟ ସମୟରେ ଏଭଳି ଗଭୀର ଅବପାତ ସୃଷ୍ଟି ହୋଇଥାଏ, ଯାହା ପ୍ରଚୁର ଜଳୀୟବାଷ୍ପ ଆକର୍ଷିତ କରି ପ୍ରବଳ ବର୍ଷା କରାଇଥାଏ। ଏହା କୃଷିକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ପୂରଣ କରୁଥିଲେ ହେଁ, ଅନେକ ସ୍ଥାନରେ ଜଳବନ୍ଦୀ, ବନ୍ୟା ଏବଂ ସାଧାରଣ ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିଥାଏ। ଗଭୀର ଅବପାତଟି ପଶ୍ଚିମ ଆଡ଼କୁ ଗତି କରୁଥିବାରୁ ଗୁଜରାଟ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଆଗାମୀ କିଛି ଦିନ ମଧ୍ୟରେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

# ପେଲେଟ ଗନ୍‌କୁ ନେଇ ଚିନ୍ତା ବଢ଼ିଲା

**■ ପେଲେଟ୍ ଗନ ମାଡ଼ ଅଭିଯୋଗର ଯାଞ୍ଚ କରିବେ ସୁପ୍ରିମକୋର୍ଟ**

**■ ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ଆରଏଏଫକୁ ନିର୍ଦ୍ଦେଶ**

**■ ଆହତ ଆନ୍ଦୋଳନକାରୀଙ୍କ ମାଗଣା ଓ ଉପଯୁକ୍ତ ଚିକିତ୍ସା କରାଯିବ**



ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ଦ୍ୱାରା ପେଲେଟ୍ ଗୁଳିର ବ୍ୟବହାରକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଅସ୍ତ୍ରକୁ ଆଖିବୁଜା ନିଷିଦ୍ଧ କରାଯାଇପାରିବ ନାହିଁ। କେବଳ ବିଶେଷ ପରିସ୍ଥିତିରେ ହିଁ ଏପରି ଅସ୍ତ୍ର ପ୍ରୟୋଗ କରାଯାଇପାରିବ ବୋଲି ଉଲ୍ଲେଖ କରି, ସୁରକ୍ଷାବଳ ଦ୍ୱାରା ବ୍ୟବହୃତ ହେଉଥିବା ପର୍ଯ୍ୟାୟକ୍ରମିକ ଅସ୍ତ୍ର ପ୍ରୟୋଗ ସମ୍ବନ୍ଧୀୟ ସ୍ଥାୟୀ ନିର୍ଦ୍ଦେଶାବଳୀ ଅଦାଲତରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ଏହି ଅସ୍ତ୍ରର ମାଡ଼ କରିଥିବା ର୍‍ୟାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍)କୁ ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପେଲେଟ୍ ଗନ୍ ମାଡ଼ରେ ଆହତ ଆନ୍ଦୋଳନକାରୀଙ୍କର ଉତ୍କୃଷ୍ଟ ଓ ମାଗଣା ଚିକିତ୍ସା କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର କହିଥିଲେ ଯେ, ଆନ୍ଦୋଳନକାରୀମାନେ କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିନଥିଲେ। ତଥାପି ସେମାନଙ୍କ ଉପରେ ପ୍ଲାଷ୍ଟିକ କିମ୍ବା ରବର ପେଲେଟ୍ ପରିବର୍ତ୍ତେ ମାରାତ୍ମକ ଧାତବ ପେଲେଟ୍ ଗନ୍ ମାଡ଼ କରାଯାଇଥିଲା, ଯାହା ଅନେକ ଆନ୍ଦୋଳନକାରୀଙ୍କ ଶରୀରରୁ ବାହାର କରାଯାଇଛି। ସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ ସମୟରେ ଏଭଳି କଠୋର ଧାତବ ଗୁଳିର ବ୍ୟବହାର ସମ୍ପୂର୍ଣ୍ଣ ଅନୁଚିତ ଓ ନିୟମବିରୁଦ୍ଧ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ବାଗଚୀ ଶୁଣାଣି ସମୟରେ କହିଥିଲେ ଯେ ପୁଲିସ ନିୟମାବଳୀରେ ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗୁଳି ବ୍ୟବହାରର ପ୍ରାବଧାନ ରହିଛି। ଅଦାଲତ ଏହି ନିର୍ଦ୍ଦିଷ୍ଟ ଘଟଣାରେ ପେଲେଟ୍ ଗୁଳିର ପ୍ରୟୋଗ ଉଚିତ ଥିଲା କି ନାହିଁ ଏବଂ ଏହା ନିୟମାବଳୀର ଉଲ୍ଲଂଘନ କରୁଛି କି ନାହିଁ, ତାହାର ଯାଞ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ପ୍ରତି ହିଂସାତ୍ମକ ମନୋଭାବ ଗ୍ରହଣ କରାନଯିବା ଉଚିତ ବୋଲି କୋର୍ଟ ସମ୍ମତି ପ୍ରକାଶ କରିବା ସହ ସୁରକ୍ଷାକର୍ମୀଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାୟକ୍ରମିକ ବଳ ପ୍ରୟୋଗର ଆବଶ୍ୟକତାକୁ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରଶାସନର ମନମୁଖୀ ବଳ ପ୍ରୟୋଗ ରୋକିବା ପାଇଁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ବା ନିୟମାବଳୀ ପ୍ରସ୍ତୁତ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆନ୍ଦୋଳନ ସମୟରେ ପେଲେଟ୍ ଗୁଳି ମାଡ଼ରେ ଆହତ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଚିତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ ଅନେକ ପିଲା ଆହତ ହୋଇଛନ୍ତି।

## ଆନ୍ଦୋଳନ ଚେତାବନୀ ପରେ ସୁରକ୍ଷା ବଳୟରେ ଯନ୍ତରମନ୍ତର

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ନ ହେଲେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୋକ୍ରୋଚ୍ ଜନତା ପାର୍ଟିର ଚେତାବନୀ ପରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସରକାର ଆନ୍ଦୋଳନକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ଏବଂ ଛାତ୍ରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି ବୋଲି ଦଳ ଅଭିଯୋଗ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପକ୍ଷରୁ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାରିକେଡ୍‌ଗୁଡ଼ିକୁ ୱେଲ୍ଡିଂ କରି ମଜବୁତ୍ କରାଯାଉଛି। ତମାମ ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ଏଫ୍ଆଇଆର୍ ରଦ୍ଦ ନହେଲେ ଦେଶବ୍ୟାପୀ ପୁନର୍ବାର ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଯାହାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।

ଗତ ଜୁଲାଇ ୨୦ ତାରିଖରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର 'ସଂସଦ ଚାଲୋ' ଅଭିଯାନ ସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନର ମାତ୍ର ୧୦୦ ମିଟର ନିକଟତର ହୋଇଥିବା ନୂତନ ସିସିଟିଭି ଫୁଟେଜ୍‌ରୁ ପଦାକୁ ଆସିଛି। ଏହା ଦିଲ୍ଲୀ ପୋଲିସର ସୁରକ୍ଷା ପ୍ରସ୍ତୁତି ଏବଂ ବ୍ୟାରିକେଡିଂ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଟ୍ ପରୀକ୍ଷା ଅନିୟମିତତା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତରରୁ ବାହାରିଥିବା ଏହି ଶୋଭାଯାତ୍ରା ସମୟରେ ରେଳ ଭବନ ଓ ସଂସଦ କମ୍ପ୍ଲେକ୍ସ ଆଖପାଖରେ ପୋଲିସ ଏବଂ 'ର୍‍ୟାପିଡ୍ ଆକ୍ସନ୍ ଫୋର୍ସ' (ଆରଏଏଫ୍) ସହ ବିକ୍ଷୋଭକାରୀଙ୍କ ମୁହାଁମୁହିଁ ହୋଇଥିଲା। ସହରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଲାଗୁ ଥିବା ସତ୍ତ୍ୱେ ହଜାର ହଜାର ପ୍ରତିବାଦକାରୀ ବ୍ୟାରିକେଡ୍ ଭାଙ୍ଗି ସଂସଦ ଭବନ ନିକଟରେ ପହଞ୍ଚିଯାଇଥିଲେ।



## 'ଅପାର ଆଇଡି' ଲାଗୁ କରିବା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ 'ଅଟୋମେଟେଡ୍ ପର୍ମାନେଣ୍ଟ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି' (ଏପିଏଆର) ଆଇଡି ଯୋଜନାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ୨୦୨୫ ଡିସେମ୍ବରରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ରାୟକୁ ସାରା ଦେଶରେ ଲାଗୁ କରିବା ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶୁଣାଣି ସମୟରେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିନଥିବାରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ସିବିଏସ୍‌ଇକୁ ନିଜ ସମ୍ମତି ଫର୍ମରେ ପରିବର୍ତ୍ତନ କରିବାକୁ ପଡ଼ିବ, ଯେପରି ଅଭିଭାବକମାନେ ଆରମ୍ଭରୁ ହିଁ ଏହି ଯୋଜନାରୁ ଓହରିଯିବାର (ଅପ୍ଟ ଆଉଟ୍) କିମ୍ବା ଅନୁମତି ନ ଦେବାର ସ୍ପଷ୍ଟ ବିକଳ୍ପ ପାଇପାରିବେ। ୨୦୨୫ ଅଗଷ୍ଟରେ ସିବିଏସ୍‌ଇ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରଗୁଡ଼ିକୁ କୋର୍ଟ ରଦ୍ଦ କରିଛନ୍ତି, ଯେଉଁଥିରେ ନବମରୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପଞ୍ଜୀକରଣ ପାଇଁ ଏହି ୧୨-ଅଙ୍କ ବିଶିଷ୍ଟ ଶିକ୍ଷାଗତ ଆଇଡିକୁ ବାଧ୍ୟତାମୂଳକ କରାଯାଇଥିଲା। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସିବିଏସ୍‌ଇର କୌଣସି ନିୟମ ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩ (ଡିପିଡିପି ଆକ୍ଟ)ର ସୀମା ଅତିକ୍ରମ କରିପାରିବ ନାହିଁ।

# ଇରାନ ଉପରେ ଆମେରିକାର ଏୟାରଷ୍ଟ୍ରାଇକ୍

ୱାସିଂଟନ, ୩୦।୭ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକୀୟ ସେନା (ସେଣ୍ଟକମ୍) ଇରାନର ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ପସ (ଆଇଆରଜିସି) ର ସାମରିକ ଘାଟିଗୁଡ଼ିକ ଉପରେ ଏକ ବିଶାଳ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ନୂଆ ମୋଡ଼ ନେଇଛି। ଆମେରିକୀୟ ସୈନ୍ୟବାହିନୀକୁ ଲକ୍ଷ୍ୟ କରି ଇରାନ ଦ୍ୱାରା କରାଯାଇଥିବା ମିସାଇଲ ଆକ୍ରମଣର ଜବାବରେ ଆମେରିକା ଏହି ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ର ସୂଚନା ଅନୁଯାୟୀ, ବୁଧବାର ରାତିରେ ଇରାନର ଆଇଆରଜିସି କମାଣ୍ଡ ସେଣ୍ଟର, ମିସାଇଲ ଓ ଡ୍ରୋନ ତିଆରି ଘାଟି, ଉପକୂଳବର୍ତ୍ତୀ ସୁରକ୍ଷା କେନ୍ଦ୍ର ଏବଂ ନୌସେନା କ୍ଷମତାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି। ଆମେରିକୀୟ ସୈନ୍ୟ, ବାଣିଜ୍ୟିକ ଜାହାଜ ଏବଂ ପଡ଼ୋଶୀ ଗଲ୍ଫ ଦେଶଗୁଡ଼ିକ ପ୍ରତି ଇରାନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକରୁ ଆସୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି ପାଲଟା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେଣ୍ଟକମ୍ ପ୍ରକାଶ କରିଛି। ସେଣ୍ଟକମ୍ କହିଛି ଯେ, ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟି ଉପରେ ଇରାନ ଆକସ୍ମିକ ଭାବେ ଏକାଧିକ ବାଲିଷ୍ଟିକ ମିସାଇଲ ମାଡ଼ କରିଥିଲା। ତେବେ ଆମେରିକାର ସୁରକ୍ଷା ପ୍ରଣାଳୀ ଏହି ସମସ୍ତ ମିସାଇଲକୁ ଆକାଶମାର୍ଗରେ ହିଁ ସଫଳତାର ସହ ନଷ୍ଟ କରିଦେଇଥିଲା। ଏହି ଘଟଣା ପରେ ପଶ୍ଚିମ ଏସିଆରେ ନିୟୋଜିତ ୫୦, ୦୦୦ ରୁ ଅଧିକ ଆମେରିକୀୟ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଜିପ୍ଟର ଦାମିଏଟା ବନ୍ଦରରେ ଆମେରିକା ମାଲିକାନାରେ ଥିବା ଏକ ପ୍ରାକୃତିକ ଗ୍ୟାସ (ଏଲଏନ୍‌ଜି) ଜାହାଜ ଉପରେ ହୋଇଥିବା ଇରାନର ଡ୍ରୋନ୍ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କର ହେବାକୁ ଯାଉଛି। ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ମୁହାଁମୁହିଁ ପରିସ୍ଥିତି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।




# ଭାରତ ସୀମାନ୍ତରେ ଚୀନ୍ ମୁତୟନ କଲା ୧୨ଟି ଜେ-୨୦ ଷ୍ଟିଲ୍ଥ୍ ଫାଇଟର୍ ଜେଟ୍

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟସ୍ଥ ନିଜର ଦୁଇଟି ବାୟୁସେନା ଘାଟିରେ ଚୀନ୍ ତା'ର ୧୨ଟି ଅତ୍ୟାଧୁନିକ ଜେ-୨୦ 'ମାଇଟି ଡ୍ରାଗନ୍' ଷ୍ଟିଲ୍ଥ୍ ଯୁଦ୍ଧବିମାନ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି। ଭାରତୀୟ ସୀମା ନିକଟରେ ଚୀନ୍‌ର ଏହି ପଞ୍ଚମ ପିଢ଼ିର (ଫିଫ୍ଥ ଜେନେରେସନ) ଯୁଦ୍ଧବିମାନର ଏତେ ବଡ଼ ମୁତୟନ ନିକଟ ଅତୀତରେ ପ୍ରଥମ ଅଟେ। 'ଭାଣ୍ଟୋର' ସାଟେଲାଇଟ୍ ସଂସ୍ଥା ଦ୍ୱାରା ଜୁଲାଇ ୯ ଓ ଜୁନ୍ ୨୫ରେ ଉଠାଯାଇଥିବା ଚିତ୍ର ଅନୁଯାୟୀ, ଶିନଜିଆଙ୍ଗର ହୋତାନ ଏୟାରବେସ୍‌ରେ ୮ଟି ଏବଂ ତିବ୍ବତର ଲାସା ନିକଟସ୍ଥ ଦମାକ୍ସୁଙ୍ଗ ଏୟାରବେସ୍‌ରେ ୪ଟି ଜେ-୨୦ ବିମାନ ରଖାଯାଇଛି। ହୋତାନ ଏୟାରବେସ୍ ଲଦାଖର ଦୌଲତ ବେଗ୍ ଓଲଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ସେହିପରି ଦାମକ୍ସୁଙ୍ଗ ଏୟାରବେସ୍ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଦୂରରେ ଅବସ୍ଥିତ। ଏହି ଯୁଦ୍ଧବିମାନଗୁଡ଼ିକ ରାଡାର୍ ଆଖିରେ ସହଜରେ ଧରାପଡ଼ନ୍ତି ନାହିଁ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସୀମାନ୍ତରେ ସାମରିକ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଚୀନ୍ ଏପରି ପଦକ୍ଷେପ ନେଉଛି। ୨୦୨୦ ଗାଲୱାନ୍ ଘାଟି ସଂଘର୍ଷ ପରଠାରୁ ଭାରତ-ଚୀନ୍ ସୀମାରେ ଉତ୍ତେଜନା ଲାଗିରହିଛି। ଚୀନ୍‌ର ଏହି ବାୟୁସେନା ସକ୍ରିୟତା ମଧ୍ୟରେ ଭାରତୀୟ ବାୟୁସେନା ମଧ୍ୟ ନିଜର ଆଗଧାଡ଼ିର ସୁରକ୍ଷା ବ୍ୟବସ୍ଥା ଓ ଯୁଦ୍ଧବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ସଜାଗ ରଖିଛି।



## ବିଜେପି ନେତାଙ୍କୁ ନବୀନଙ୍କ କଟାକ୍ଷ

# ଓଡ଼ିଶାରେ ବନ୍ୟା; ଦିଲ୍ଲୀରେ ଚାଲିଛି ଭୋଜି



ଭୁବନେଶ୍ୱର,୩୦।୭(ସମିସ): ରାଜ୍ୟରେ ବନ୍ୟା ବିଭୀଷିକାକୁ ନେଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ବିଜେପିର ନେତାମାନେ ଦିଲ୍ଲୀରେ ଅଛନ୍ତି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବନ୍ୟାର ବିଭୀଷିକା ଥିବାବେଳେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ତଥା ସାଂସଦମାନେ ଏବେ ଦିଲ୍ଲୀରେ। ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ? ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି। ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି। ନବୀନ କହିଛନ୍ତି ଯେ ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର। ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଦେଖିଲେ ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର,୩୦।୭(ସମିସ): ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ଥିତିର ବିସ୍ତୃତ ସମୀକ୍ଷା କରିଛନ୍ତି। ବିଭିନ୍ନ ନଦୀର ଜଳସ୍ତର, ଜଳମଗ୍ନ ଗ୍ରାମ, ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳ ଓ ଚାଲିଥିବା ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ସେ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ଏହା ପରେ ପାଣି ଛାଡ଼ିବା ପରେ ଆସନ୍ତା ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ ଓ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଆକାଶ ମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏହି ସଂକଟ ସମୟରେ ବିପନ୍ନଙ୍କ ପାଖରେ ତୁରନ୍ତ ସହାୟତା ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ଆଜି ମଧ୍ୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରାଯାଇଛି। ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ତଳିଆ ଏବଂ ବିପଦସଙ୍କୁଳ ଅଞ୍ଚଳରେ ଫସି ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା, ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ

### ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ

ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ କ୍ଷୀର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହିତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମେଡିକାଲ୍ ଟିମ୍ ଓ ଔଷଧ ସହ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିପରି ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ଆଲର୍ଟ ମୋଡ୍‌ରେ ରଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛି ଏବଂ ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖାଯାଇଛି। ଓଡ଼ିଶା ସରକାର ପ୍ରତିଟି ନାଗରିକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

## ବୈତରଣୀ ପରେ ବ୍ରାହ୍ମଣୀର କରାଳ ରୂପ

# ବରୀରେ ୩ ଘାଇ; ଲକ୍ଷାଧିକ ଲୋକ ପାଣିଘେରରେ

ଯାଜପୁର,୩୦।୭(ସମିସ): ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟାସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି। ଜିଲ୍ଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତାର ବନ୍ୟା ଯୋଗୁଁ ଅର୍ଦ୍ଧାଧିକ ବ୍ଲକ୍ ପ୍ରଭାବିତ ହୋଇଛି। ବିଶେଷକରି ବୈତରଣୀ ଯୋଗୁଁ ଦଶରଥପୁର, ଯାଜପୁର, କୋରେଇ ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ

- ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ନିୟୋଜିତ
- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ : ଜିଲ୍ଲାପାଳ



ବ୍ରାହ୍ମଣୀ ଏବଂ ଖରସ୍ରୋତା ଯୋଗୁଁ ବରୀ, ବିଂଝାରପୁର, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହୋଇଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ବରୀର ୩ ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଚନ୍ଦନପୁର ପଞ୍ଚାୟତ ମିର୍ଜାପୁରରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଚନ୍ଦନପୁର, ମିର୍ଜାପୁର, ଜଗନ୍ନାଥପୁର ସମେତ ନଦୀ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ସେହିପରି ବ୍ରାହ୍ମଣୀ ନଦୀର ବାଙ୍କସାହି ନିକଟରେ ଏକ ୧୫୦ ଫୁଟର ଘାଇ ହୋଇଛି। ସେହିପରି ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମ ନିକଟରେ ପାଖା ପାଖି ୧୦୦ ଫୁଟର ଘାଇ ଫଳରେ ବରୀ, ରମ୍ଭା, ଅରଙ୍ଗାବାଦ୍ ସମେତ ୭ଟି ପଞ୍ଚାୟତ ଜଳବନ୍ଦୀ ହୋଇଛି। ରସୁଲପୁର ବ୍ଲକ୍ ଟିକରପଡ଼ା ନିକଟରେ ନିର୍ମାଣାଧୀନ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ଗାଁ ଭିତରକୁ ପଶିଯାଇଛି। ଟିକରପଡ଼ା, କୁଜିବର, ପୋଡ଼ା ଜାଗୁଲେଇ ସମେତ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ତେବେ ଜଳସେଚନ ବିଭାଗର ଅବହେଳା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ପହଙ୍ଗା, ତଣ୍ଡରା, ବରେଇ ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପକ ଫସଲ କ୍ଷତି ହୋଇଛି। ସେପଟେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ଘାଇ ମୁହଁ ତୁରନ୍ତ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ବାହିନୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବ୍ଲକ୍ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହୋଇଛନ୍ତି। ଅବକାରୀ କମିଶନର ତଥା ଯାଜପୁରର ପୂର୍ବତନ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମଗ୍ର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବରକର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ଜଳବନ୍ଦୀ ଥିବା ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଶୁକ୍ରବାର ମଧ୍ୟ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ଘୋଷଣା କରିଛନ୍ତି।

■ ଲଗାଣ ବର୍ଷା ନେଲା ଜୀବନ

# କାନ୍ଥ ଭୁଶୁଡ଼ି ମହିଳା ମୃତ

ମୁନିଗୁଡ଼ା, ୩୦।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଥାନା ରାଣୀପିଣ୍ଡା ପଞ୍ଚାୟତର ବାଘଡ଼ଙ୍ଗରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ବାଘଡ଼ଙ୍ଗରି ଗ୍ରାମର ରୁକୁଣି ବଛା (୨୬) ଭୋରରେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଘର ପାଖରେ ଥିବା ଏକ ପୁରୁଣା କାନ୍ଥ ତାଙ୍କ ଉପରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇଯାଇଥିବା ରୁକୁଣିଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରିଥିଲେ। ମାତ୍ର ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରୁକୁଣି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବ୍ଲକ ଏସ୍. ନଳା ଗ୍ରାମର ବୃନ୍ଦାବନ ଗୌଡ଼ଙ୍କ ଝିଅ। ତାଙ୍କର ବିବାହ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବାଘଡ଼ଙ୍ଗରି ଗ୍ରାମର ଭରତ ବଛାଙ୍କ ପୁଅ ସାନୁର୍ଜ୍ୟ ବଛାଙ୍କ ସହ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛିଦିନ ଧରି ଲଗାତାର ବର୍ଷା ଯୋଗୁଁ କାନ୍ଥଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଭିଜା ମାଟି ଖସିଯିବା ସହ କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଛି। ଖବର



### ସରକାରୀ ସହାୟତା ଦାବି

ପାଇ ଅମ୍ବାଦଳାର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ସ୍ଥାନୀୟ କଂଗ୍ରେସ ଯୁବନେତା ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ ମଧ୍ୟ ମୁନିଗୁଡ଼ା ବିଡିଓ ଓ ଅମ୍ବାଦଳା ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିବା ଜଣାପଡ଼ିଛି।

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ




ଭୁବନେଶ୍ୱର,୩୦।୭(ସମିସ): ଇଣ୍ଡିଆନ୍ ଆଇଡଲ୍' ସିଜନ୍-୧୬ର ବିଜୟିନୀ ତଥା ଓଡ଼ିଶାର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିବା ବେଳେ ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଏହି ଟାଇଟଲ ହାତେଇ ଓଡ଼ିଶାକୁ ଗର୍ବିତ କରିଥିବା ନବୀନ କହିଛନ୍ତି। ଏହି ଅବସରରେ ଜ୍ୟୋତିର୍ମୟୀଙ୍କୁ ରୂପା ତାରକସି କୋଣାର୍କ ଚକ୍ର ପ୍ରଦାନ କରି ତାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ।

# କାନପୁର ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ: ପ୍ରଶାସନ

କେନ୍ଦୁଝର/ଯୋଡ଼ା, ୩୦।୭(ସମିସ): କାନପୁର ଡ୍ୟାମ୍‌ରେ ଗଠନମୂଳକ ତ୍ରୁଟି ନେଇ ଫାଟ ଦେଖାଦେଇଥିବା ନେଇ କିଛି ବିଭ୍ରାନ୍ତିକର ତଥ୍ୟ ଓ ଖବର ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କୁହାଯାଇଛି ଯେ ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଏକ

### 'ଅସ୍ଥାୟୀ କଫର ଡ୍ୟାମ୍ ନେଇ କୌଣସି ଆଶଙ୍କା ନାହିଁ'

ଅସ୍ଥାୟୀ କଫର୍ ଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶବିଶେଷ ନୁହେଁ। ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି; ଯାହା କଫର୍ ଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର)। ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟରଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁସେକ୍



ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଫଳରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ। ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ଏହି ପାଣି ଆନନ୍ଦପୁର ବ୍ୟାରେଜ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ତେବେ, କୌଣସି ଖବର ପ୍ରକାଶ ବା ପ୍ରସାରଣ କରିବା ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସତ୍ୟତା ଯାଞ୍ଚ କରିବାକୁ ଗଣମାଧ୍ୟମଗୁଡ଼ିକୁ ଅନୁରୋଧ କରାଯାଇଛି।

# ବନ୍ୟାରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର/ମାଣତ୍ରୀ, ୩୦।୭ (ସମିସ) : ବନ୍ୟାର ଭୟଙ୍କର ରୂପ ପୁଣି ଏକ ଜୀବନ ନେଇଛି। ମୟୂରଭଞ୍ଜ ବଡ଼ସାହି ପାଳପାଟଣା ପୋଲରେ ଗଙ୍ଗାହର ନଦୀର ପ୍ରଖର ବନ୍ୟା ସ୍ରୋତରେ ଭାସିଯାଇଥିବା ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୦)ଙ୍କ ମୃତଦେହ ଘଟଣାର ପ୍ରାୟ ୨୪ ଘଣ୍ଟା ପରେ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଏହି ଘଟଣା ପରେ ସମଗ୍ର ରେମୁଣା ଅଞ୍ଚଳ ଶୋକରେ ସ୍ତବ୍ଧ ହୋଇପଡ଼ିଥିବା ବେଳେ ପାଳପାଟଣା ପୋଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି।

ଚୌଧୁରୀ ବେହେରା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ନିଜ ଝିଅଘରକୁ ଯାଇଥିଲେ। ବୁଧବାର ସେ ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପାଳପାଟଣା ପୋଲ ଉପରେ ଗଙ୍ଗାହର ନଦୀର ବନ୍ୟା ଜଳ ପ୍ରବାହିତ ହେଉଥିଲା। ପ୍ରଖର ସ୍ରୋତ ମଧ୍ୟରେ ସେ ସନ୍ତୁଳନ ହରାଇ ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଗୁରୁବାର ଓଡ୍ରାଫ ଟିମ୍ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଥିଲା। ଦୀର୍ଘ ସମୟର ତଲାସି ପରେ ନଦୀରୁ ଚୌଧୁରୀ ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବର୍ଷା ଋତୁରେ ଏହି ପୋଲ ଉପରେ ପ୍ରାୟ ପ୍ରତିବର୍ଷ ବନ୍ୟା ଜଳ ପ୍ରବାହିତ ହୁଏ। ତଥାପି ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା କିମ୍ବା ସ୍ଥାୟୀ ସମାଧାନ ହୋଇନାହିଁ। ପୂର୍ବରୁ ମଧ୍ୟ ଏହି ପୋଲରେ ବନ୍ୟା ଜଳରେ ଭାସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଉଚ୍ଚ ସେତୁ ନିର୍ମାଣ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ବଢ଼ିଛି।

# ବନ୍ୟାରେ ଧୋଇଗଲା 'ନେଚର କ୍ୟାମ୍ପ'

## କ୍ଷତି ଭରଣା କରିବ କିଏ ?

କେନ୍ଦୁଝର, ୩୦।୭(ସମିସ): ବୈତରଣୀ ନଦୀ ତଟରେ ନେଚର କ୍ୟାମ୍ପ ସ୍ଥାନ ନିରୂପଣ କରିବା ମହଂଗା ପଡିଛି। ବୈତରଣୀରେ ବର୍ଷର ପ୍ରଥମ ବନ୍ୟା ପାଣିରେ ନେଚର କ୍ୟାମ୍ପ ଧୋଇଯିବା ଘଟଣା ପ୍ରକୃତିପ୍ରେମୀଙ୍କୁ ଆଘାତ ଦେଇଛି। ସ୍ଥାନଟି ପ୍ରକୃତି ପ୍ରେମୀଙ୍କ ନିମନ୍ତେ ସ୍ୱର୍ଗଠାରୁ କମ ନଥିଲା। ବନ ବିଭାଗ ପକ୍ଷରୁ ଏକ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଦରଗୁଡ଼ିଶୀଳା ନଦୀ ପଠାରେ ୫ଟି ସୁନ୍ଦର କଟେଜ କାମ କରାଯାଉଥିଲା। ମାତ୍ର କାମ ନିମ୍ନମାନର ହେଉ କିମ୍ବା ସ୍ଥାନ ନିରୂପଣରେ ତ୍ରୁଟି କାରଣରୁ ଗତ ଲଗାଣ ବର୍ଷାର ବୈତରଣୀ ବଢ଼ି ପାଣିରେ ଏହା ଧୋଇଯାଇଛି। କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦରଗୁଡିଶିଳା ପର୍ଯ୍ୟଟନସ୍ଥଳରେ ନିର୍ମାଣାଧୀନ ୪ଟି ନେଚର କ୍ୟାମ୍ପ ବୈତରଣୀ ନଦୀ ବଢିରେ କ୍ଷତିଗ୍ରସ୍ତ ହେବା ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି। ପର୍ଯ୍ୟଟକଙ୍କ ପାଇଁ ୫ଟି କଟେଜ ମଧ୍ୟରୁ ୪ଟିର କାମ ସରିଥିଲା। ଏହି କାମ ନଭେମ୍ବର ପୂର୍ବରୁ ସରିବାର ଥିଲା। ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ଯେ ନେଚର କ୍ୟାମ୍ପ ଯେଉଁ ନଦୀ ତଟରେ କରାଯାଉଥିଲା ତାହା ହୁଏତ ଆଗାମି ଦିନରେ ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତା। ସ୍ଥାନ ନିରୂପଣରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ତ୍ରୁଟି ଯୋଗୁଁ ହୋଇଥିବା କ୍ଷତିର ଭରଣା କରିବ କିଏ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ୩ ଦିନ ହେଲା ବନ୍ୟାଘେରରେ ୭ ଲକ୍ଷ ବିପନ୍ନ

ଭୁବନେଶ୍ୱର,୩୦।୭(ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥାରେ ରହିଛି। ବୈତରଣୀ ଓ ଶାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଓ ଅନ୍ୟ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପ୍ରଭାବରେ ସାରା ଉତ୍ତର ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ମାତ୍ର ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ସ୍ଥିତି ସବୁଠୁ ଉଦ୍‌ବେଗ ଜନକ ରହିଛି। ସାରା ରାଜ୍ୟରେ ଅର୍ଥାତ୍ ୨୦ ଟି ଜିଲ୍ଲାରେ ବନ୍ୟା ଯୋଗୁଁ ମୋଟ୍ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଏଥିମଧ୍ୟରୁ କେବଳ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରୁ ସର୍ବାଧିକ ୬ ଲକ୍ଷ ୯୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଭଦ୍ରକର ସର୍ବାଧିକ ୪ ଲକ୍ଷ ୧୧ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ବାଲେଶ୍ୱରରୁ ୧ ଲକ୍ଷ ୪୬ ହଜାର ଓ ଯାଜପୁର ଜିଲ୍ଲାରେ ୧ ଲକ୍ଷ ୩୭ ହଜାର ଲୋକ ବନ୍ୟା ବିଭିଷୀକାର ଶିକାର ହୋଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ବୈତରଣୀରେ ଆସିଥିବା ବନ୍ୟା ଯୋଗୁଁ ଉତ୍ତର ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହାସହିତ ମହାନଦୀରେ ଜଳସ୍ତର ବଢ଼ିବା ହେତୁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ବନ୍ୟା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏବେ ସୁଦ୍ଧା ୨୦ ଟି ଜିଲ୍ଲାର ମୋଟ୍ ୧୦୦ ବ୍ଲକର ୫୩୯ ୧୪୫୮ ଗାଁ ପ୍ରଭାବିତ

- ଭଦ୍ରକ, ବାଲେଶ୍ୱର ଓ ଯାଜପୁରରେ ସ୍ଥିତି ଜଟିଳ
- ମୃତ୍ୟୁ ସଂଖ୍ୟାକୁ ନେଇ ମୁହଁ ଖୋଲୁନାହାନ୍ତି ସରକାର
- ମାଳ ମାଳ ଅଭିଯୋଗ, ସରକାରୀ ଭାବେ ୩ ମୃତ

ହୋଇଥିବା ବେଳେ ୧୪ ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଏବେ ସୁଦ୍ଧା ବନ୍ୟାରେ ମୋଟ୍ ୧୩୫୩ ଘର ଭାଙ୍ଗିଥିବା ବେଳେ ୨୪ ହଜାର ୮୯୬ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଅନ୍ୟପଟେ ବନ୍ୟା ଓ ଏହାର ପରୋକ୍ଷ କାରଣ ଯୋଗୁଁ ବୁଧବାର ରାତି ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବେସରକାରୀ ଭାବେ ଅଭିଯୋଗ ହୋଇଥିଲା। ଏହାସହିତ ଗୁରୁବାର ମଧ୍ୟ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସିଯାଇ ପ୍ରାଣ ହରାଇବା ଓ ଅଜଣା ମୃତ ଦେହ ମିଳିବା ଭଳି ଘଟଣା ସାମନାକୁ ଆସିଛି। ଏହାସହିତ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସି ଆସୁଥିବା ସାପ କାମୁଡ଼ା ଯୋଗୁଁ ମୃତ୍ୟୁ ନେଇ ମଧ୍ୟ ଅଭିଯୋଗ ହେଉଛି। ହେଲେ ସରକାରୀ ଭାବେ ମୃତକଙ୍କ ସଂଖ୍ୟାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ଆଜି ସନ୍ଧ୍ୟା ସୁଦ୍ଧା ସରକାରୀ ଭାବେ ମାତ୍ର ୩ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ କୁହାଯାଇଛି, କେନ୍ଦୁଝରରେ ଜଣେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ବେଳେ ଢେଙ୍କାନାଳରେ କାନ୍ଥ ପଡ଼ି ଜଣଙ୍କର ଜୀବନ ଯାଇଛି। ଏହାସହିତ ରାୟଗଡ଼ାରେ ମଧ୍ୟ କାନ୍ଥ ପଡ଼ିବା ଯୋଗୁଁ ଜଣେ ଲୋକଙ୍କର ଜୀବନ ଯାଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିବା କୁହାଯାଇଛି। ଏହାବ୍ୟତୀତ ବନ୍ୟା ଯୋଗୁଁ ମୋଟ୍ ୧୩୧୦ ଟି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିବା ବେଳେ କେବଳ ମୟୂରଭଞ୍ଜରୁ ୧୩୦୦ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁହାଯାଇଛି, ପ୍ରଭାବିତ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଲକ୍ଷ ୮୯ ହଜାର ୫୯୧ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ୫୨୦ଟି ରିଲିଫ କ୍ୟାମ୍ପରେ ରଖାଯାଇଛି। ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ସହ ମହିଳା ଏବଂ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜଳବନ୍ଦୀ ବଭାବେ ୨୧ଟି ଗାଁ ଥିବାବେଳେ ବାହ୍ୟଜଗତରୁ ସେମାନେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛନ୍ତି। ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଏବେ ସୁଦ୍ଧା ୩୭୮ କ୍ୱିଣ୍ଟାଲ୍ ଚୁଡ଼ା ଓ ୪୪.୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ ପାଇଁ ୨୪ ଟି ଓଡ୍ରାଫ୍, ୬ଟି ଏନ୍‌ଡିଆର୍‌ଏଫ୍ ଓ ୪୬ଟି ଅଗ୍ନିସମ ବାହିନୀ ନିୟୋଜିତ ହୋଇଛନ୍ତି।

ସକାଳ THE SAKALA



www.sakalaepaper.com

**ତଳସରାରେ ଚଢ଼ଉ**

# ଦେଶୀ ବନ୍ଧୁକ, ୨ଟି ମାଗାଜିନ ଓ ୩ଟି ଅଫୁଟା ଗୁଳି ଜବତ

ରାଉରକେଲା, ୩୦।୭ (ସମିସ)



ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ପୁଲିସକୁ ମିଳିଛି ଏକ ବଡ ସଫଳତା। ପୁଲିସ ଚଢ଼ଉ କରି ଜଣେ ଫେରାର ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତା ନିକଟରୁ ଦୁଇଟି ଦେଶୀ ବନ୍ଧୁକ, ଦୁଇଟି ମାଗାଜିନ ଏବଂ ତିନିଟି ଜୀବନ୍ତ ଗୁଳି ଜବତ କରିଥିବା ଜଣାପଡ଼ିଛି। ଗିରଫ ମଦ ବ୍ୟବସାୟୀ ହେଉଛନ୍ତି ଫଲିନ୍ଦ୍ର ସିଂହ(୩୭)। ତାଙ୍କ ଘର ତଳସରା ଥାନା ଅନ୍ତର୍ଗତ ରୁଣିପାଣି ଗାଁରେ ବୋଲି ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଅଧୀନ ରୁଣିପାଣି ଗ୍ରାମରେ ଫଲିନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତି ବେଆଇନ ମହୁଲି ମଦ ପ୍ରସ୍ତୁତି କରିବା ସହ ଘରେ ବେଆଇନ ଭାବେ ମାରଣାସ୍ତ୍ର ରଖିଥିବା ନେଇ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଏହାର ତଦନ୍ତ ପାଇଁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସଡିପିଓ ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ତଳସରା ଥାନା ଅଧିକାରୀ ଯଶୋବନ୍ତୀ ବାଗ ଏବଂ ଅବକାରୀ ବିଭାଗ ସଦଳବଳେ ମିଳିତ ଭାବେ ରୁଣିପାଣି ଗାଁର ଫଲିନ୍ଦ୍ର ସିଂହଙ୍କ ଘରେ ଗତ କାଲି ଅତର୍କିତ ଚଢ଼ଉ କରିଥିଲେ। ତେବେ ପୁଲିସ ପହଞ୍ଚିବା ପୂର୍ବରୁ ଘର ମାଲିକ ଫଲିନ୍ଦ୍ର ସିଂହ ନିକଟସ୍ଥ ଜଙ୍ଗଲକୁ ଫେରାର ଦୌଡି ହୋଇ ଯାଇଥିଲେ। ଚଢ଼ଉ ସମୟରେ ଏହି

**ଫେରାର ଅଭିଯୁକ୍ତ ଗିରଫ**

ଟିମ୍ ଘର ଭିତରୁ ପ୍ରାୟ ଦୁଇ କ୍ୱିଣ୍ଟାଲ ମହୁଲ ପୋଚ ଜବତ କରାଯାଇ ସେଗୁଡ଼ିକୁ ନଷ୍ଟ କରାଯାଇଥିଲା। ଏହା ସହିତ ଏକ ଦେଶୀ ସିଙ୍ଗଲ୍-ସଟ୍ ପିସ୍ତଲ, ଏକ ମାଗାଜିନ ଲାଗିଥିବା ଦେଶୀ ପିସ୍ତଲ, ଆଉ ଏକ ମାଗାଜିନ ଏବଂ ତିନିଟି ଜୀବନ୍ତ ଗୁଳି ଚଢଉ ବେଳେ ଜବତ କରାଯାଇଥିଲା। ତାଲସରା ଥାନାରେ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ବି)(ଏ) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ଏହାପରେ ଏସପି ଶ୍ରୀମତୀ କୌରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇ ନିକଟସ୍ଥ ଜଙ୍ଗଲରେ ଚଢଉ ବେଳେ ଅଭିଯୁକ୍ତ ଫଲିନ୍ଦ୍ର ସିଂହଙ୍କୁ କାବୁ କରାଯାଇଥିଲା। ଏହାପରେ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ଫଲିନ୍ଦ୍ର ସିଂହଙ୍କୁ ଗିରଫ କରିବାରେ ସଫଳ ହେବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଫଲିନ୍ଦ୍ର ସିଂହଙ୍କ ପୂର୍ବ ଅପରାଧିକ କାର୍ଯ୍ୟକଳାପ ତଥା ସେ ବେଆଇନ ଅସ୍ତ୍ର କେଉଁଠାରୁ ସଂଗ୍ରହ କରିଥିଲା, ସେନେଇ ପୁଲିସ ତଦନ୍ତ ଜାରିରଖିଛି। ତଳସରା ଥାନାର ସବ୍‌ଇନ୍ସପେକ୍ଟର ବିଜୟ କୁମାର ଦେହୁରୀ କରୁଥିବା ସୂଚନା ମିଳିଛି।

**● କାଳବୈଶାଖୀରେ ଆହତ ଯୁବତୀଙ୍କ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ମୃତଦେହ ରଖି ପ୍ରତିବାଦ

ରାଉରକେଲା, ୩୦।୭(ସମିସ): ଗତ ମେ' ୨୮ ତାରିଖରେ କାଳବୈଶାଖୀ ଝଡ଼ ସମୟରେ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିବା ଜଣେ ୨୧ ବର୍ଷୀୟା ଯୁବତୀଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଛି। ମୃତ ଯୁବତୀହେଲେ ବୀରମିତ୍ରପୁର ଥାନା ଅଧୀନ ମହୁଲି ଡାଫାଇ ଅଞ୍ଚଳର ପୁଷ୍ପା କେର୍କେଟା। ସୂଚନା ଅନୁଯାୟୀ, ମେ ୨୮ ତାରିଖରେ ହୋଇଥିବା କାଳବୈଶାଖୀ ଝଡ଼ ସମୟରେ ଏକ ପେଟ୍ରୋଲ ପମ୍ପ ପରିସରରେ ଥିବା ବିରାଟ ତେନ୍ତୁଳି ଗଛ ଭାଙ୍ଗି ପୁଷ୍ପାଙ୍କ ଘର ଉପରେ ପଡ଼ିଥିଲା। ଏହି ଦୁର୍ଘଟଣାରେ ସେ ଘର ଭିତରେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ।""ପ୍ରଥମେ ତାଙ୍କୁ ବୀରମିତ୍ରପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ଦୁଇ ମାସ ଧରି ଜୀବନ ସହ ସଂଘର୍ଷ କରିବା ପରେ ଗୁରୁବାର ସକାଳେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।""ଯୁବତୀଙ୍କ ମୃତ୍ୟୁ ପରେ ଶୋକାକୁଳ ପରିବାର ସଦସ୍ୟମାନେ ପେଟ୍ରୋଲ ପମ୍ପ ପରିସରରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଉଠାଇବାକୁ ପରିବାର ଅସ୍ୱୀକାର କରିବାରୁ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିଲା।

# ସମ୍ବଲପୁରୀ ଦିନ' ପାଳନ ଅବସରରେ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା

ରାଉରକେଲା, ୩୦।୭(ସମିସ): ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିବସ ଅଗଷ୍ଟ ପହିଲାକୁ 'ସମ୍ବଲପୁରୀ ଦିନ' ଭାବରେ ପାଳନ କରୁଥିବା ଜାଣି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଖୁସି ବ୍ୟକ୍ତ କରି କହିଛନ୍ତି ଯେ କଳା ଓ ସଂସ୍କୃତି ଗୋଟିଏ ଜାତିର ସବୁଠାରୁ ବଡ ପରିଚୟ। ସମ୍ବଲପୁରୀ ଲୋକକଳା, ସଙ୍ଗୀତ ଓ ହସ୍ତତନ୍ତ ଆମ ସମୃଦ୍ଧ ଐତିହର ଗୌରବମୟ ପରିଚୟ। କେବଳ ଓଡ଼ିଶା ନୁହେଁ, ଭାରତୀୟ ସଂସ୍କୃତିକୁ ମଧ୍ୟ ଏହା ଋଦ୍ଧିମନ୍ତ କରିଛି। ସମ୍ବଲପୁରୀ କଳା ଓ ସଂସ୍କୃତିର ପ୍ରସାର ଓ ବିକାଶ ଦିଗରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ଜୟନ୍ତୀ ଅବସରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ସେ ତାଙ୍କର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସୁନ୍ଦରଗଡ଼ କଳାକାର ମଞ୍ଚର ଏହି ସାଧୁ ଉଦ୍ୟମ ପାଇଁ ମଞ୍ଚ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତେବେ ବିଶେଷ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରୁ ନ ଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କର ଦୁଃଖ ପ୍ରକାଶ କରିଛନ୍ତି।

# ୬ ମାସ ହେଲା ଅଚଳ ହାଇମାଷ୍ଟ ଲାଇଟ୍



ବଣାଇଁଗଡ଼, ୩୦।୭(ସମିସ): ବଣାଇଁଗଡ଼ ବ୍ଲକ ଅଧୀନ ରୁଗୁଡ଼ା ଛକରେ ସ୍ଥାପିତ ହାଇମାଷ୍ଟ ଲାଇଟ୍ ପ୍ରାୟ ଛଅ ମାସରୁ ଅଧିକ ସମୟ ଧରି ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟା ପରେ ସମଗ୍ର ଅଞ୍ଚଳ ଅନ୍ଧାରରେ ରହୁଛି। ଏହାଫଳରେ ସ୍ଥାନୀୟଲୋକ, ବ୍ୟବସାୟୀ ଓ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରାୟ ଚାରିରୁ ପାଞ୍ଚ ବର୍ଷ ପୂର୍ବେ ବିଧାୟକ ପାଣ୍ଠିରୁ ଲୋକଙ୍କ ସୁବିଧା ପାଇଁ ଉକ୍ତ ହାଇମାଷ୍ଟ ଲାଇଟ୍ ସ୍ଥାପନ କରାଯାଇଥିଲା। ଦୀର୍ଘଦିନ ଧରି ଏହା ଭଲଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଗତ ଛଅ ମାସରୁ ଅଧିକ ସମୟ ହେବ ଏହା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବାରମ୍ବାର ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ରୁଗୁଡ଼ା ଛକ ଏକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ସନ୍ଧ୍ୟାପରେ ଅନ୍ଧାର ଯୋଗୁଁ ଦୁର୍ଘଟଣା ଓ ଅସାମାଜିକ କାର୍ଯ୍ୟକଳାପର ଆଶଙ୍କା ବଢ଼ୁଛି। ବିଶେଷକରି ରାତିରେ ଯାତାୟାତ କରୁଥିବା ଲୋକମାନେ ଅସୁବିଧାରେ ପଡ଼ୁଛନ୍ତି। ତେଣୁ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ହାଇମାଷ୍ଟ ଲାଇଟ୍‌ର ମରାମତି କରି ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି।

# ଦୁଇ ମହିଳାଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରରେ ଶୋକ ସଭା





ରାଉରକେଲା, ୩୦।୭(ସମିସ): ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ ଗୋପବନ୍ଧୁ ପାଠାଗାରର ସହ କୋଷାଧ୍ୟକ୍ଷ ହରିହର ନାୟକଙ୍କ ମାତା ଦ୍ୟୁତି ନାୟକଙ୍କର ଜୁଲାଇ ୧୯ ତାରିଖ ଦିନ ଏବଂ ପାଠାଗାରର ଅନ୍ୟତମ ଆଜୀବନ ସଦସ୍ୟ ତଥା ଶୁଭେଚ୍ଛୁ ବଟକୃଷ୍ଣ ପଟ୍ଟନାୟକଙ୍କର ସହଧର୍ମିଣୀ ବନୀ ପଟ୍ଟନାୟକଙ୍କର ଜୁଲାଇ ୨୭ ତାରିଖ ଦିନ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ଉଭୟଙ୍କ ବୟସ ୮୫ ବର୍ଷ ହୋଇଥିବାବେଳେ ଉଭୟ ଧର୍ମ ପରାୟଣା ତଥା ନିଜ ନିଜ ସ୍ତରରେ ସମାଜ ସେବାରେ ବ୍ରତୀ ଥିଲେ। ଏହି ଦୁଇ ବର୍ଷୀୟାନ ମହିଳାଙ୍କ ସ୍ମୃତି ଚାରଣ ପାଇଁ ଗୋପବନ୍ଧୁ ପାଠାଗାରରେ ଡ. ଗିରିଜା ଶଙ୍କର ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅନୀଲ କୁମାର ଦାଶ, ଲକ୍ଷ୍ମଣନାଥ ଦାସ, ରବୀନ୍ଦ୍ର କୁମାର ସରାଫ ଏବଂ ଗିରିଜା ଶଙ୍କର ଗୋସ୍ୱାମୀ ପ୍ରମୁଖ ଉଭୟଙ୍କ ସ୍ମୃତି ଚାରଣ କରିଥିବାବେଳେ ଏହି ସଭାରେ ରବିନାରାୟଣ ସିଂହ, ପ୍ରଭାକର ସାହୁ, ଅଜୟ କୁମାର ମହାନ୍ତି, ଅଶୋକ କୁମାର ଶୁକ୍ଳ, ଦେବରାଜ ଗଉଡ଼, ତ୍ରିଲୋଚନ ମିଶ୍ର, ନୃସିଂହ ଚରଣ ବିଶ୍ୱାଳ, ରମେଶ ଚନ୍ଦ୍ର ସିଂହ, ଜ୍ଞାନେନ୍ଦ୍ର କୁମାର ରାୟ, ରମାକାନ୍ତ ଷଡ଼ଙ୍ଗୀ, ଧ୍ରୁବଚରଣ ନାୟକ, ସୌରଭ ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ବିବେକାନନ୍ଦ ଜେନା, ଗଗନ ବିହାରୀ ଜେନା, କୈଳାସ ଚନ୍ଦ୍ର ସାମଲ, ମାଧବ ଚନ୍ଦ୍ର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା, ଦିନବନ୍ଧୁ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତି ଅବହେଳା**

# ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ନୋଟିସ ଦେଲେ ବିଧାୟକ



ରାଉରକେଲା, ୩୦।୭(ସମିସ): ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନ ନୋଟିସ ପ୍ରଦାନ କରିଛନ୍ତି। ଏହି ନୋଟିସରେ ସେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ (ଜିଏମ୍‌ସିଏଚ୍)ର ସମସ୍ତ ଖାଲିପଦକୁ ଆସନ୍ତା ଏକ ମାସ ମଧ୍ୟରେ ପୂରଣ କରିବା ସହ ଆଇସିୟୁ ସୁବିଧାକୁ ତୁରନ୍ତ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏହି ଦାବି ପତ୍ରଟି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦ୍ୱାରା ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଗଲା ସମୟରେ ଏହି ପ୍ରତିନିଧି ମଣ୍ଡଳୀରେ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ତଥା ଜିଲ୍ଲା ବିଜେଡି ଉପସଭାପତି ସୁମନ୍ତ ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଏମଡି କଲିମ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରରେ ବିଧାୟକ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିଷ୍ପତ୍ତି ସତ୍ତ୍ୱେ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ ପ୍ରତି କ୍ରମାଗତ ଅବହେଳା କରାଯାଉଛି। ରାଜ୍ୟ ସରକାର ସରକାରୀ ମେଡିକାଲ କଲେଜଗୁଡ଼ିକର ସୁପର ସ୍ପେଶାଲିଟି ବିଭାଗ ପାଇଁ ୧୫୨ଟି ନୂତନ ଶିକ୍ଷକ ଓ ବିଶେଷଜ୍ଞ ଡାକ୍ତର ପଦକୁ ଅନୁମୋଦନ କରିଥିଲେ ମଧ୍ୟ ସୁନ୍ଦରଗଡ଼ ଜିଏମ୍‌ସିଏଚ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ମଧ୍ୟ ନିଯୁକ୍ତି କରାଯାଇ ନାହିଁ। ଅନ୍ୟପକ୍ଷରେ କଟକର ଏସ୍‌ସିବି ମେଡିକାଲ କଲେଜ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ, ବୁର୍ଲାର ଭିମସାର ଏବଂ ଅନ୍ୟାନ୍ୟ ନବ ପ୍ରତିଷ୍ଠିତ ମେଡିକାଲ କଲେଜରେ ଏହି ପଦଗୁଡ଼ିକ ପୂରଣ କରାଯାଉଛି। ଏହି ମନୋଭାବକୁ ସେ ସୁନ୍ଦରଗଡ଼ବାସୀଙ୍କ ପ୍ରତି 'ଗଭୀର ଅନ୍ୟାୟ ଓ ବୈଷମ୍ୟମୂଳକ' ବୋଲି ବର୍ଣ୍ଣନା କରିଛନ୍ତି। ବିଧାୟକ ହସ୍ପିଟାଲର ବର୍ତ୍ତମାନ ସ୍ଥିତିକୁ ଉଲ୍ଲେଖ କରି କହିଛନ୍ତି ଯେ ବର୍ତ୍ତମାନ ଜିଏମ୍‌ସିଏଚ୍‌ରେ ୩୮ ଜଣ ଜୁନିଅର ରେସିଡେଣ୍ଟ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ମାତ୍ର ଜଣେ କାର୍ଯ୍ୟରତ ଅଛନ୍ତି। ଯେଉଁଥି ପାଇଁ ଆଉଟଡୋରରେ ଡାକ୍ତର ଅଭାବ ସବୁବେଳେ ଲାଗି ରହୁଛି ଏବଂ ଘଣ୍ଟା ଘଣ୍ଟା ସମୟ ରୋଗୀ ଲାଇନରେ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ୧୮୦ ଜଣ ଅନୁମୋଦିତ ଡାକ୍ତର ପଦ ମଧ୍ୟରୁ ବର୍ତ୍ତମାନ କେବଳ ୧୨୭ ଜଣ ଉପଲବ୍ଧ ଅଛନ୍ତି। ବର୍ତ୍ତମାନ ୨୦ଟି ଆଇସିୟୁ ଶଯ୍ୟା କାର୍ଯ୍ୟ କରୁଥିବା ବେଳେ ଏହା ସମ୍ପୂର୍ଣ୍ଣ ଅପର୍ଯ୍ୟାପ୍ତ ଏବଂ ଏହାର ତୁରନ୍ତ ଆହୁରୀ ୨୦ଟି ବୃଦ୍ଧି ଆବଶ୍ୟକ। ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ି, ଆସନ୍ତା ଏକ ମାସ ମଧ୍ୟରେ ଜିଏମ୍‌ସିଏଚ୍ ସୁନ୍ଦରଗଡ଼ର ସମସ୍ତ ଖାଲି ପଦ ପୂରଣ କରିବା ସହ ଆଇସିୟୁ ସୁବିଧାର ବ୍ୟାପକ ସମ୍ପ୍ରସାରଣ କରିବା ସହିତ ଏଠାରେ ସମସ୍ତ ବିଭାଗର ଚିକିତ୍ସା ଆରମ୍ଭ କରେଇବାକୁ ଅନୁରୋଧ କରିଛନ୍ତି। ସେ ସତର୍କ କରାଇଛନ୍ତି ଯେ, ଯଦି ଏହି ଦୀର୍ଘଦିନର ନ୍ୟାୟସଙ୍ଗତ ଦାବିଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ ନହୁଏ, ତେବେ ସୁନ୍ଦରଗଡ଼ବାସୀ ଉନ୍ନତ ଓ ସୁଲଭ ସ୍ୱାସ୍ଥ୍ୟସେବା ପାଇବାର ମୌଳିକ ଅଧିକାରର ସୁରକ୍ଷା ପାଇଁ ଅନିର୍ଦ୍ଦିଷ୍ଟକାଳୀନ ଆନ୍ଦୋଳନର ପଥ ବାଛିବାକୁ ବାଧ୍ୟ ହେବେ।

# ପରିବେଶ ପ୍ରତି ଉତ୍ତରଦାୟିତ୍ୱ ଓ ସୁସ୍ଥ ଜୀବନଶୈଳୀ ଆଲୋଚନାଚକ୍ର




ରାଉରକେଲା, ୩୦।୭(ସମିସ): ରାଉରକେଲା ଆସୋସିଏସନ୍ ଫର୍ ବାୟୋଜେନେସିସ୍ ଅଫ୍ ସାଇନ୍ସ ଆଣ୍ଡ ସ୍ପିରିଚୁଆଲିଟି (ଆର୍‌ଏବିଏସ୍‌ଏସ୍) ଓ ସରବତୀ ଦେବୀ ମହିଳା ମହାବିଦ୍ୟାଳୟ, ରାଜଗାଙ୍ଗପୁର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ସରବତୀ ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ପ୍ରତି ଉତ୍ତରଦାୟିତ୍ୱ ଏବଂ ସୁସ୍ଥ ପରିବେଶାନୁକୂଳ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା କଲ୍ୟାଣୀ ସାହୁଙ୍କ ସ୍ୱାଗତଭାଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ଅଶୋକ କୁମାର ବେଉରା ସମସ୍ତଙ୍କୁ ସ୍ୱାଗତ କରିବା ସହ ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପରିବେଶ ସଚେତନତା ଜାଗ୍ରତ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଏବିଏସ୍‌ଏସ୍‌ର ସଭାପତି ପ୍ରଜାପତି ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଦସ୍ୟ ଡ. ଶ୍ୟାମ ପ୍ରସାଦ ସ୍ୱାଇଁ, ସଦସ୍ୟ ସୁବାସ ଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ପୂର୍ବତନ ଡିଜିଏମ୍, ସେଲ୍‌ଫ, ଆର୍‌ଏସ୍‌ପି, ରାଉରକେଲା ଇଂ ଲଲାଟେନ୍ଦୁ ପ୍ରଧାନ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏକ ସମ୍ବର୍ଦ୍ଧନା ଏବଂ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିବେଶ ସଚେତନତା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଜେତା ଛାତ୍ରୀମାନେ ନିଜ ନିଜର ଅନୁଭୂତି ଶେୟାର କରିବା ସହ ଅନ୍ୟ ସାଥୀମାନଙ୍କୁ ପରିବେଶ ସଂରକ୍ଷଣ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଆର୍.ଏ.ବେଗମ୍ ଅତିଥି, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରୀ ଏବଂ ଆୟୋଜକମାନଙ୍କୁ କାର୍ଯ୍ୟକ୍ରମକୁ ସଫଳ ଓ ଅର୍ଥପୂର୍ଣ୍ଣ କରିଥିବାରୁ ସାଧୁବାଦ ସହ ସଶ୍ରଦ୍ଧ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍‌ର ପ୍ରଥମ ତ୍ରୈମାସିକ ଲାଭରେ ବୃଦ୍ଧି

ରାଉରକେଲା, ୩୦।୭(ସମିସ): ସେଲ୍‌ର ଆର୍ଥିକ ବର୍ଷ ୨୦୨୭ ପ୍ରଥମ ତ୍ରୈମାସିକରେ ସେଲର ପ୍ରଦର୍ଶନ ସମ୍ପର୍କରେ ଟିପ୍ପଣି ଦେଇ ସେଲ୍‌ଫର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡା କହିଛନ୍ତି, ଏହି ପ୍ରଦର୍ଶନ ସେଲ୍‌ଫର ସମନ୍ୱିତ ରଣନୀତିକ ଶକ୍ତିକୁ ପ୍ରତିଫଳିତ କରେ। ମଧ୍ୟପ୍ରାଚ୍ୟରେ ଅସ୍ଥିରତା ହେତୁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଆମେ ସକ୍ରିୟ କାର୍ଯ୍ୟ ପଦକ୍ଷେପ ସହିତ ଆର୍ଥିକ ବିଚକ୍ଷଣତା ମାଧ୍ୟମରେ ଦୃଢ଼ତା ପ୍ରଦର୍ଶନ କରିଛୁ। ଏହି ତ୍ରୈମାସିକରେ ପ୍ରଦର୍ଶନ, ଦକ୍ଷତା ବୃଦ୍ଧି ଦିଗରେ ଏକ ସଚେତନ ପ୍ରୟାସକୁ ଦର୍ଶାଇଛି। ଏହା ସହିତ କମ୍ପାନୀର ନଗଦ ପ୍ରବାହ ପରିଚାଳନା, କଠୋର ଆର୍ଥିକ ନିୟନ୍ତ୍ରଣ ଏବଂ ସୁଦୃଢ଼ କାର୍ଯ୍ୟକାରୀ ପୁଞ୍ଜି ଅଭ୍ୟାସ ପ୍ରତି ଶୃଙ୍ଖଳିତ ଆଭିମୁଖ୍ୟ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଆର୍ଥିକ ବର୍ଷ ୨୦୨୭, ପ୍ରଥମ ତ୍ରୈମାସିକରେ କମ୍ପାନୀର ଉତ୍ପାଦ ମିଶ୍ରଣ ଏବଂ ନିବେଶ ପ୍ରାଥମିକତାରେ ଅଗ୍ରଗତିକୁ ପ୍ରତିଫଳିତ କରିଛି। ମୋଟ ବିକ୍ରୟ ଯୋଗ୍ୟ ଇସ୍ପାତରେ ଫିନିଶଡ୍ ଷ୍ଟିଲ୍‌ର ଅନୁପାତ ଗତ ବର୍ଷର ସମାନ ଅବଧିର ୮୬% ତୁଳନାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୮୯% କୁ ବୃଦ୍ଧି ପାଇଛି, ଯାହା କମ୍ପାନୀର ସମଗ୍ର ଉତ୍ପାଦ ବାସ୍କେଟରେ ସେମି ଫିନିଶଡ୍ ଷ୍ଟିଲ୍‌ର କ୍ରମାଗତ ହ୍ରାସକୁ ସୂଚାଉଛି। ଭାଲ୍ୟୁ-ଏଡେଡ୍ ଷ୍ଟିଲ୍ ଚାଲାଣ ବିଗତବର୍ଷ ତୁଳନାରେ ଚଳିତବର୍ଷ ପ୍ରଥମ ତ୍ରୈମାସିକରେ ୭.୫% ବୃଦ୍ଧି ପାଇଛି, ଯାହା ଗୁଣବତ୍ତା-ଭିତ୍ତିକ ଅଭିବୃଦ୍ଧି ଉପରେ ସେଲ୍‌ଫ ର ଧ୍ୟାନକୁ ଦୃଢ଼ୀଭୂତ କରୁଛି। ଏଥିସହିତ, ବିସ୍ତାରିକରଣ ଜନିତ ପୁଞ୍ଜି ବ୍ୟୟ ଲକ୍ଷ୍ୟ ୨, ୩୦୬ କୋଟିରୁ ଅଧିକ ହୋଇ ୨, ୫୭୫ କୋଟିରେ ପହଞ୍ଚିଛି, ଯାହା କ୍ଷମତା ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ଦିଗରେ କମ୍ପାନୀର ରଣନୈତିକ ନିବେଶ ଏବଂ ସମ୍ବଳର ସକ୍ରିୟ ଆବଣ୍ଟନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ତ୍ରୈମାସିକରେ ସେଲର ବାଣିଜ୍ୟ ରଣନୀତିକୁ କାର୍ଯ୍ୟ ଦୃଢ଼ତାରେ ରୂପାନ୍ତରିତ କରିବାର କ୍ଷମତା ମଧ୍ୟ ପ୍ରଦର୍ଶିତ ହୋଇଛି। ବର୍ଦ୍ଧିତ ଲୁହାପଥର ଉତ୍ପାଦନ କମ୍ପାନୀକୁ ନିଜର ଆଭ୍ୟନ୍ତରୀଣ କଞ୍ଚାମାଲ ଆବଶ୍ୟକତା ସମ୍ପୂର୍ଣ୍ଣ ଭାବରେ ପୂରଣ କରିବାକୁ ସକ୍ଷମ କରିବା ସହିତ ଘରୋଇ ବଜାରରେ ବଳକା ବିକ୍ରୟ ସାମର୍ଥ୍ୟ ଦେଇଛି। ଫଳସ୍ୱରୂପ, ପ୍ରଥମ ତ୍ରୈମାସିକରେ ଲୌହ ଖଣିଜ ବିକ୍ରି ଗତ ବର୍ଷର ସମାନ ଅବଧି ତୁଳନାରେ ୨୬୯% ବୃଦ୍ଧି ରେକର୍ଡ କରିଛି।

**ଶ୍ରାବଣ ମାସ ପାଇଁ ପ୍ରସ୍ତୁତି ବୈଠକ**

# କାଉଡ଼ିଆଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ



ବଣାଇଁଗଡ଼, ୩୦।୭(ସମିସ): ପବିତ୍ର ଶ୍ରାବଣ ମାସରେ ବଣାଇଁ ବାବା ବାଣେଶ୍ୱର ମନ୍ଦିରକୁ ବହୁ ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମ ହେଉଥିବାରୁ ସେମାନଙ୍କ ସୁରକ୍ଷା, ସୁବିଧା ଓ ଶୃଙ୍ଖଳିତ ଜଳାଭିଷେକକୁ ଦୃଷ୍ଟିରେ ରଖି ଗୁରୁବାର ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରାବଣ ମାସରେ କାଉଡ଼ିଆ ଭକ୍ତମାନେ ନଦୀରୁ ପବିତ୍ର ଜଳ ଆଣି ସୁରକ୍ଷିତ ଓ ଶାନ୍ତିଶୃଙ୍ଖଳାର ସହିତ ବାବା ବାଣେଶ୍ୱରଙ୍କ ନିକଟରେ ଜଳାଭିଷେକ କରିପାରିବେ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ମନ୍ଦିର ପରିସରର ସ୍ୱଚ୍ଛତା, ପାନୀୟଜଳ, ଆଲୋକୀକରଣ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସୁରକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ, ଅଗ୍ନିଶମ ବିଭାଗ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ, ବଣାଇଁଗଡ଼ ସରପଞ୍ଚ, ବଣାଇଁଗଡ଼ ପଞ୍ଚାୟତର ନିର୍ବାହୀ ଅଧିକାରୀ, ବନ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀମାନଙ୍କ ସହ ବାବା ବାଣେଶ୍ୱର ମନ୍ଦିରର ପୂଜକ ଜୟଶଙ୍କର ଦେହୁରୀ ଓ ମୀରାଶଙ୍କର ଦେହୁରୀ ଉପସ୍ଥିତ ଥିଲେ।

# ସେଲ୍ ନିର୍ଦ୍ଦେଶକଙ୍କ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ

ରାଉରକେଲା, ୩୦।୭(ସମିସ)



ସେଲ ର ନିର୍ଦ୍ଦେଶକ (ଖଣି) ଏମ୍‌ଆର୍. ଗୁପ୍ତା ଜୁଲାଇ ୩୦ ତାରିଖରେ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିବା ସହ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ଗସ୍ତ ସମୟରେ ତାଙ୍କ ସହିତ ଉପସ୍ଥିତ ଥିଲେ। ଏହି ଗସ୍ତ ସିପିଟିଆଇ ଭବନରୁ ଆରମ୍ଭ ହୋଇ ପେଲେଟ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳ, ଷ୍ଟାମ୍ପ ଚାର୍ଜ ବ୍ୟାଟେରୀ ପ୍ରକଳ୍ପ ସ୍ଥଳ ଏବଂ ଆରଏସପିର ସମ୍ପ୍ରସାରଣ ସ୍ଥଳ ପର୍ଯ୍ୟନ୍ତ ଥିଲା। ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପରିଦର୍ଶନ ସମୟରେ ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍. ପି. ସିଂ ଏବଂ ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ୍. ପାଲ ଚୌଧୁରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ଚାଲୁରହିଥିବା କାର୍ଯ୍ୟର ଅଗ୍ରଗତି ଏବଂ କାର୍ଯ୍ୟକାରୀ ହେବାର ସମୟସୀମା ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ପରେ ଶ୍ରୀଗୁପ୍ତା ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ସଚିବାଳୟର ମନ୍ଥନ ସମ୍ମିଳନୀକକ୍ଷରେ ଆର୍‌ଏସ୍‌ପିର ଅଧିକାରୀମାନଙ୍କ ସହ ନୂତନ ସମ୍ପ୍ରସାରଣ ୟୁନିଟ୍‌ଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା ବୈଠକ କରିଥିଲେ, ଯେଉଁଥିରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, କାର୍ଯ୍ୟକାରୀ ରଣନୀତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀ ଗୁପ୍ତା ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଅଧିକାରୀମାନଙ୍କୁ ଭେଟି ସେଲର ଖନନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଖଣି ପରିଚାଳନା, କଞ୍ଚାମାଲର ଉପଲବ୍ଧତା ଏବଂ ଅନ୍ୟାନ୍ୟ ରଣନୈତିକ ବିଷୟ ଗୁଡ଼ିକର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ, ଖଣି ବିଭାଗ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଗୁପ୍ତା ଜୁଲାଇ ୨୯ ତାରିଖ ସନ୍ଧ୍ୟାରେ ରାଉରକେଲାରେ ପହଞ୍ଚିଥିଲେ ଏବଂ ଜୁଲାଇ ୩୧ ତାରିଖରେ ସେଲର ବିଭିନ୍ନ ଖଣି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# କମୁଛି ମହାନଦୀ ଜଳସ୍ତର, ତଥାପି ବିପଦସୀମା ଉପରେ

**ବୌଦ୍ଧ, ୩୦।୭(ସମିସ):** କିଛି ଦିନ ଧରି ଲଗାଣ ବର୍ଷା ଓ ଉପରମୁଣ୍ଡରୁ ବ୍ୟାପକ ପରିମାଣରେ ବନ୍ୟାଜଳ ପ୍ରବାହିତ ହେବା ପରେ ବୌଦ୍ଧ ଜିଲ୍ଲାରେ ମହାନଦୀର ଜଳସ୍ତର ବଢ଼ିଛି। ତେବେ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି। ଜିଲ୍ଲାବାସୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ଦେଖାଦେଇଛି। ଯଦିଓ ଜଳସ୍ତର କମୁଛି ଏବେ ମଧ୍ୟ ବିପଦସୀମା ଉପରେ ରହିଥିବାରୁ ପ୍ରଶାସନ ପକ୍ଷରୁ ସତର୍କତା ଜାରି ରହିଛି। ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ବୌଦ୍ଧ ଆଇବି ଗେଜ୍ ନିକଟରେ ମହାନଦୀର ଜଳସ୍ତର ୮୭.୧୫ ମିଟର ରହିଥିଲା। ଏଠାରେ ଜିରୋ ଲେଭେଲ ୮୧.୦୫ ମିଟର, ସତର୍କତା ସ୍ତର ୮୬.୮୦ ମିଟର ଓ ବିପଦସୀମା ୮୭.୮୦ ମିଟର ନିର୍ଦ୍ଧାରିତ ରହିଛି। ବର୍ତ୍ତମାନ ଜଳସ୍ତର ବିପଦସୀମାଠାରୁ ତଳକୁ ଆସିଥିଲେ ମଧ୍ୟ ସତର୍କତା ସ୍ତରଠାରୁ ଉପରେ ରହିଛି। ନଦୀରେ ବର୍ତ୍ତମାନ ୭, ୮୯, ୦୧୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜଳସ୍ତର କମୁଥିବାରୁ ବନ୍ୟା ପରିସ୍ଥିତିରେ କ୍ରମେ ସୁଧାର ଆସିବ ବୋଲି ଆଶା କରାଯାଉଥିଲେ ମଧ୍ୟ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ସତର୍କତା ଅବଲମ୍ବନ କରାଯାଉଛି। ନଦୀ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳ, ଚାଷଜମି ଓ ଘାଟ ନିକଟକୁ ଅନାବଶ୍ୟକ ଯାତାୟାତ ନ କରିବାକୁ ପ୍ରଶାସନ ପରାମର୍ଶ ଦେଇଛି। ସେହିପରି ସ୍ଥାନୀୟ ପ୍ରଶାସନ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ, ଉପରମୁଣ୍ଡରେ ବର୍ଷାର ପରିମାଣ ଓ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରିସ୍ଥିତି ଉପରେ ଆଗାମୀ ଦିନର ଜଳସ୍ତର ନିର୍ଭର କରିବ। ତେଣୁ ଜଳସେଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳସ୍ତରର ପ୍ରତିଟି ପରିବର୍ତ୍ତନ ଉପରେ ତୀକ୍ଷଣ ନଜର ରଖାଯାଇଛି।

# ସୁକତେଲ ନଦୀ ଗର୍ଭରେ କୁମିଆପାଲିର ୧୬ ପରିବାର

**ବଲାଙ୍ଗିର, ୩୦।୭(ସମିସ)**

ବଲାଙ୍ଗିର ଜିଲ୍ଲାର ଦୁଇ ବ୍ଲକ ପାଟଣାଗଡ଼ ଓ ଖପ୍ରାଖୋଲ ବ୍ଲକରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ସୁକତେଲ ନଦୀ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇଛି। ସୁକତେଲ ନଦୀରେ ମାଗୁରବେଡାଠାରେ ହୋଇଥିବା ଡ୍ୟାମ୍‌ରେ ଚଳିତ ବର୍ଷ ଜଳ ସଂରକ୍ଷଣ କରି ରଖିବା ନେଇ ନିଷ୍ପତ୍ତି ହୋଇଛି। ଅଧିକ ପାଣିକୁ ବୁଧବାର ସୁଦ୍ଧା ୭ଟି ଗେଟ ଦେଇ ନିଷ୍କାସନ କରାଯାଇଛି; କିନ୍ତୁ ଏହି ପ୍ରକଳ୍ପରେ ପ୍ରଭାବିତ ଗାଁ କୁମିଆପାଲିର ୧୬ ପରିବାରର ଚିନ୍ତା ଏବେ ବି ପ୍ରଶାସନ ମୁଣ୍ଡରେ ରହିଛି। ଚାରିଆଡେ ପାଣି ମାଡିଯାଇଥିବା ସତ୍ତ୍ୱେ ଏହି ୧୬ ପରିବାର ଏଯାଏଁ ଗାଁ ଛାଡିନାହାନ୍ତି। କୁମିଆପାଲିକୁ ସଂଯୋଗ ବିଚ୍ଛିନ୍ନ ହୋଇଥିବା ସତ୍ତ୍ୱେ ପ୍ରଶାସନର ଅନେକ ବୁଝାସୁଝା ସତ୍ତ୍ୱେ ସେମାନେ ଗାଁ ଛାଡିବାକୁ ମନା କରିଦେଇଛନ୍ତି; ଯାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ସୁକତେଲ ନଦୀରେ ଭୀଷଣ ଗର୍ଜନ କରି ପାଣି ମାଡିଆସୁଛି। ଲୋୟର ସୁକତେଲ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ଗାଁଗୁଡ଼ିକରେ ଏବେ ପାଣି ମାଡିସାରିଛି; କିନ୍ତୁ ଏହି ପ୍ରକଳ୍ପ ରେ ପ୍ରଭାବିତ ହେବାକୁ ଥିବା କୁମିଆପାଲିକୁ ନେଇ ପ୍ରଶାସନ ଚିନ୍ତାରେ ପଡ଼ିଛି। ଗତ କିଛି ଦିନ ହେଲା ଏହି ଗ୍ରାମର ଆଦିବାସୀ ପରିବାର ବିସ୍ଥାପିତ ହେବାକୁ ମନା କରିଦେଇଥିଲେ। ଗାଁ ମଝିରେ ବସି ଆନ୍ଦୋଳନ କରିଥିଲେ। ପ୍ରଶାସନ ପକ୍ଷରୁ ବୁଝାସୁଝା କରିବା ପରେ ତାଙ୍କର କିଛି ନେତୃମଣ୍ଡଳିକୁ ଗିରଫ କରି ଚାପ ସୃଷ୍ଟି କରିଥିଲା। ପରେ ପୁଣି ଆଲୋଚନା କରିବା ସହ ଲୋକଙ୍କୁ ବୁଝାଇବାରେ କିଛିମାତ୍ରାରେ ପ୍ରଶାସନ ସଫଳ ହୋଇଥିଲା; କିନ୍ତୁ ଏବେ ପୁଣି କିଛି ପରିବାର ଲୋକ ଗାଁ ଛାଡିବାକୁ ମନା କରିଦେଇଥିବା ଜଣାପଡ଼ିଛି। କୁମିଆପାଲି ଗାଁର ଚାରିଆଡେ ପାଣି ମାଡିସାରିଛି। ୧୬ ପରିବାରର ୮୪ ଜଣ ସଦସ୍ୟ ଏବେବି ଗାଁରେ ଥିବା ଜଣାପଡ଼ିଛି। ବାରମ୍ବାର ପ୍ରଶାସନିକ ଅଧିକାରୀ ଯାଇ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଦାବି ମୁତାବକ ସମସ୍ତ ବ୍ୟବସ୍ଥା କରିବାକୁ ସେମାନେ ଜିଦ ଧରିଛନ୍ତି; ଯାହାକି ବିଶେଷ କରି ମୁଖ୍ୟ ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ ଡ୍ୟାମ୍‌ରେ ପାଣି ରଖିବାକୁ ବିଭାଗୀୟ ନିର୍ଦ୍ଦେଶ ଅଛି। ତେବେ ଯଦି ସମ୍ପୂର୍ଣ୍ଣ ପାଣି ରୁହେ ତେବେ କୁମିଆପାଲି ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହେବ।

**ବୁଝାଇବାରେ ବିଫଳ ହେଲା ପ୍ରଶାସନ**

**ପାଣି ମାଡିଲାଣି; ହେଲେ ଗାଁ ଛାଡିନାହାନ୍ତି**

**ବିସ୍ଥାପିତ କରିବାକୁ ନାକଦେମ ବିଭାଗ**

ଏହା ପୂର୍ବରୁ ଲୋକଙ୍କୁ ବିସ୍ଥାପିତ କରିବା ନିହାତି ଆବଶ୍ୟକ। ଯେଉଁଥିରେ ସଫଳ ହୋଇ ନ ଥିବାରୁ ଡ୍ୟାମ୍ ୭ଟି ଗେଟ୍ ଖୋଲାଯାଇଛି। ଅନ୍ୟପଟେ ଡ୍ୟାମ୍ ତଳେ କିରାବାହାଲଠାରେ ଥିବା ବ୍ୟାରେଜ ଜଳ ପରିଚାଳନା ମଧ୍ୟ ଏବେ ପ୍ରଶ୍ନ ଉଠିଛି। ଏତେ ପରିମାଣର ପାଣି ଆସିବାରୁ ବ୍ୟାରେଜର ଆଖପାଖ ଅଞ୍ଚଳରେ ମଧ୍ୟ ପାଣି ବଢ଼ିଯାଇଥିଲା। ଏହାଫଳରେ ଉପରୁ ଅଧିକ ଗେଟ୍ ଖୋଲିଲେ ବି ସମସ୍ୟା ରହିଛି। ତେଣୁ କୁମିଆପାଲିର ଏହି ପରିବାରକୁ ସୁରକ୍ଷିତ ସ୍ଥାନକୁ ବିସ୍ଥାପିତ କରିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇଙ୍କୁ ପଚାରିବାରୁ ସେନେଇ କିଛି କହିପାରିବେ ନାହିଁ। ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭୂଅର୍ଜନ ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ସେହିପରି ଭୂଅର୍ଜନ ଅଧିକାରୀ ସୁଶୀଳ କୁଅଁରଙ୍କୁ ଏନେଇ ପଚାରିବାରୁ ଗୁରୁବାର ମଧ୍ୟ ସମ୍ପୃକ୍ତ ୧୬ ପରିବାର ଗାଁର ଅଛନ୍ତି। ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ପ୍ରକ୍ରିୟା ଜାରି ରହିଥିବା ପ୍ରକାଶ କରିଛନ୍ତି।

# ବେସାହାରା କରିଦେଲା ଲଗାଣବର୍ଷା




**ମନମୁଣ୍ଡା/କଣ୍ଟାମାଳ, ୩୦।୭(ସମିସ):** ଲଗାଣ ବର୍ଷାରେ ମନମୁଣ୍ଡା ପଞ୍ଚାୟତ ନୂର୍ପା ଗ୍ରାମର ଅଷ୍ଟମୀ ବେହେରାଙ୍କ ଘର ଭାଙ୍ଗି ଯାଇଛି। ତେବେ ଝିଅ ପାଖକୁ ଯାଇଥିବାରୁ ସୌଭାଗ୍ୟ ବଶତଃ ସେ ବର୍ତ୍ତି ଯାଇଛନ୍ତି। ସମସ୍ତ ଆସବାବପତ୍ର ଭାଙ୍ଗି ଯାଇଛି। ବୌଦ୍ଧ ସହରରେ ରହୁଥିବା ବଡ ଝିଅର ସ୍ୱାସ୍ଥ୍ୟ ଭଲ ନ ଥିବାରୁ ସେବା ଶୁଶ୍ରୁଷା କରିବାକୁ ସେ ତାଙ୍କ ଅବିବାହିତା ଝିଅ ସହ ସେଠାକୁ ଯାଇଥିଲେ। ରାତିରେ ପ୍ରବଳ ବର୍ଷାରେ କଚ୍ଚା ଘରଟି ଭାଙ୍ଗି ଯାଇଥିଲା। ପଡ଼ୋଶୀଙ୍କଠାରୁ ଖବର ପାଇ ସେ ସକାଳେ ପହଞ୍ଚି ଥିଲେ। ଖାଇବା ଜିନିଷ ପତ୍ର ସହ ଅନ୍ୟାନ୍ୟ ଜିନିଷ ସବୁ ନଷ୍ଟ ହୋଇଯାଇଥିବାରୁ କେଉଁଠି ରହିବେ, କଣ ଖାଇବେ ଓ କେମିତି ବଞ୍ଚିବେ ସେ ନେଇ ମୁଣ୍ଡରେ ହାତ ଦେଇ ବସି ରହିଛନ୍ତି। ଅନ୍ୟପକ୍ଷେ କଣ୍ଟାମାଳ ବ୍ଲକ ଦପଳ ଗ୍ରାମର ଯମୁନା କହଁର ମଧ୍ୟ ବେସାହାରା ହୋଇ ପଡ଼ିଛନ୍ତି। ଲଗାଣ ବର୍ଷା ଯୋଗୁଁ ତାଙ୍କର ଦୁଇ ବଖରା ଘର ଭାଙ୍ଗି ଯାଇଛି।


# କେନାଲ ହିଡ଼ ଭାଙ୍ଗି ଚାଷ ଜମି ନଷ୍ଟ

**ଶଗଡ଼ା, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବଶରୀ ପଞ୍ଚାୟତ ଡୋଳାବାଲି ଡ୍ୟାମ୍ ନିକଟରୁ ବାହାରିଥିବା କେନାଲର ହିଡ଼ ଦୀର୍ଘ ୧ ମାସ ହେବ ଭାଙ୍ଗି ଏକ ବଡ଼ ଘାଇ ସୃଷ୍ଟି ହୋଇଛି। କେନାଲ ନିକଟରେ ଥିବା ମାର୍ଡୋଲ ଖଣ୍ଡଜମିଠାରେ ଭାଙ୍ଗି ପାଣି ନିକଟରେ ଥିବା କ୍ଷେତକୁ ବହି ଯାଉଛି; ଯାହା ଫଳରେ ଚାଷୀ କଳାକାହ୍ନୁ ଭୋଇନାଙ୍କ ବିଲରେ କେନାଲ ପାଣି ପଶି ଜଳମଗ୍ନ ହେବା ସହ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ପାଣି ଯୋଗୁଁ ଏ ବର୍ଷ ଆଉ ଚାଷ ହୋଇପାରିବ ନାହିଁ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏହା ସହିତ ଆହୁରି ଅନେକ ଚାଷୀଙ୍କର ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି। ପାଖାପାଖି ୧ମାସ ହେବ କେନାଲ ହିଡ଼ ଭାଙ୍ଗି ଥିଲେ ସୁଦ୍ଧା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ୩ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସରକାର କ୍ଷତିଗ୍ରସ୍ତ ଚାଷୀର ସମସ୍ତ କ୍ଷତିପୂରଣ ବହନ କରିବେ ବୋଲି ଚାଷୀ ଦାବୀ କରିଛନ୍ତି।



# ସିହିନୀରେ ବାପପୁଅ ନକଲି ଡାକ୍ତରଙ୍କ କ୍ଲିନିକକୁ ନେଇ ଅଭିଯୋଗ

**ପାଟଣାଗଡ଼, ୩୦।୭(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବାପ ପୁଅ ଯୋଡିଙ୍କ ଏଭଳି ଏକ ନକଲି ଚିକିତ୍ସାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ଲିଖିତ ଅଭିଯୋଗ ହୋଇଛି। ପାଟଣାଗଡ଼ ସହରର ଜଣେ ସଚେତନ ନାଗରିକ ଏଭଳି ଅଭିଯୋଗ ଆଣିଛନ୍ତି। ଅଭିଯୋଗନୁସାରେ ଗତ ୨୧ ତାରିଖ ଦିନ ଅଭିଯୋଗକାରୀ ଜଣକ କୌଣସି କାମରେ ସିହିନୀ ରାସ୍ତାଦେଇ କଣ୍ଟାବାଞ୍ଜି ଯାଉଥିଲେ। ସିହିନୀ ନିକଟରେ ତାଙ୍କ ଗୋଡ଼ର ମାଂସପେଶୀ ଟାଣିବାରୁ ତାଙ୍କ ଶରୀରର ଗୋଟିଏ ପଟ ଅଚଳ ଭଳି ଲାଗିଥିଲା। ସେଠାରେ ଚିକିତ୍ସା ପାଇଁ ପଚାରିବାରୁ ସିହିନୀ ଗାଁରେ ଜଣେ ଭଲ ଚିକିତ୍ସକ ଥିବା ଲୋକେ କହିଥିଲେ। ତୁରନ୍ତ ପ୍ରାଥମିକ ଚିକିତ୍ସା ପାଇଁ ସିହିନୀ ଗାଁର ସମ୍ପୃକ୍ତ କ୍ଲିନିକକୁ ସେ ଯାଇଥିଲେ। ସେଠାରେ ନକଲି ଚିକିତ୍ସକ ଡମ୍ବରୁ ବେହେରା ତୁରନ୍ତ ଦୁଇଟି ଇଞ୍ଜେକ୍ସନ ଦେଇଥିଲେ। ପରେ ଅଭିଯୋଗକାରୀଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସେ ସଙ୍ଗେ ସଙ୍ଗେ ବେଲପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏପରିକି ଇଞ୍ଜେକ୍ସନ ପ୍ରଭାବରେ ଦୁଇ ଦିନ ପର୍ଯ୍ୟନ୍ତ ମୁଣ୍ଡ ବ୍ୟଥା ହୋଇଥିଲା। ସିହିନୀ ଗାଁର ଏହି ବେଆଇନ କ୍ଲିନିକ ସମ୍ମୁଖରେ ଡାକ୍ତର ସତ୍ୟବାନ ବେହେରା ଲେଖାଥିବା ଏକ ବୋର୍ଡ ଝୁଲୁଛି। ଡମ୍ବରୁଙ୍କ ପୁଅ ସତ୍ୟବାନ ମଧ୍ୟ ବେଆଇନ ଚିକିତ୍ସା କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଏହି ବେଆଇନ ଚିକିତ୍ସା ଯୋଗୁଁ ଅନ୍ୟ କୌଣସି ନିରୀହ ଲୋକଙ୍କ ଜୀବନ ହାନି ଘଟିବା ପୂର୍ବରୁ ଦୃଢ ପଦକ୍ଷେପ ନେବାପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗକାରୀ ଜଣକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବେଲପଡ଼ା ମେଡିକାଲ ଇନଚାର୍ଜଙ୍କୁ ଚିଠି କରାଯାଇ ଏକ ଟିମ ଗଠନ କରି ତୁରନ୍ତ ଦୃଢ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।



# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ବୌଦ୍ଧ, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଖରଭୂଇଁ ପଞ୍ଚାୟତର ମନ୍ଦିରସାହି ଗ୍ରାମରେ ଭାଲୁ ଆକ୍ରମଣରେ ଅଭିମନ୍ୟୁ ବଗର୍ତି (୫୦) ଗୁରୁତର ଆହତ ହୋଇଛନ୍ତି। ରାତିରେ ସେ ଘର ନିକଟରେ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ମୁଣ୍ଡ ଓ ଡାହାଣ ଆଖିରେ ଗଭୀର ଆଘାତ ଲାଗିଛି। ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ପହଞ୍ଚି ଉଦ୍ଧାର କରିଥିଲେ। ପ୍ରଥମେ ତାଙ୍କୁ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଟ୍ରେନ ଧକ୍କାରେ ୪୦ ଛେଳି ମୃତ

**ଶଗଡ଼ା, ୩୦।୭(ସମିସ):** ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନର ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କାଦୋପଦର ନାଳିଆ ବ୍ରିଜ ନିକଟରେ ଟ୍ରେନ ଧକ୍କାରେ ପାଖାପାଖି ୪୦ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନ ସାଢେ ୩ଟାରେ ଏହି ଘଟଣା ଘଟିଥିଲା। ଟେନ୍‌ଟି ସୋନପୁର ପଟରୁ ବୌଦ୍ଧ ଅଭିମୁଖେ ଯାଉଥିଲା। ଏତିକିବେଳେ ଛେଳିପଲ ବ୍ରିଜ୍ ପାରି ହେଉଥିଲେ। ଟ୍ରେନଟି ଦ୍ରୁତ ଗତିରେ ମାଡି ଆସିବାରୁ ଏଭଳି ଦୁର୍ଘଟଣା ଘଟିଛି। କାଦୋପଦର ଗ୍ରାମର କୃପାସିନ୍ଧୁ ଖମାରି, ଉମେଶ ଝାଙ୍କର ଓ ନେତ୍ର ଖମାରି ପ୍ରମୁଖ ୩ଜଣ ଚାଷୀଙ୍କ ଛେଳିଗୁଡ଼ିକର ଜୀବନ ଯାଇଛି।

# ଟ୍ରାନ୍ସଫର୍ମର ପୋଡ଼ି ଜିଓ ନେଟୱାକ ଅଚଳ

**କଣ୍ଟାମାଳ, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟମାନ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ତିଳିକାମାଳରେ ଜିଓ ନଟୱାକରେ ଲାଗିଥିବା ଟ୍ରାନ୍ସଫର୍ମର ୪ମାସ ହେବ ପୋଡି ଯାଇଛି। ଏଣୁ ତିଳିକାମାଳ, ସିମିଳିଯୋରା, ଉପରପଡ଼ା, ଗର୍ଡ଼ାପଡ଼ା, ମଳିକୁଦ, ଘୁଚାଙ୍ଗି, ଲୁଇସିଂ, ସାହାଜପିଟା, ପାର୍ବତିପୁର, ମାଳପଡ଼ା, ଶ୍ରୀମାଳ ଓ ବରଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମ ଜିଓ ସେବାରୁ ବଞ୍ଚିତ ହୋଇଛି।

# ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ଜିଲ୍ଲାପାଳଙ୍କୁ ଗୁହାରି

**ଶଗଡ଼ା, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦରଠାରୁ ପୁରୁଷୋତ୍ତମପୁର ଯାଇଥିବା ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ଆଜି ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୁଣ୍ଠିପଦର ପଞ୍ଚାୟତ ପୁରୁଷୋତ୍ତମପୁର, କୁଣ୍ଠିପଦର, ରାସବିହାରୀପୁର, ନାଦିଆ ନଗର, ବାରଡୋଳ ଓ ବଉଳପୁର ଗ୍ରାମବାସୀ ଏହି ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ରାସ୍ତାରେ ଅନେକ ଛୋଟବଡ଼ ଖାଲଖମା, ପାଣି କାଦୁଅ ଥିବା ବେଳେ ବର୍ଷା ଦିନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ରାସ୍ତା ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ଆଜି ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# କଣ୍ଟାମାଳରେ ବନ୍ୟା ପରିସ୍ଥିତି

**କଣ୍ଟାମାଳ, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଲଗାଣ ବର୍ଷାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଜନଜୀବନ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଘଣ୍ଟାପଡ଼ା ଅଡାଗୁଡି ବ୍ରିଜ୍ ଉପରେ ୪ ଫୁଟ ବନ୍ୟା ଜଳ ପ୍ରବାହିତ ହୋଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉଭୟ ପାର୍ଶ୍ୱରେ ଗାଡ଼ିମଟର ଅଟକ ରହିଥିଲା।



# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**ହରଭଙ୍ଗା, ୩୦।୭ (ସମିସ):** ବୀରନରସିଂହପୁର ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପ୍ରବେଶ ଓ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ, ଜୋନ ୭ ର ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଆଲୁମିନି ସଭାପତି ଦେବେନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଙ୍କର ଦଣ୍ଡସେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଓ ତିଳକ ଲଗାଇ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ନବକିଶୋର ଦୀପ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶର୍ମି ଗୋଧୂଳିକା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଫଣୀଭୂଷଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟର ସଂଯୋଜକ ଅର୍ଜୁନ କହଁର, ବିଦ୍ୟାଳୟର ଶିକ୍ଷକ ବିଭୂତି ଭୂଷଣ ମହାକୁଡ଼, ରାଜୀବ କହଁର, କୃଷ୍ଣଚନ୍ଦ୍ର ସାହୁ, ରାଜଲକ୍ଷ୍ମୀ ପ୍ରଧାନ, ଅଂଶୁମାନ ପଲିଆ, ଶ୍ରୀକାନ୍ତ କୁଅଁର, ସ୍ୱାଗତିକା ମହାକୁଡ଼, ସଚିନ୍ଦ୍ର କହଁର, ବ୍ରଜକିଶୋର ଜଗଦଲା, ପ୍ରେମଲତା ମଲ୍ଲିକ, ପଦ୍ମିନୀ ସାହୁ, ଶ୍ୟାମସୁନ୍ଦର ସେଠୀ, କନିଷ୍ଠ ସହାୟିକା ଶୁଭସ୍ମିତା ପଟ୍ଟନାୟକ, କର୍ମଚାରୀ ପ୍ରତିଭା ପ୍ରଧାନ, ରୀନା ମହାନନ୍ଦିଆ ଓ ସରୋଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ବୀରମହାରାଜପୁର, ୩୦।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ (୪୮)ଙ୍କ ପରଲୋକ ଘଟିଛି। ଗୁରୁବାର ସକାଳୁ ଉଫୁଲାସ୍ଥିତ ନିଜ ବାସଭବନରେ ଶୋଇଥିବା ସମୟରେ ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶରୀର ଅଧିକ ଗୁରୁତର ହେବାରୁ ସୋନପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ମୃତଦେହ ନିଜ ବାସଭବନରେ ପହଞ୍ଚିବା ପରେ ଅଞ୍ଚଳର ବହୁ ଜନସାଧାରଣ, ବୁଦ୍ଧିଜୀବୀ, ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ପରିବାର ଲୋକେ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରାଯାଇଥିଲା।



# ଅନ୍ଧାରରେ ଡୁମାଲପାଲି ନୂଆପଡ଼ାବାସୀ

**କଣ୍ଟାମାଳ, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ ଡୁମାଲପାଲି ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ୮ ଦିନ ହେବ ପୋଡ଼ି ଯାଇଛି। ଏହାଫଳରେ ୫ପରିବାର ବସବାସ କରୁଥିବା ଏହି ଗ୍ରାମର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

**ବଲାଙ୍ଗିର, ୩୦।୭(ସମିସ)**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ ପାଳନ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହିମାଂଶୁ ବେହେରା ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ଟାରେ ରାମଧୂନ, ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଭାତ ଫେରି, ସକାଳ ୭ରୁ ୮ଟା ମଧ୍ୟରେ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୭ଟା ୩୦ରୁ ୭ଟା ୪୫ ମଧ୍ୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସକାଳ ୯ଟା୧୫ରେ ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ କୃତୀ ପ୍ରତିଯୋଗୀ ଓ ପ୍ରତିଭାମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବେ। ଏହି ସମ୍ମିଳିତ ପରେଡ୍‌ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ୍, ଗୃହରକ୍ଷୀ ବାହିନୀ, ପୋଲିସ କଲର ପାର୍ଟି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍ ଏବଂ ସିଭିଲିଆନ୍ ଦଳ ଅଂଶଗ୍ରହଣ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶାବୋଧକ ସଙ୍ଗୀତ, ଚିତ୍ରକଳା, ବ୍ୟଙ୍ଗଚିତ୍ର, ସ୍ୱାଧୀନତା ସଂଗ୍ରାମୀ ବେଶସଜ୍ଜା ଏବଂ ସଂସ୍କୃତ, ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ ଏବଂ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜିଲ୍ଲା କାରାଗାରର ଅନ୍ତେବାସୀ ଏବଂ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ପାର୍ବତୀଗିରି ବାଳ ନିକେତନ, ଡ. ହରେକୃଷ୍ଣ ମହତାବ ମାନସିକ ଅନଗ୍ରସର ସଂସ୍ଥାନ, ଉତ୍କଳବନ୍ଧୁ ସେବାଶ୍ରମ ଏବଂ ଡେଷ୍ଟିଚ୍ୟୁଟ୍ ହୋମର ଅନ୍ତେବାସୀଙ୍କୁ ମଧ୍ୟ ଫଳ ଓ ମିଷ୍ଟାନ୍ନ ପ୍ରଦାନ କରାଯିବ। ଅପରାହ୍ନ ୪ଟାରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ବୈଠକରେ ବଲାଙ୍ଗିର ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, କ୍ରୀଡ଼ାବାସ ଅଧିକ୍ଷକ ପରାଶର ବାଗ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭନା ଭୋଇ, ଆରଆଇ ଅଫ ପୋଲିସ ଲୋକନାଥ ଭୋଇ, ସହକାରୀ କମାଣ୍ଡାଣ୍ଟ ଶରତ ସୁନା, ଡିଏସପି ପୀତାମ୍ବର ମଲ୍ଲିକ, ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜୟ ଜେନା, ବିଭିନ୍ନ ବିଭାଗର ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।





# ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଡୁଙ୍ଗୁରିପାଲି, ୩୦।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚକ୍ର ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ପ୍ରତିନିଧି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର) ଅଶ୍ୱିନୀ ମେହେର ନୋଡାଲ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡ଼ିଓ ସଞ୍ଜୀବ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଧୀନ ଦାସ, ସାଂସଦଙ୍କ ପ୍ରତିନିଧି ବୀରେନ୍ଦ୍ର କଠାର, ଜନ ଶୁଣାଣି କମିଟି ସଦଶ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା ଏବଂ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଏଣ୍ଡ ଆଜୀବିକା ମିଶନ ଗ୍ରାମୀଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକ ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ୦୧-୧୦-୨୦୨୫ରୁ ୩୧-୦୩-୨୦୨୬ ମଧ୍ୟରେ କାର୍ଯ୍ୟକାରୀ ହେଇଥିବା ବିବରଣୀ ପ୍ରଦାନ ଏବଂ ଏହି ସବୁ କାର୍ଯ୍ୟରେ ବାହାରିଥିବା ୧୩୮ଟି ତ୍ରୁଟି ଉପସ୍ଥାପନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ନିଜ ବିଭାଗର ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପରୋକ୍ତ ଅଭିଯୋଗ ଗୁଡିକର ଆବଶ୍ୟକ କାଗଜପତ୍ର ସମ୍ପୃକ୍ତ ଅଧିକାରୀଙ୍କୁ ୭ ଦିନ ମଧ୍ୟରେ ଆବଶ୍ୟକ କାଗଜାତ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାମପୁର ସରପଞ୍ଚ ମନୋଜ ପୁରୋହିତ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏବଂ ସେମାନଙ୍କ କାର୍ଯ୍ୟ ଅବହେଳା ପାଇଁ ଅନେକ ବିକାଶ ମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଚେରୁପାଲି ସରପଞ୍ଚ ଦିଲ୍ଲୀପ ଶତପଥୀ ଟେକନିକାଲ ଷ୍ଟାଫର ଅଭାବ ପାଇଁ ପ୍ଲାନ ଏଷ୍ଟିମେଟ ହେଇ ପାରୁ ନ ଥିବାରୁ ଅନେକ ବିକାଶ ମୂଳକ କାମ ନ ହେବା ଓ ହିତାଧିକାରୀ ଲାଭାନ୍ୱିତ ହେଉ ନ ଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ୧୪ ଜଣ ଜବ କାର୍ଡଧାରୀଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିବା ହେତୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ନୋଡାଲ ଅଧିକାରୀ ଶ୍ରୀ ମେହେର ବିକଶିତ ଭାରତ ନିର୍ମାଣ ପାଇଁ ଗ୍ରାମର ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ଭିତ୍ତଭୂମି ନିର୍ମାଣ ସହ ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣ, ଜନପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟା ପାଇଁ ପ୍ରେରିତ କରିଥିଲେ। ଏହା ସହିତ ଅଭିଯୋଗ ଶୁଣାଣିରେ ଅନେକ ଗଠନମୂଳକ ପ୍ରସ୍ତାବ ସହ ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ, ବନବିଭାଗ ଅଧିକାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ଜିଆରଏସ, ଭିଆରପି, ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ପ୍ରଶ୍ନପତ୍ର ପ୍ରଘଟ: ଉତ୍ତରଦାୟିତ୍ୱ କାହିଁ?

ଲୋକସଭାରେ ତୁମୁଳ ହଟ୍ଟଗୋଳ ମଧ୍ୟରେ ସରକାରୀ ପରୀକ୍ଷା(ଅନିୟମିତତା ନିବାରଣ) ସଂଶୋଧନ ବିଧେୟକ ୨୦୨୬ ବାଚନିକ ଭୋଟରେ ପାରିତ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥାରେ ନିଯୁକ୍ତି ପାଇଁ ଆୟୋଜିତ ଜାତୀୟସ୍ତରୀୟ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦିକୁ ନିରୁତ୍ସାହିତ କରିବା ପାଇଁ ୨୦୨୪ରେ ସରକାର ଏହି ଆଇନ ପ୍ରଣୟନ କରିଥିବା ବେଳେ କେତେକ ସଂଶୋଧନ ସହିତ ପୁନଃ ପାରିତ ହୋଇଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାର ଆବଶ୍ୟକତା ଅନୁଭୂତ ହେଉଥିଲେ ହେଁ ଏଥିରେ କେତେକ ଦୁର୍ବଳ ଦିଗ ରହିଯାଇଛି, ଯାହାର ଫାଇଦା ଦୁର୍ନୀତିଖୋରମାନେ ଉଠାଇବା ଅସମ୍ଭବ ନୁହେଁ।

ସଂଶୋଧିତ ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ, ଅନିୟମିତତା, ଦୁର୍ନୀତି ଆଦି ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଯାଇଛି। କୌଣସି ବ୍ୟକ୍ତିବିଶେଷ ଦୋଷୀ ସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍ ଦଣ୍ଡ ସହିତ ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ। ସେହିପରି କୌଣସି ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ଜୋରିମାନା ରାଶି ୧ କୋଟିରୁ ୫ କୋଟି ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ଏବଂ ଉକ୍ତ ସଂସ୍ଥାକୁ ୪ ରୁ ୮ ବର୍ଷ ପର୍ଯ୍ୟନ୍ତ କଳା ତାଲିକାଭୁକ୍ତ କରାଯିବାର ପ୍ରାବଧାନ ରହିଛି। ଉକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ୧ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ। ଦୁର୍ନୀତି ସଂଘବଦ୍ଧ କିମ୍ବା ଗୋଷ୍ଠୀଗତ ବୋଲି ପ୍ରମାଣିତ ହେଲେ ସମସ୍ତ ସଦସ୍ୟ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟିରୁ ୧୦ କୋଟି ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ପେଶାଲ୍ ଟାସ୍କ ଫୋର୍ସ ଗଠନ ହେବ ଏବଂ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର ହୋଇ ୫ ମାସ ମଧ୍ୟରେ ଫଇସଲା ହେବ ବୋଲି ସଂଶୋଧିତ ବିଧେୟକରେ ପ୍ରସ୍ତାବ ରହିଛି।

ସଂଶୋଧିତ ବିଧେୟକରେ କିନ୍ତୁ ଅତି ଚତୁରତାର ସହିତ 'ଉତ୍ତରଦାୟିତ୍ୱ' ପ୍ରସଙ୍ଗଟିକୁ ଏଡ଼ାଇ ଦିଆଯାଇଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ଉତ୍ତର ଖାତା ମୂଲ୍ୟାୟନ ପାଇଁ ଏବେ ଘରୋଇ ସଂସ୍ଥା ବା ଆଉଟସୋର୍ସିଂ ଉପରେ ନିର୍ଭର କରାଯାଉଥିବାରୁ ବିଭ୍ରାଟ ଅଧିକ ହେଉଛି। କିନ୍ତୁ ଆଉଟସୋର୍ସିଂ ଆପେ ଆପେ ହେଉନାହିଁ। ଏଥିରେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଓ ନିର୍ଦ୍ଦେଶାଳୟର ପ୍ରଚ୍ଛନ୍ନ ଓ ପ୍ରତ୍ୟକ୍ଷ ଭୂମିକା ରହୁଛି। କେଉଁ ସଂସ୍ଥାଙ୍କୁ ଠିକା ଦିଆଯିବ ତାହା ବିଭାଗୀୟ ଅଧିକାରୀ କିମ୍ବା ମନ୍ତ୍ରୀମାନେ ନିଷ୍ପତ୍ତି ନେଉଛନ୍ତି। ତେଣୁ ଯଦି ଉକ୍ତ ସଂସ୍ଥା ଓ ତାହାର ଅଧିକାରୀମାନଙ୍କୁ ଦଣ୍ଡିତ କରାଯିବ ବିଭାଗ ଓ ମନ୍ତ୍ରଣାଳୟ ସେଥିରୁ ବାଦ୍ ପଡ଼ିବ କେମିତି ଓ କାହିଁକି? 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଆଇନରେ ରହିଥା'ନ୍ତା ତେବେ ତଳସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସମସ୍ତେ ସତର୍କ ଓ ଯତ୍ନଶୀଳ ହୋଇଥା'ନ୍ତେ। ଦଣ୍ଡବିଧାନରୁ ବର୍ତ୍ତିବା ପାଇଁ ଜଣେ ଆଉ ଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥା'ନ୍ତେ। ଯାହା ଫଳରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିଥା'ନ୍ତା। ଏବେ 'ଉତ୍ତରଦାୟିତ୍ୱ' ନ୍ୟସ୍ତ ନ ଥିବା ହେତୁ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଆସୀନ ବ୍ୟକ୍ତିବିଶେଷ ଖାମ୍‌ଖିଆଲି ଓ ଦାୟିତ୍ୱହୀନ ଅଥଚ ଆରାମଦାୟକ ଓ ସୁରକ୍ଷିତ ରହିପାରୁଛନ୍ତି। ସରକାରୀ ପରୀକ୍ଷାକୁ ସ୍ୱଚ୍ଛ ଓ ସୁପରିଚାଳିତ କରିବା ପାଇଁ ଅତୀତରେ ଓଡ଼ିଶା ସମେତ କେତେକ ରାଜ୍ୟରେ ଆଇନ ପ୍ରଣୟନ ହୋଇଛି। କିନ୍ତୁ 'ଉତ୍ତରଦାୟିତ୍ୱ'ର ଅଭାବ ଯୋଗୁଁ ଆଇନଗୁଡ଼ିକ ଦନ୍ତହୀନ ବାଘ ସଦୃଶ କେବଳ କାଗଜକଲମରେ ତିଷ୍ଠି ରହିଛନ୍ତି। ତେଣୁ ସଦ୍ୟ ପାରିତ ବିଧେୟକର ମଧ୍ୟ ଏଭଳି ଅବସ୍ଥା ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଏବେ ମାମଲାର ବିଚାର ଓ ଫଇସଲା ପ୍ରସଙ୍ଗରେ କିଞ୍ଚିତ ଆଲୋଚନା କରିବା। ଆମ ଦେଶରେ ବିଚାର ବ୍ୟବସ୍ଥାର ଗତି କେତେ ମନ୍ଥର ତାହା ଆମେ ପ୍ରାୟ ସମସ୍ତେ ଅଳ୍ପେବହୁତ ହୃଦୟଙ୍ଗମ କରୁଛୁ। କେବଳ ଯଦି ଆଇନ ପ୍ରଣୟନ କରିଦେଲେ କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଦେଲେ ଭୟରେ ସମସ୍ୟାର ସମାଧାନ ବା ଅପରାଧ ହ୍ରାସ ଘଟୁଥା'ନ୍ତା ତେବେ ସାମାଜିକ ଅପରାଧ କେବେଠାରୁ ହ୍ରାସ ପାଇସାରିଥା'ନ୍ତା। ଆମ ଦେଶର ବିଚାର ପ୍ରକ୍ରିୟାର ମନ୍ଥରତା ଯୋଗୁଁ ଆଉ କେହି ଆଇନ ଓ ଦଣ୍ଡାଦେଶକୁ ଭୟ କରୁନାହାନ୍ତି। ଆଇନ ତା' ବାଟରେ, ଅପରାଧୀ ସେମାନଙ୍କ ବାଟରେ। ସମୟ ଅନୁସାରେ ଅଧିକରୁ ଅଧିକ ଆଇନ ପ୍ରଣୟନ ହେଉଛି। ତା' ସହିତ ଅପରାଧର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ନ ରହିଲେ କେବଳ ଆଇନ ଓ କୋର୍ଟକଚେରି ଅପରାଧ ହ୍ରାସ କରିପାରିବ ନାହିଁ। ନିଷ୍ଠୁର ସତ୍ୟ ହେଉଛି 'ଉତ୍ତରଦାୟିତ୍ୱ' ନିର୍ଦ୍ଧାରଣ ବିନା ଜନସାଧାରଣଙ୍କ ଆସ୍ଥା ମଧ୍ୟ ଜିତା ଯାଇପାରିବ ନାହିଁ।

ଉଦାହରଣ ସ୍ୱରୂପ ଶିଶୁ ଯୌନ ଅପରାଧ ମାମଲାଗୁଡ଼ିକର ତୁରନ୍ତ ଶୁଣାଣି ଓ ତ୍ୱରିତ ଫଇସଲା ପାଇଁ ୨୦୧୨ରୁ ଆମ ଦେଶରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହୋଇଛି। ଗତ ୨୪ ତାରିଖରେ ଲୋକସଭାରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଦେଇଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଭାରତରେ ୩୯୮ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସମେତ ୭୭୫ଟି ଫାଷ୍ଟ ଟ୍ରାକ୍ କୋର୍ଟ ରହିଛି। ୨୦୨୫, ଡିସେମ୍ବର ୩୧ ତାରିଖ ସୁଦ୍ଧା ଉକ୍ତ କୋର୍ଟଗୁଡ଼ିକରେ ୨ ଲକ୍ଷ ୪୫ ହଜାର ମାମଲା ବିଚାରାଧୀନ ଅଛି। ୨୦୨୪ରେ ଫାଷ୍ଟଟ୍ରାକ୍ କୋର୍ଟରେ ପଞ୍ଜିକୃତ ମାମଲା ସଂଖ୍ୟା ୮୮, ୯୦୨ ଥିବା ବେଳେ ୨୦୨୫ରେ ତାହା ୧, ୪୩, ୯୩୬କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଫଇସଲା ହୋଇଥିବା ମାମଲା ସଂଖ୍ୟା ୨୦୨୪ରେ ୮୫, ୫୯୫ ରୁ ୨୦୨୫ରେ ମାତ୍ର ୬୬, ୫୦୦କୁ ବୃଦ୍ଧି ହୋଇପାରିଛି।

ଏହି ପୃଷ୍ଠଭୂମିରେ ଲୋକସଭା ପାରିତ କରିଥିବା ସଂଶୋଧିତ ପରୀକ୍ଷା ପରିଚାଳନା ଆଇନ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଶୁଣାଣି ଓ ଫଇସଲା ଯେ ମାତ୍ର ୫ ମାସ ଭିତରେ ହୋଇପାରିବ ସେ ଆଶା ଦେଖାଯାଉନାହିଁ। କେବଳ ଜନଆକ୍ରୋଶକୁ ଶାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ତାଳିପକା ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ସରକାରଙ୍କ ଆନ୍ତରିକତା ଥା'ନ୍ତା ତେବେ ଆଇନରେ 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଯୋଡ଼ି ପାରିଥା'ନ୍ତେ। 'ଉତ୍ତରଦାୟିତ୍ୱ' ନ୍ୟସ୍ତ ହୋଇଥିଲେ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲା ପଞ୍ଜିକରଣ ଓ ଶୁଣାଣିର ଆବଶ୍ୟକତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାନ୍ତା। କିନ୍ତୁ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ?

## ବିକାଶ ନା ବିନାଶ ପଥରେ ଭାରତ

ଡ. ପଦ୍ମଲୋଚନ ରାଉତ

କୌଣସି ରାଷ୍ଟ୍ରର ବିକାଶ କେବଳ ଉଚ୍ଚ ଅଟ୍ଟାଳିକା, ବିଶାଳ ରାଜପଥ କିମ୍ବା ଆର୍ଥିକ ଅଭିବୃଦ୍ଧିର ସଂଖ୍ୟାରେ ମାପାଯାଇପାରିବ ନାହିଁ। ପ୍ରକୃତ ବିକାଶ ସେତେବେଳେ ସମ୍ଭବ, ଯେତେବେଳେ ଦେଶର ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପରିବେଶ, ନ୍ୟାୟବ୍ୟବସ୍ଥା ଏବଂ ସାମାଜିକ ସଦ୍ଭାବ ସମାନ ଭାବେ ସୁଦୃଢ଼ ହୁଏ। ଆଜିର ଭାରତକୁ ଦେଖି ପ୍ରଶ୍ନ ଉଠେ - ଆମେ ସତରେ ବିକାଶ ପଥରେ ଅଛୁ, ନା ବିନାଶର ଦିଗକୁ ଅଗ୍ରସର ହେଉଛୁ?

ନିକଟ ଅତୀତରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିବା ବିବାଦ ଦେଶବାସୀଙ୍କୁ ଚିନ୍ତିତ କରିଛି। ନିଟ୍ ପରୀକ୍ଷାରେ ବାରମ୍ବାର ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ବିଶିଷ୍ଟ ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ଏବଂ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତାର ଦାବି କେବଳ ଜଣେ ବ୍ୟକ୍ତିର ପ୍ରତିବାଦ ନୁହେଁ; ଲକ୍ଷ ଲକ୍ଷ ମେଧାବୀ ଯୁବକ-ଯୁବତୀଙ୍କ ଆଶଙ୍କାର ପ୍ରତିଧ୍ୱନି। ଯେତେବେଳେ ପରିଶ୍ରମଠାରୁ ଦୁର୍ନୀତି ଶକ୍ତିଶାଳୀ ହୋଇଯାଏ ଏବଂ ନ୍ୟାୟ ଓ ସତ୍ୟଠାରୁ କ୍ଷମତାର ଅପବ୍ୟବହାର ଅଧିକ ହୁଏ, ଶାସକର ଅହଙ୍କାର ପ୍ରବଳ ହୁଏ, ସେତେବେଳେ ରାଷ୍ଟ୍ରର ଭବିଷ୍ୟତ ଦୁର୍ବଳ ହୋଇପଡ଼େ, ରାଷ୍ଟ୍ର ବିନାଶାଭିମୁଖୀ ହୁଏ।

ପରିବେଶ କ୍ଷେତ୍ରରେ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ଗଙ୍ଗା ନଦୀର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀର୍ଘ ଅନଶନ କରିଥିବା ଆଇଆଇଟି ପ୍ରଫେସର ଜି. ଡି. ଅଗ୍ରୱାଲଙ୍କ ମୃତ୍ୟୁ ଦେଶକୁ ଗଭୀର ବାର୍ତ୍ତା ଦେଇଥିଲା। ନଦୀ, ଜଙ୍ଗଲ, ପାହାଡ଼ ଓ ପ୍ରାକୃତିକ ସମ୍ପଦ କେବଳ ଆର୍ଥିକ ଲାଭର ଉତ୍ସ ନୁହେଁ; ଏଗୁଡ଼ିକ ଆଗାମୀ ପିଢ଼ିର ଜୀବନର ଆଧାର। ଉନ୍ନୟନ ନାମରେ ଯଦି ପରିବେଶର ଅପୂରଣୀୟ କ୍ଷତି ହୁଏ, ତେବେ ତାହାକୁ ପ୍ରକୃତ ବିକାଶ କୁହାଯାଇପାରେ ନାହିଁ। ଏହି ପ୍ରଫେସରଙ୍କ ଦୁଃଖଦ ମୃତ୍ୟୁ ମଧ୍ୟ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଯାହା ଜଣାପଡୁଛି ବର୍ତ୍ତମାନ ସରକାରଙ୍କ ପାଖରେ ଆମ ଦେଶର ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ତୁଚ୍ଛ ଅଟେ। କେବଳ କ୍ଷମତାର ରାଜଗାଦି ସେମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା ଏବଂ ବିଭିନ୍ନ ଜନସୁରକ୍ଷା ସମ୍ବନ୍ଧୀୟ ଘଟଣା ପୁନଃ ପୁନଃ ଏହି ପ୍ରଶ୍ନ ଉଠାଇଛି ଯେ, ଆଧାରଭୂତ ସଂରଚନାର ବିସ୍ତାର ସହ ସୁରକ୍ଷା ମାନଦଣ୍ଡ କେତେ ସୁଦୃଢ଼ ହେଉଛି? କେବଳ ପ୍ରକଳ୍ପର ଉଦ୍‌ଘାଟନ ନୁହେଁ, ତାହାର ଗୁଣବତ୍ତା, ଉତ୍ତରଦାୟିତ୍ୱ ଓ ନିରନ୍ତର ନିରୀକ୍ଷଣ ହିଁ ପ୍ରକୃତ ସଫଳତାର ପରିମାପ। ରେଳ ଦୁର୍ଘଟଣାରେ ଶହଶହ ଯାତ୍ରୀଙ୍କର ପ୍ରାଣହାନି ଘଟୁଛି। ଅଥଚ ମାନବିକତା ଓ ନୈତିକତା ଦୃଷ୍ଟିରୁ ରେଳ ମନ୍ତ୍ରୀ ନିଜ କାର୍ଯ୍ୟରୁ ଓହରି ଯିବାର ଦେଖାଯାଉ ନାହିଁ କିମ୍ବା ସେମାନଙ୍କୁ ପଦବୀରୁ ଅନ୍ତର କରାଇବା ଦେଖାଯାଉ ନାହିଁ। ସିଜେପିର ଦୃଢ଼ ମନୋବଳ, ଅଟଳ ନିଷ୍ପତ୍ତି ଓ ନିର୍ଣ୍ଣାୟକ ଆନ୍ଦୋଳନ ପ୍ରଭାବ ପଡ଼ି ନ ଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇ ନ ଥା'ନ୍ତେ। ସରକାର ସାଧାରଣ ଜନତାର ମୌଳିକ ଦାବିଗୁଡ଼ିକ ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ବଢ଼ିବାରେ ଲାଗିଛି।

ଗଣତନ୍ତ୍ରରେ ନାଗରିକଙ୍କ ସ୍ୱର ହିଁ ସର୍ବୋଚ୍ଚ। ସରକାର ଯେକୌଣସି ଦଳର ହେଉ ଲୋକଙ୍କ ପ୍ରଶ୍ନ, ଆନ୍ଦୋଳନ ଓ ସମାଲୋଚନାକୁ ଶୁଣିବା ତାହାର କର୍ତ୍ତବ୍ୟ। ସେହିପରି ବିରୋଧୀ ମତ ମଧ୍ୟ ତଥ୍ୟ, ସଂଯମ ଓ ରଚନାତ୍ମକ ପ୍ରସ୍ତାବ ସହ ଉପସ୍ଥାପିତ ହେବା ଆବଶ୍ୟକ। ଗଣତନ୍ତ୍ରର ଶକ୍ତି ସଂଳାପରେ, ନିରବତାରେ ନୁହେଁ। ଯେଉଁଠି ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଚପାଇ ଦିଆଯାଏ, ସେଠାରେ ଅରାଜକତା ସୃଷ୍ଟି ହୁଏ ଏବଂ ଏକଛତ୍ରବାଦୀ ଶାସନ ଦେଖାଯାଏ। ଗଣତନ୍ତ୍ରରେ ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଦମନ କରିବା ବିନାଶ ଓ ଅହଙ୍କାରର ପ୍ରତୀକ ଏବଂ ସମ୍ବିଧାନ ବିରୋଧୀ। କିନ୍ତୁ ଆମ ଦେଶରେ ଏସବୁ ବାସ୍ତବତାରୁ ଊର୍ଦ୍ଧ୍ୱରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଏହି ବିନାଶ ପଥକୁ ଆବୋରି ନେଉଥିବା ଦେଖାଯାଉଛି।

ଭାରତ ପରି ବହୁଧର୍ମୀ, ବହୁଭାଷୀ ଓ ବହୁସଂସ୍କୃତିଭିତ୍ତିକ ଦେଶରେ ସାମ୍ପ୍ରଦାୟିକ ସଦ୍ଭାବନା ହିଁ ସବୁଠାରୁ ବଡ଼ ସମ୍ପଦ। ମନ୍ଦିର, ମସଜିଦ, ଗୁରୁଦ୍ୱାର କିମ୍ବା ଚର୍ଚ୍ଚ ସବୁ ଆସ୍ଥାର କେନ୍ଦ୍ର; କିନ୍ତୁ ଯଦି ଧର୍ମ ରାଜନୈତିକ ବିଭାଜନର ମାଧ୍ୟମ ହୋଇଯାଏ, ତେବେ ସମାଜର ଏକତା ଦୁର୍ବଳ ହୁଏ। ଭାରତର ଶକ୍ତି ତାହାର ବିବିଧତାରେ, ବିଭାଜନରେ ନୁହେଁ। ବର୍ତ୍ତମାନ ମନ୍ଦିର, ମସଜିଦ, ଚର୍ଚ୍ଚ, ଧର୍ମଗ୍ରନ୍ଥକୁ ନେଇ ଯେଉଁଭଳି ହୀନ ରାଜନୀତି କରାଯାଉଛି, ଏଥିରୁ ସ୍ପଷ୍ଟ ଜଣାପଡୁଛି ବର୍ତ୍ତମାନ ଆମ ଦେଶ ବିନାଶ ପଥରେ ଅଗ୍ରସର ହେଉଛି। ରାଷ୍ଟ୍ରର ସାମଗ୍ରିକ ବିକାଶ ଓ ଉନ୍ନତି ଧର୍ମାନୁଷ୍ଠାନ ନିର୍ମାଣ କିମ୍ବା ଧର୍ମପୁସ୍ତକ ବଣ୍ଟନରେ ହୁଏ ନାହିଁ। 'ବିକଶିତ ଭାରତ'ର ସ୍ୱପ୍ନ ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ବୈଷୟିକ ଜ୍ଞାନର ଦ୍ରୁତ ପ୍ରସାର ଉପରେ ନିର୍ଭର କରେ। ଧର୍ମାନୁଷ୍ଠାନ ଆମକୁ ଦାସତ୍ୱ ବନ୍ଧନରେ ବାନ୍ଧି ରଖେ। କିନ୍ତୁ ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ଚିନ୍ତାଧାରା ଆମକୁ ଦାସତ୍ୱ ବନ୍ଧନରୁ ମୁକ୍ତ କରେ, ପ୍ରଗତିର ମାର୍ଗ ପ୍ରଶସ୍ତ କରାଏ। ଏକଥା ଆମ ଦେଶର ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୈଜ୍ଞାନିକ, ବରିଷ୍ଠ ନାଗରିକ, ସାଧାରଣ ଜନତା, ଛାତ୍ରଛାତ୍ରୀ ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଦେଶର ପ୍ରକୃତ ସମ୍ପଦ ସୁନା, କୋଇଲା କିମ୍ବା ଖଣିଜ ନୁହେଁ; ତାହାର ମାନବ ସମ୍ପଦ। ବୈଜ୍ଞାନିକ ନୂତନ ଆବିଷ୍କାର କରନ୍ତି, ଯନ୍ତ୍ରୀ ଦେଶ ଗଢ଼ନ୍ତି, ଡାକ୍ତର ଜୀବନରକ୍ଷା କରନ୍ତି, ଶିକ୍ଷକ ଆଗାମୀ ପିଢ଼ିକୁ ଗଢ଼ନ୍ତି। ଏହି ବର୍ଗକୁ ସମ୍ମାନ, ସ୍ୱାଧୀନତା ଓ ଉପଯୁକ୍ତ ପରିବେଶ ପ୍ରଦାନ କରା ନ ଗଲେ ବିକାଶ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଦେଶର ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକ କେବଳ ପ୍ରଯୁକ୍ତିର କେନ୍ଦ୍ର ନୁହେଁ, ସେମାନେ ଜାତୀୟ ପ୍ରଗତିର ମେରୁଦଣ୍ଡ। ଯଦି କେବେ ବୈଜ୍ଞାନିକମାନେ ନୀତିଗତ ସମସ୍ୟା, ଗବେଷଣା ପାଇଁ ଅନୁକୂଳ ପରିବେଶର ଅଭାବ କିମ୍ବା ପ୍ରଶାସନିକ ଅସନ୍ତୋଷ ନେଇ ସାମୂହିକ ପ୍ରତିବାଦ କରନ୍ତି, ତେବେ ତାହାକୁ କେବଳ କର୍ମଚାରୀଙ୍କ ଅସନ୍ତୋଷ ଭାବରେ ନୁହେଁ, ବରଂ ଜାତୀୟ ଚିନ୍ତାର ବିଷୟ ଭାବେ ଦେଖିବା ଦରକାର। ବିଜ୍ଞାନ ଓ ଗବେଷଣା ରାଜନୈତିକ ବିଭାଜନରୁ ଊର୍ଦ୍ଧ୍ୱରେ ରହିବା ଉଚିତ୍। ଏକ ରାଷ୍ଟ୍ରର ଭବିଷ୍ୟତ ତାହାର ବୈଜ୍ଞାନିକ, ଇଞ୍ଜିନିୟର ଓ ଗବେଷକମାନଙ୍କ ସ୍ୱାଧୀନ ଚିନ୍ତା, ନବସୃଷ୍ଟି ଓ ସୃଜନଶୀଳତା ଉପରେ ନିର୍ଭର କରେ। ସେମାନଙ୍କ ମତାମତକୁ ସମ୍ମାନ ଦେବା ଓ ସମସ୍ୟାର ସଂଳାପ ମାଧ୍ୟମରେ ସମାଧାନ କରିବା ହିଁ ପ୍ରକୃତ ବିକାଶର ପରିଚୟ। ସମ୍ପ୍ରତି ଗଣମାଧ୍ୟମରେ ଇସ୍ରୋର ବୈଜ୍ଞାନିକମାନଙ୍କ ଅସନ୍ତୋଷ ଏବଂ ସାମୂହିକ ଇସ୍ତଫା ସମ୍ପର୍କିତ ବିଭିନ୍ନ ଦାବି ଚର୍ଚ୍ଚାର ବିଷୟ ହୋଇଛି। ଏହି ଚର୍ଚ୍ଚା ଏକ ବଡ଼ ପ୍ରଶ୍ନ ଉଠାଏ ଯେ ଆମେ ଦେଶର ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନଗୁଡ଼ିକୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦେଉଛୁ କି? ବିଜ୍ଞାନକୁ ଦୁର୍ବଳ କରି କୌଣସି ରାଷ୍ଟ୍ର ଦୀର୍ଘସ୍ଥାୟୀ ବିକାଶର ଶିଖରରେ ପହଞ୍ଚିପାରିବ ନାହିଁ।

ଭାରତକୁ ବିଶ୍ୱଗୁରୁ କରିବାର ପଥ ଅନ୍ଧବିଶ୍ୱାସ, ଘୃଣା, ଅହଙ୍କାର କିମ୍ବା ବିଭାଜନ ମଧ୍ୟରେ ନୁହେଁ; ବରଂ ବିଜ୍ଞାନ, ଶିକ୍ଷା, ସମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମାଧ୍ୟମରେ। ଆଜି ଦେଶ ସମ୍ମୁଖରେ ପ୍ରଶ୍ନ କେବଳ ଏତିକି - ଆମେ ଭାବନାର ରାଜନୀତିକୁ ବାଛିବୁ ନା ଜ୍ଞାନ, ବିବେକ ଓ ମାନବିକତାକୁ? ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଭାରତ ବିକାଶର ପଥରେ ଆଗେଇବ ନା ବିନାଶର ଦିଗରେ।

(ଆସୋସିଏଟ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ, ସୂର୍ଯ୍ୟୋଦୟର ସମ୍ଭାବନା

ରଞ୍ଜନ କୁମାର ରାୟ

ସବୁ ସୂର୍ଯ୍ୟାସ୍ତ ଅନ୍ଧକାରର ଘୋଷଣା କରେ ନାହିଁ। କେତେକ ସୂର୍ଯ୍ୟାସ୍ତ ନୂଆ ପ୍ରଭାତର ଆଗମନୀ ସଙ୍ଗୀତ ଗାଏ। ପ୍ରକୃତିର ନିୟମ ଯେପରି ଅପରିବର୍ତ୍ତନୀୟ, ଇତିହାସର ଗତି ମଧ୍ୟ ସେହିପରି ନିର୍ଦ୍ଦୟ। ସେଠାରେ କୌଣସି ସାମ୍ରାଜ୍ୟ ଚିରସ୍ଥାୟୀ ନୁହେଁ, କୌଣସି ମୁକୁଟ ସଦାକାଳ ପାଇଁ ଗୋଟିଏ ମସ୍ତକରେ ଶୋଭା ପାଏ ନାହିଁ। ଫୁଟବଲ୍‌ର ମହାଗାଥା ମଧ୍ୟ ଏହି ଅନନ୍ତ ସତ୍ୟର ପୁନରାବୃତ୍ତି। ୨୦୨୬ ବିଶ୍ୱକପ୍‌ର ଫାଇନାଲ୍‌ର ରୋମାଞ୍ଚକୁ ଫୁଟବଲ ପ୍ରଶଂସକ ଏବେ ବି ମନେ ରଖିଛନ୍ତି। ଏହି ଫାଇନାଲ କେବଳ ଏକ ମ୍ୟାଚ୍ ନୁହେଁ, ତାହା ଥିଲା ଦୁଇଟି ଦର୍ଶନର ସଂଘର୍ଷ, ଦୁଇଟି ଯୁଗର ସୀମାରେଖା, ଦୁଇଟି ସ୍ୱପ୍ନର ସାକ୍ଷାତକାର। ରେଫରିଙ୍କ ଅନ୍ତିମ ହ୍ୱିସିଲ ବାଜିବା ପରେ ଷ୍ଟାଡିୟମ ଆକାଶରେ ଉତ୍ସବର ଆଲୋକ ଜଳିଉଠିଲା। କିନ୍ତୁ ଆର୍ଜେଣ୍ଟିନାର ଆଉ ଏକ ଟାଇଟଲ ଜିତିବାର ସ୍ୱପ୍ନ ଅଧୁରା ରହିଯାଇଥିଲା। ଭାରତ ଭଳି ସାରା ବିଶ୍ୱରେ ରହିଥିବା ଆର୍ଜେଣ୍ଟିନା ସମର୍ଥକମାନେ ନିରାଶ ହୋଇଥିଲେ ମଧ୍ୟ ବାସ୍ତବତାକୁ ସହଜରେ ଗ୍ରହଣ କରି ନେଇଥିଲେ।

ଫୁଟବଲ୍‌ରେ ସ୍କୋରବୋର୍ଡ ସତ୍ୟ କହିଥାଏ। କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ କହେ ନାହିଁ। ଗୋଟିଏ ଗୋଲ୍‌ର ବ୍ୟବଧାନ କେବଳ ବିଜୟ-ପରାଜୟର ହିସାବ ରଖେ। ସେ ମଣିଷର ହୃଦୟରେ ଜନ୍ମ ନେଇଥିବା କବିତା, ଅଶ୍ରୁ, ଗର୍ବ, ଯନ୍ତ୍ରଣା ଓ ଆଶାର ହିସାବ ରଖିପାରେ ନାହିଁ। ସେହି ଅଦୃଶ୍ୟ ଇତିହାସ ଲେଖାଯାଏ ଷ୍ଟାଡିୟମ୍‌ର ଗର୍ଜନରେ, ଖେଳାଳିଙ୍କ ନିଃଶ୍ୱାସରେ ଓ କୋଟି କୋଟି ସମର୍ଥକଙ୍କ ପ୍ରାର୍ଥନାରେ।




ଆର୍ଜେଣ୍ଟିନା ମଇଦାନକୁ ଓହ୍ଲାଇଥିଲା ଗୋଟିଏ ସ୍ୱପ୍ନକୁ ବଞ୍ଚାଇ ରଖିବାକୁ। ସେମାନଙ୍କ ପଛରେ ଥିଲା ଡିଏଗୋ ମାରାଡୋନାଙ୍କ ଅତୃପ୍ତ ଆତ୍ମା, ଲିଓନେଲ୍ ମେସିଙ୍କ ଲିଗାସି, ଲାଟିନ୍ ଆମେରିକାର ଫୁଟବଲ୍ ସଂସ୍କୃତିର ଅଦମ୍ୟ ସ୍ପନ୍ଦନ। ସେମାନେ ଜାଣିଥିଲେ- ବିଶ୍ୱକପ୍ କେବଳ ଟ୍ରଫି ନୁହେଁ, ଏହା ଜାତିର ସ୍ୱାଭିମାନ। କିନ୍ତୁ ସମୟ କାହାକୁ ଅପେକ୍ଷା କରେନାହିଁ। ସମୟ ନଦୀ ପରି - ଯେ ଆଗକୁ ବହିବାକୁ ଜାଣେ, ସେ ହିଁ ସମୁଦ୍ରକୁ ଛୁଇଁଥାଏ ଓ ମିଶିଥାଏ। ଯେ ଅତୀତର ଗୌରବକୁ ଧରି ରହେ, ସେ କେବଳ ସ୍ମୃତିର ତଟରେ ଅଟକିଯାଏ। ଆର୍ଜେଣ୍ଟିନା ହାରିଲା କାରଣ ସେମାନେ ଖରାପ ଖେଳିଲେ ବୋଲି ନୁହେଁ, ସେମାନେ ହାରିଲେ କାରଣ ସ୍ପେନର ଫୁଟବଲ୍ ଟିମ୍ ସେହିଦିନ ଅଧିକ ପରିପକ୍ୱ, ଅଧିକ ସଂଗଠିତ ଓ ଅଧିକ ଧୈର୍ଯ୍ୟଶୀଳ ଥିଲା।

ସ୍ପେନର ଏହି ବିଜୟ କୌଣସି ଆକସ୍ମିକ ଚମତ୍କାର ନୁହେଁ। ଏହା ଦୀର୍ଘବର୍ଷର ନିରବ ସାଧନାର ଫଳ। ବୀଜ ବପନ କରିବା ପରେ ଯେପରି ଗଛ ରାତାରାତି ବିଶାଳ ହୁଏନାହିଁ, ସେହିପରି ବିଶ୍ୱଚାମ୍ପିଅନ୍ ଦଳ ମଧ୍ୟ ଗୋଟିଏ ଋତୁରେ ସୃଷ୍ଟି ହୁଏନାହିଁ। ବର୍ଷ ବର୍ଷର ଯୋଜନା, ଯୁବ ପ୍ରତିଭାର ଯତ୍ନ, ବୈଜ୍ଞାନିକ ପ୍ରଶିକ୍ଷଣ ଓ ଦଳଗତ ଚେତନାର ନିରନ୍ତର ସାଧନା ସ୍ପେନକୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ଫୁଟବଲ୍‌ରେ ଜଣେ ମହାନ ତାରକା ମ୍ୟାଚ୍ ଜିତାଇପାରନ୍ତି, କିନ୍ତୁ ମହାନ ଦଳକୁ ଯୁଗ ଗଢ଼େ। ସ୍ପେନ୍ ପ୍ରମାଣ କରିଦେଲା ଯେ ଆଧୁନିକ ଫୁଟବଲ୍‌ର ମୂଳମନ୍ତ୍ର ହେଉଛି ସମନ୍ୱୟ। ସେମାନଙ୍କ ପାଦରେ ବଲ୍ ଥିଲା, କିନ୍ତୁ ତା'ଠାରୁ ବଡ଼ କଥା ଥିଲା - ସେମାନଙ୍କ ମନର ଧୈର୍ଯ୍ୟ। ସେମାନଙ୍କ ଦୌଡ଼ରେ ଥିଲା ଗତି, କିନ୍ତୁ ଚିନ୍ତାରେ ଥିଲା ସ୍ଥିରତା। ଏହି ସନ୍ତୁଳନ ହିଁ ସେମାନଙ୍କୁ ବିଶ୍ୱର ଶିଖରକୁ ନେଇଗଲା।

ଆଜି ଯେତେବେଳେ ଆର୍ଜେଣ୍ଟିନାର ସମର୍ଥକଙ୍କ ଆଖିରେ ଲୁହ, ସେହି ଲୁହ ଦୁର୍ବଳତାର ନୁହେଁ। ସେ ହେଉଛି ଫୁଟବଲ ପ୍ରତି ଅସାଧାରଣ ଭଲପାଇବାର ଭାଷା। କାରଣ ଯେଉଁ ଦଳ ପ୍ରତି ଭଲପାଇବାର ସ୍ରୋତ ଉଚ୍ଛଳ ହୁଏ ତାହାର ପରାଜୟ ପ୍ରଶଂସକଙ୍କୁ ଯନ୍ତ୍ରଣା ଦିଏ। ତଥାପି ଫୁଟବଲ୍‌ର ସବୁଠୁ ବଡ଼ ସୌନ୍ଦର୍ଯ୍ୟ - ପରାଜିତଙ୍କ ପ୍ରତି ମଧ୍ୟ ସମ୍ମାନ ରହେ। କାରଣ ଖେଳପଡ଼ିଆରେ ଯିଏ ଶେଷ ପର୍ଯ୍ୟନ୍ତ ଲଢ଼େ, ସେ କେବେ ସମ୍ପୂର୍ଣ୍ଣ ପରାଜିତ ହୁଏନାହିଁ।

ଏହି ବିଶ୍ୱକପ୍ ଆଉ ଗୋଟିଏ ଗଭୀର ବାର୍ତ୍ତା ଦେଇଛି। ବ୍ୟକ୍ତିର ଯୁଗ ଧୀରେ ଧୀରେ ସାମୂହିକତାର ଯୁଗକୁ ସ୍ଥାନ ଦେଉଛି। ବିଶ୍ୱ ଫୁଟବଲ୍ ଆଜି ଏକକ ନାୟକଙ୍କ କାହାଣୀ ନୁହେଁ, ଏହା ସମବେତ ସଙ୍ଗୀତର ମହାକାବ୍ୟ। ଆମ ପାଇଁ ମଧ୍ୟ ଏଥିରେ ଏକ ଶିକ୍ଷା ରହିଛି। ଖେଳ କେବଳ ପ୍ରତିଭାର ଉତ୍ସବ ନୁହେଁ, ଏହା ଦୂରଦୃଷ୍ଟି, ପରିଶ୍ରମ, ଶୃଙ୍ଖଳା ଓ ନିରନ୍ତର ବିନିଯୋଗର ଫଳ। ଯେଉଁ ଜାତି ଶିଶୁର ପାଦରେ ପ୍ରଥମ ବଲ୍‌ଟି ଦିଏ, ସେହି ଜାତି ଦିନେ ବିଶ୍ୱକପ୍‌ର ଟ୍ରଫିକୁ ମଧ୍ୟ ଛୁଏ। ଫୁଟବଲ୍ ଆମକୁ ବିନମ୍ରତା ଶିଖାଏ। ଆଜି ତୁମେ ବିଜେତା, କାଲି ତୁମେ ପରାଜିତ। ଆଜି ତୁମେ ଆକାଶରେ, କାଲି ମାଟିରେ। କିନ୍ତୁ ଯେଉଁମାନେ ପଡ଼ିଯାଇ ପୁଣି ଉଠିବା ଶିଖିଛନ୍ତି, ଇତିହାସ ସେମାନଙ୍କୁ ହିଁ ଅମର କରେ।

ସ୍ପେନ ଆଜି ବିଶ୍ୱର ଶିଖରରେ। ସେମାନଙ୍କ ମୁଣ୍ଡରେ ବିଶ୍ୱବିଜୟର ମୁକୁଟ। କିନ୍ତୁ ସେହି ମୁକୁଟର ସବୁଠୁ ବଡ଼ ଅଳଙ୍କାର ହେଉଛି ପରିଶ୍ରମ, ଶୃଙ୍ଖଳା ଓ ଦଳଗତ ପ୍ରୟାସ ତଥା ପ୍ରଦର୍ଶନ। ଆଉ ଆର୍ଜେଣ୍ଟିନା ଓ ତା'ର ଖେଳାଳିମାନେ ହାରିଛନ୍ତି, କିନ୍ତୁ ସେମାନଙ୍କ ଫୁଟବଲ୍ ପ୍ରେମ, ସଂଘର୍ଷ ଓ ଗୌରବ ହାରିନାହିଁ। ସମୁଦ୍ରର ଢେଉ ପରି ସେମାନେ ପୁଣି ଫେରିଆସିବେ। କାରଣ ଫୁଟବଲ୍‌ରେ କୌଣସି ଶେଷ ନାହିଁ। ପ୍ରତ୍ୟେକ ପରାଜୟ ହେଉଛି ନୂଆ ସ୍ୱପ୍ନର ବୀଜ, ପ୍ରତ୍ୟେକ ବିଜୟ ହେଉଛି ନୂଆ ଦାୟିତ୍ୱର ଆରମ୍ଭ। ସେହିଥିପାଇଁ ୨୦୨୬ ବିଶ୍ୱକପ୍‌ର ଏହି ଫାଇନାଲ୍‌କୁ କେବଳ ଗୋଟିଏ ଫଳାଫଳ ଭାବେ ନୁହେଁ, ସମୟର ଏକ ସାହିତ୍ୟିକ ରୂପକ ଭାବେ ମନେ ରଖିବା ଦରକାର। ସୂର୍ଯ୍ୟ ଅସ୍ତ ଯାଇଛି, କିନ୍ତୁ ଆକାଶ ଅନ୍ଧକାରରେ ବୁଡିନାହିଁ। ଦିଗନ୍ତରେ ଆଉ ଗୋଟିଏ ପ୍ରଭାତ ଜନ୍ମ ନେଇସାରିଛି। ସେହି ପ୍ରଭାତର ନାମ ହେଉଛି ସ୍ପେନ। ଆଉ ସେହି ସୂର୍ଯ୍ୟାସ୍ତର ନାମ - ଆର୍ଜେଣ୍ଟିନା, ଯାହାର ଆଲୋକ କେବେ ଇତିହାସରୁ ଲିଭିଯିବ ନାହିଁ।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଓଡ଼ିଶାରେ ପିତା ଶୁଖୁଆକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ କେତେକ ମନ୍ଦିରରେ ଶୁଖୁଆକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ତାମିଲନାଡୁର ତଟୀୟ ଅଞ୍ଚଳରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଶୁଖୁଆ (କରୁବାଡୁ)ର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଜି ଦିଆଯାଏ। ଭାରତର ଅନ୍ୟ କେତେକ ରାଜ୍ୟ ସହିତ ଓଡ଼ିଶାର କେତେକ ମନ୍ଦିରରେ ଶୁଖୁଆକୁ ଭୋଗ ଭାବେ ଅର୍ପଣ କରାଯାଇଥାଏ।

 କେବଳ ଭାରତରେ ନୁହେଁ, କେତେକ ବିଦେଶୀୟ ସଂସ୍କୃତିରେ ମଧ୍ୟ ଶୁଖୁଆକୁ ପବିତ୍ର ମନେକରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। କେତେକ ଧାର୍ମିକ ଅନୁଷ୍ଠାନରେ ଶୁଖୁଆ ଅର୍ପଣ କରିବା ଏବଂ ଉପବାସ ସମୟରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ଚୀନ୍ ସଂସ୍କୃତିରେ ଶୁଖୁଆକୁ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ତେଣୁ ବିଶେଷ ଭାବେ ଚୀନ୍ ନବବର୍ଷରେ ଶୁଖୁଆ ଓ



ଅନ୍ୟ ସାମୁଦ୍ରିକ ଜୀବ-ଖାଦ୍ୟକୁ ଉପହାର ଭାବେ ଆଦାନପ୍ରଦାନ କରାଯାଇଥାଏ। ଏହାସହିତ ସେହି

### ବିଚିତ୍ର ବିଶ୍ୱାସ

ଦେଶରେ ଶୁଖୁଆକୁ ଦେବତା ଓ ପୂର୍ବପୁରୁଷଙ୍କୁ ଭୋଗ ଭାବେ ଅର୍ପଣ କରିବାର ବିଧି ମଧ୍ୟ ଅଛି। ଚୀନ୍‌ର 'ଜୋମୋନୋ କାଳ'ରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିବାର ତଥ୍ୟ ରହିଥିବା ବେଳେ 'ନାରା କାଳ'ରେ ଶୁଖୁଆ ଏତେ ମୂଲ୍ୟବାନ ଥିଲା ଯେ, ଏହାକୁ ରାଜ୍ୟକର ବା ଟିକସ ଭାବେ ପ୍ରଦାନ କରାଯାଉଥିଲା।

ଜାପାନ୍‌ରେ ଶୁଖୁଆର ସର୍ବପୁରାତନ ଇତିହାସ ଓ ଗଭୀର ସାଂସ୍କୃତିକ ମହତ୍ତ୍ୱ ଅଛି। ସେ ଦେଶରେ ଶୁଖୁଆକୁ 'ହିମୋନୋ' କୁହାଯାଏ। ଖ୍ରୀଷ୍ଟପୂର୍ବ ୭୧୦ରୁ ୭୯୪ ପର୍ଯ୍ୟନ୍ତ 'ହିମୋନୋ'କୁ ପବିତ୍ର ନୈବେଦ୍ୟ 'ଶିଶେନ୍' ଭାବେ ଦେବତାଙ୍କୁ ଅର୍ପଣ କରାଯାଉଥିଲା। ପ୍ରାଚୀନ ଗ୍ରୀକ୍ ପରମ୍ପରା ଅନୁଯାୟୀ କେଉଟମାନେ ସମୁଦ୍ର ଭିତରକୁ ଯିବା ପୂର୍ବରୁ ନିଜର ସୁରକ୍ଷା ଓ ଅଧିକ ମାଛ ଧରିବା ଆଶାରେ ସମୁଦ୍ର ଦେବତା 'ପୋସିଡନ୍' ଓ 'ହେକାଟେ'ଙ୍କୁ ଶୁଖୁଆ ଭୋଗ ଅର୍ପଣ କରୁଥିଲେ।

ଏହାବ୍ୟତୀତ କେତେକ ବିଶେଷ ପୂଜାନୁଷ୍ଠାନରେ ଦେବତାଙ୍କୁ ଶୁଖୁଆ ସମର୍ପଣ କରାଯିବା ସହିତ ପବିତ୍ର ପ୍ରସାଦ ଭାବେ ଅତିଥି ଓ ପରିବାରକୁ ପରଷା ଯାଉଥିଲା। ପର୍ତ୍ତୁଗାଲ୍ ଓ ସ୍ପେନ୍‌ରେ ବିଶେଷ ଭାବେ ଲେଣ୍ଟ, ଗୁଡ୍ ଫ୍ରାଇଡେ ଓ କ୍ରିସମାସ୍‌ରେ ଶୁଖୁଆ(ବାକାଲ୍‌ହାଓ)କୁ ଏକ ପାରମ୍ପରିକ ବ୍ୟଞ୍ଜନ ଭାବେ ଗ୍ରହଣ କରାଯାଏ। କେତେକ ବିଦେଶୀୟ ମୂଳ ଜନଜାତି ସମ୍ପ୍ରଦାୟରେ ମଧ୍ୟ ଶୁଖୁଆକୁ ପରୋକ୍ଷ ଭାବେ ପୂଜାର୍ଚ୍ଚନାର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି।

ମୁଖ୍ୟତଃ ଆଧ୍ୟାତ୍ମିକ ମତବାଦ ଅନୁସାରେ ମାଛ, ମାଂସ, ଶୁଖୁଆ ଆଦି ଅପବିତ୍ର ଓ ତାମସିକ ଖାଦ୍ୟ ଭାବେ ଗ୍ରହଣୀୟ ହୋଇଥିବା ବେଳେ ବିଶେଷ ପୂଜାନୁଷ୍ଠାନରେ ଏଗୁଡ଼ିକର ମହତ୍ତ୍ୱ ପ୍ରତିପାଦିତ ହୋଇପାରିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ - ଶିବ ଓ ଶବ ଉଭୟଙ୍କର ଉପସ୍ଥିତି ସୃଷ୍ଟିରେ ସମାନ ଏବଂ ଈଶ୍ୱରୀୟ ସତ୍ତାରେ ଉଭୟ ଉଭୟଙ୍କର ପରିପୂରକ। ଏହା ହିଁ ଦୃଢ଼ ଧର୍ମବିଶ୍ୱାସର ମୂଳାଧାର।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନକଲି ୱାରେଣ୍ଟରେ ଗିରଫଦାରୀ

# ୩୦ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ,୩୦।୭(ସମିସ): ନକଲି ଓ ଜାଲ୍ ଜାମିନ ବିହୀନ ଗିରଫ ପରୱାନା ଆଧାରରେ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଗିରଫ କରି ନିର୍ଯାତନା ଦେବା ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୀଡ଼ିତ ଆବେଦନକାରୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଏହି ଅର୍ଥ ଦୋଷୀ ପୁଲିସ ଅଧିକାରୀ କିମ୍ବା କୋର୍ଟ କର୍ମଚାରୀଙ୍କଠାରୁ ଆଦାୟ କରାଯିବ। ବିକ୍ରମ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ନାମରେ ଏକ ଜାଲ୍ ଗିରଫ ୱାରେଣ୍ଟ ଦେଖାଇ ପୁଲିସ ତାଙ୍କୁ ବେଆଇନ ଭାବେ ଗିରଫ କରିଥିଲା। ହାଜତ ମଧ୍ୟରେ ଓ କୋର୍ଟ ପରିସରରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ସେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଥିଲା ଯେ ଆବେଦନକାରୀଙ୍କ ନାମରେ କୌଣସି ଏନବିଡବ୍ଲୁ ଜାରି କରାଯାଇ ନଥିଲା। ସେହି ମାମଲାରେ ବିକ୍ରମ ଆସାମୀ କିମ୍ବା ଅଭିଯୋଗକାରୀ ନଥିଲେ। ଅପରପକ୍ଷରେ, ପୁଲିସ ଦର୍ଶାଇଥିଲା ଯେ ସ୍ପିଡ୍ ପୋଷ୍ଟ ମାଧ୍ୟମରେ କୋର୍ଟଙ୍କ ନକଲି ମୋହର ଥିବା ୱାରେଣ୍ଟ ଆସିବା ପରେ ଏହି ଗିରଫଦାରି ହୋଇଥିଲା। ଏହି ଘଟଣାରେ ଲାଲବାଗ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଭୁବନେଶ୍ୱର ଏସଡିଜେଏମ କୋର୍ଟ ନକଲି ୱାରେଣ୍ଟ ଜାରି ଓ ମୋହର ଜାଲିଆତି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବେ। କଟକ ଡିସିପି ବେଆଇନ ଗିରଫଦାରି ଓ ପୁଲିସର ଭୂମିକା ନେଇ ବିସ୍ତୃତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତଦନ୍ତ ରିପୋର୍ଟ ଆଧାରରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ନିଜ ଆଦେଶରେ ସ୍ପଷ୍ଟ କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ପଦାଧିକାରୀଙ୍କ ସହ କମ୍ପାନି ମଧ୍ୟ ଅଭିଯୁକ୍ତ: ହାଇକୋର୍ଟ

କଟକ,୩୦।୭(ସମିସ): ଯଦି କୌଣସି କମ୍ପାନି ତରଫରୁ ଦିଆଯାଇଥିବା ଚେକ୍ ବାଉନ୍ସ କରେ, ଏଥିରେ ଦସ୍ତଖତ କରିଥିବା ପଦାଧିକାରୀଙ୍କୁ ମାମଲାରେ କେବଳ ପକ୍ଷଭୁକ୍ତ କରାଯାଏ ଓ କମ୍ପାନିକୁ ବାଦ



ଦିଆଯାଇଥାଏ ତେବେ ଏହା ଆଇନ ସମ୍ମତ ନୁହେଁ। ଏନ୍‌ଆଇ ଆକ୍ଟ ଅନୁସାରେ ଏଭଳି ଘଟଣାରେ ପଦାଧିକାରୀଙ୍କ ସହିତ କମ୍ପାନିକୁ ମଧ୍ୟ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରି ଅଦାଲତରେ ମାମଲା ରୁଜୁ କରାଯିବା କଥା ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କମ୍ପାନିକୁ ପକ୍ଷଭୁକ୍ତ ନ କରି କେବଳ ଏହାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ସୋନପୁର ଏସଡିଜେଏମ ଅଦାଲତରେ ଦାୟର ଚେକ୍ ବାଉନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଡି.କେ.ପଟେଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡର ଏକ କମ୍ପାନି ତରଫରୁ ମାମଲାର ପ୍ରତିପକ୍ଷଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଚେକ୍‌ରେ କମ୍ପାନିର ପ୍ରାଧିକୃତ ଦସ୍ତଖତକାରୀ ଭାବେ ଆବେଦନକାରୀ ଦସ୍ତଖତ କରିଥିଲେ। ଏହି ଚେକ ବାଉନ୍ସ କରିବା ପରେ ପ୍ରତିପକ୍ଷଙ୍କ ତରଫରୁ ଆବେଦନକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ନୋଟିସ ପାଇବା ପରେ ମଧ୍ୟ ଆବେଦନକାରୀ ଟଙ୍କା ନ ଦେବାରୁ ପ୍ରତିପକ୍ଷ ଏସଡିଜେଏମ ଅଦାଲତରେ ଚେକ ବାଉନ୍ସ ପାଇଁ ମାମଲା ରୁଜୁ କରିଥିଲେ। ଏହି ମାମଲା ଗ୍ରହଣୀୟ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସୋମେଶ ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ନିଯୁକ୍ତ

ଭୁବନେଶ୍ୱର,୩୦।୭(ସମିସ): ୨୦୧୭ ମସିହା ବ୍ୟାଚର ଆଇଏଏସ ତଥା ରାଜ୍ୟ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ଭାବରେ ନିଯୁକ୍ତି ପାଇଛନ୍ତି। ଏନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବର୍ତ୍ତମାନର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଛି। ଶ୍ରୀ ରାଉତରାୟଙ୍କ ସ୍ଥାନରେ ଶ୍ରୀ ଉପାଧ୍ୟାୟ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିବେ।

## ୧.୪୭ କୋଟିର ଋଣ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ସମିସ): ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମିହିର ପାଇକରାୟ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଇଓଡବ୍ଲ୍ୟୁ ସୂଚନା ମୁତାବକ ଆଇସିଆଇସିଆଇ ଭୁବନେଶ୍ୱର ମୁଖ୍ୟ ଶାଖା ବ୍ୟାଙ୍କରୁ ମିହିର ୧କୋଟି ୪୭ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ଏଥିପାଇଁ ସେ କିଛି ଜମିର କାଗଜପତ୍ର ବନ୍ଧକ ରଖିଥିଲେ। ଏହାପରେ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇଥିଲା। ମାତ୍ର ସେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ଏହାକୁ ଏନ୍‌ପିଏ ଶ୍ରେଣୀଭୁକ୍ତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କାଳରେ ଏହି ଜମିଗୁଡ଼ିକ ପୂର୍ବରୁ ବ୍ୟାଙ୍କ ଅଫ ବରୋଦାରେ ପୂର୍ବରୁ ବନ୍ଧକ ଦେଇ ସେ ୩୦ ଲକ୍ଷ ଟଙ୍କାର ଋଣ ଉଠାଇଥିବା ଜଣା ପଡ଼ିଥିଲା। ମାମଲା ଜଣାପଡ଼ିବା ପରେ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା। ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଅନୁଯାୟୀ ମିହିର ଋଣ ପାଇଁ ଜାଲିଆତି କରିଥିବା ଜଣା ପଡ଼ିଥିଲା। ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା ଓ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଥିଲା।


**AFFIDAVIT**

I, Ipsita Agrawal, D/o Pradeep Kumar Agrawal, Resident of Union Bank Pakha, Shankar Cinema Road, Po/Ps and Dist.-Angul, Pin-759122, Odisha declare by this affidavit No-19973 Dated 30 July 2026 that now onwards I shall be known as **IPSITA AGARWAL** for all future purposes.

**Change of Name (Minor)**

By virtue of an affidavit (CF No-144, Date: 30/07/2026) sworn before The Executive Magistrate, Jharbandh. I, Dinesh Sahu (applicant name), S/o Kapurchan Sahu, permanent & current resident of R/o-vill-Balangir, PO: Dava , PS/TAH-Jharbandh, Dist: Bargarh, State: Odisha declare that I have changed my minor son's name from Bhimesh Sahu to Bhabesh Sahu. Henceforth, he shall be known as **Bhabesh Sahu** (new name) for all purposes.

**NOTICE**

By virtue of an affidavit sworn before the Notary Public, Bhubaneswar, dated 22/06/2026 I, RASHMINANDITA JENA, W/o- SRIKANTA RAUT , Resident of of Duplex-104, Plot No-388 Nandan Villa, Raghunathpurjalli, Raghunathpur, Po-Kalarahanga, Bhubaneswar, Dist-Khordha, ODISHA-751024, I declare that my name changed from **RASMINANDITA RAUT** to **RASHMINANDITA JENA**. Henceforth, I Shall be known as **RASHMINANDITA JENA** for all future purposes.

**RASHMINANDITA JENA**

**AFFIDAVIT**

I, SANJAYA KUMAR SHARMA, aged about 42 years, S/o- PRAFULLA KUMAR NATH, Resident of AT-KAUPADA, PO-BAGHILO BABANPUR, PS-DERABIS, DIST- KENDRAPARA- 754208. ODISHA, declared by this Affidavit No.866/2026 Dated. 29.07.2026, That now onwards I shall Be Known as **SANJAY SHARMA** for all future Purposes.

**AFFIDAVIT**

By virtue of an affidavit no. 37 before the Executive Magistrate, Rairakhol, dtd-29/07/2026, I, Satyajit Meswa, Vill- Kadaligarh, P.S. Rairakhol, Dist. Sambalpur, hereby declare that the name of my minor son has been changed from Sajansip Meswa to Ritesh Meswa. Both names refer to the same person. Henceforth he shall be known as **Ritesh Meswa** for all purposes.

**Satyajit Meswa**

**AFFIDAVIT**

By virtue of an affidavit no. 826 before the Executive Magistrate, Nabarangpur, dtd-29/07/2026, I, Sri Sekhar Hial, Vill- Kangara, P.S. Tentulikhunti, Dist. Nabarangpur hereby declare that my name has been wrongly recorded as Sekhar Harijan, S/o Kurupasindhu Harijan, in my Driving Licence but my correct name is Sekhar Hial, S/o Moya Hial, as per my Aadhaar and PAN. Henceforth, I shall be known as **Sekhar Hial, S/o Moya Hial** for all purposes.

**Sd/- Sekhar Hial**

**AFFIDAVIT**

I, Phanindra Bhusan Sahu (59) S/o Gayadhar Sahu of GG-9, Civil Township, Rourkela-4, P.S : Raghunathpalli, Dist-Sundargarh do hereby declare vide affidavit No A/66, dtd 30. 07. 2026 sworn before the Executive Magistrate, Uditnagar, Rourkela that, my correct name is Phanindra Bhusan Sahu, which is mentioned in my Voter ID, Bank Passbook etc. whereas in my Aadhar card No.4366 9094 4315 the same is mentioned wrongly as Ffanindra kumar Sahu. Hence both the names stand for one and same person i.e. myself, which will be produced for Adhar correction before the competent authority. The facts stated above are true to my knowledge.

**LOST**

I jagannath sahu (31) son of Prabhakar Sahu of resident Brahmin Sahi, Rayagada PS/District Rayagada,i lost my certificate 1. B Tech electrical engineering bearing Regd No-1221317047 and issued with certificate SL No-DO8160122160 and Certificate No- BPC140121369 2. 10 th Board,Roll No- 04 PH 086,board of Secondary Education, 3. Diploma in Electrical bearing,No-F0956022141and issued with Certificate SL No- 12/378122. I have lodged a FIR at Rayagada police station vide GD No.006 dated 06/11/2025 time-12:13pm If anyone finds it kindly inform me on below mentioned contact no-9040959673.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗେରୁଆ ହେଲା...

ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟ ବିରୋଧୀ ଦଳ ସାଂସଦ ଅମର ସିଂହ, ତାରିକ ଅନୱାର ଏବଂ କିର୍ତ୍ତି ଆଜାଦ ମଧ୍ୟ ଏହାର ସମାଲୋଚନା କରି କହିଛନ୍ତି ଯେ ସରକାର ବିପଜ୍ଜନକ ଧାରା ଆରମ୍ଭ କରିଛନ୍ତି। ସରକାର ସେନାବାହିନୀ ପୋଷାକ ରଙ୍ଗ ଗେରୁଆ କରିଦେଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୪ ବିଶ୍ୱକପ୍ ସମୟରେ ଭାରତୀୟ ଦଳ ହଳଦିଆ ରଙ୍ଗର ଜର୍ସି ପିନ୍ଧିଥିବା ବେଳେ ୨୦୧୮ ବିଶ୍ୱକପ୍‌ରେ ଆକାଶୀ ନୀଳ ରଙ୍ଗର ପୋଷାକ ବ୍ୟବହାର କରାଯାଇଥିଲା। ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଆୟୋଜିତ ହେବାକୁ ଥିବା ୨୦୨୬ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଚଳାଇଛି। ୫୧ ବର୍ଷ ପରେ ଦ୍ୱିତୀୟ ଥର ବିଶ୍ୱକପ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ଭାରତୀୟ ଦଳ ପାଇଁ ଜର୍ସି ବିବାଦ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ହକି ଇଣ୍ଡିଆ ସଫେଇ ଦେଇଛି ଯେ, ଏହି ନିଷ୍ପତ୍ତି କୌଣସି ଆବେଗ କିମ୍ବା ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ ବୈଷୟିକ ସୁବିଧାକୁ ଦୃଷ୍ଟିରେ ରଖି ନିଆଯାଇଛି।

### କ୍ରୀଡ଼ାପ୍ରେମୀଙ୍କ ଭାବନାକୁ...

ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଏହା ସବୁଠାରୁ ନିମ୍ନମାନର ରାଜନୀତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା। ଓଡ଼ିଶାର ବିଜେପି ସରକାରଙ୍କ ଚାପରେ ଏହି ପଦକ୍ଷେପ ନିଆଯାଇଛି। କ୍ଷମତାରେ ଥିବା ବ୍ୟକ୍ତିମାନେ ଏହାକୁ ଅସ୍ୱୀକାର କରିପାରନ୍ତି; କିନ୍ତୁ ଗତ ଦୁଇ ବର୍ଷ ହେବ ଓଡ଼ିଶାରେ ସରକାରଙ୍କର ସରକାରୀ କୋଠା, ବସ୍ ଏବଂ ପୋଲଗୁଡ଼ିକର ରଙ୍ଗ ବଦଳାଇବାର ନିଶାକୁ ସମସ୍ତେ ଦେଖିଛନ୍ତି। ଆଜି ଓଡ଼ିଶାରେ କେବଳ ଏହି ଗୋଟିଏ କାମ ହିଁ ହେଉଛି। କିନ୍ତୁ ଏବେ ସେହି ସରକାର ଆମ ଜାତୀୟ ଦଳର ଜର୍ସି ରଙ୍ଗକୁ ମଧ୍ୟ ବଦଳାଇ ଦେଇଛନ୍ତି। ହକି ଭଳି ଏକ ଜାତୀୟ ଖେଳକୁ ରାଜନୀତିକରଣ କରିବାକୁ ବିଜେପି ଓଡ଼ିଶାର ଏହି ପ୍ରଚେଷ୍ଟାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନା ଏବଂ ଜାତୀୟ ହକିକୁ ଓଡ଼ିଶା ଯେଉଁ ଗର୍ବର ସହ ସହଯୋଗ କରିଆସିଛି, ତାହାକୁ ଗଭୀର ଆଘାତ ପହଞ୍ଚାଇଛି ବୋଲି ନବୀନ କ୍ଷୋଭର ସହ କହିଛନ୍ତି।

### ମାଡ଼ିଆସୁଛି 'ମହା'..

କ୍ୟୁସେକ ପର୍ଯ୍ୟନ୍ତ ଜଳ ପ୍ରବାହ ହୋଇଥିବାରୁ ବର୍ତ୍ତମାନ ସ୍ଥିତିକୁ ନିୟନ୍ତ୍ରଣଯୋଗ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ମାତ୍ର ମହାନଦୀର ଶାଖା ନଦୀଗୁଡ଼ିକରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି। କାଲି ସୁଦ୍ଧା ହୀରାକୁଦର ଆଉ ୧୦ରୁ ୧୨ଟି ଗେଟ୍ ଖୋଲାଯାଇପାରେ। ତେବେ ଏହି ପାଣି ମୁଣ୍ଡଳୀରେ ପହଞ୍ଚିବା ବେଳକୁ ୨୪ ଘଣ୍ଟା ଲାଗିବ ଓ ସେତବେଳକୁ ମୁଣ୍ଡଳୀଠାରେ ଜଳ ପ୍ରବାହ ହ୍ରାସ ପାଇଥିବା ବୋଲି ବିଭାଗ ପକ୍ଷରୁ ଆକଳନ କରିଛି।

ମହାନଦୀର ବଢ଼ୁଥିବା ଜଳସ୍ତର ସହ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ପାଇକା, କୁଶଭଦ୍ରା, ଦେବୀ ଓ କୁଆଖାଇ ଓ ଚିତ୍ରୋପ୍ତଳା ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିମ୍ନାଞ୍ଚଳ ପ୍ରଭାବିତ ହୋଇପାରେ। ସେଥିପାଇଁ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ସତର୍କ କରାଯାଇଛି ଏବଂ ଅଧିକାରୀମାନେ ଗତକାଲି ରାତିରୁ ମୈଦାନରେ କାମ ଆରମ୍ଭ କରିଛନ୍ତି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ଜଗତସିଂହପୁରର ବିରିଡ଼ି, ନାଉଗାଁ, ତିର୍ତ୍ତୋଲ, କୁଜଙ୍ଗ, ରଘୁନାଥପୁର, ଏରସମା ଓ ବାଲିକୁଦା, କଟକର ବାଙ୍କୀ ଓ ଆଠଗଡ଼, ପୁରୀର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, କାକଟପୁର, ନିମାପଡ଼ା ଓ ଗୋପ, କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର ଓ ଆଳି ଅଞ୍ଚଳ ଉପରେ ବିଶେଷ ନଜର ରଖାଯାଇଛି ବୋଲି ସେ କହିଛନ୍ତି।

ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡରେ ବୌଦ୍ଧ ଜିଲ୍ଲାର ଖଇରମାଳ ଠାରେ ମହାନଦୀରେ ୭ ଲକ୍ଷ ୭୪ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ଠିକ ସେହିପରି ନୟାଗଡ଼ ଜିଲ୍ଲାର ବରମୂଳ ଠାରେ ମହାନଦୀରେ ୭ ଲକ୍ଷ ୭୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ମୁଣ୍ଡଳି ଠାରେ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ରୁଲ୍ କର୍ଭ ଅନୁସାରେ ହୀରାକୁଦର ଜଳସ୍ତର ୧୩ ଫୁଟ୍ ଅଧିକ ଥିଲେ ମଧ୍ୟ ତଳମୁଣ୍ଡରେ ମାତ୍ରାଧିକ ପାଣି ରହିଥିବାରୁ ଅଧିକ ଗେଟ୍ ଖୋଲାଯାଇ ପାରୁନାହିଁ। ତଳ ମଣ୍ଡରେ ବନ୍ୟା ଜଳ ଅପସାରିତ ହେଲା ପରେ ଶୁକ୍ରବାର ଆଉକୁ ହୀରାକୁଦର ଅଧିକ ଗେଟ୍ ଖୋଲାଯିବାକୁ ନିଷ୍ପତି ହୋଇଥିବା ଜଣାପଡ଼ିଛି।

### ୬୨୧ ଫୁଟ୍ ଡେଇଁଲା...

ସୁଦ୍ଧା ୧୨ଟି ଗେଟ୍ ଖୋଲିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ତେବେ ତଳ ମୁଣ୍ଡରେ ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ଏହା ଉପରେ ନଜର ରଖାଯାଇଛି।

ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରବେଶ କରୁଛି ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ। ହୀରାକୁଦ ଜଳସ୍ତର ମଧ୍ୟ ୬୨୧.୩୫ ଫୁଟ୍‌ରେ ପହଞ୍ଚିଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବନ୍ୟା ଯୋଗୁଁ ସ୍ଥିତି ସୁଧୁରିବା ଯାଏ ଗେଟ୍ ଖୋଲାଯିବ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ଖଇରମାଲ, ବାରମୁଲ ଓ ମୁଣ୍ଡଳୀଠାରେ ୭ରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ହୀରାକୁଦ ନଦୀବନ୍ଧରୁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୫,୨୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୧୫୧୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୩୪୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୧୧୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨,୦୯,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪,୪୦,୮୨୫ କ୍ୟୁସେକ୍, ଖଇରମାଲଠାରେ ୭,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୭,୭୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୩୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ସଂସଦରେ ହଙ୍ଗାମା...

ଦଳ ମାନେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା ମଧ୍ୟ ଉଠାଇ ହଙ୍ଗାମା କରିଥିଲେ। ହଙ୍ଗାମା ଚାଲିଥିବା ବେଳେ ବନ୍ଦେମାତରମ ବିଲକୁ ବାଚନିକ ଭୋଟରେ ପାରିତ କରାଇଥିଲେ ସରକାର। ଗତକାଲି ଏହା ରାଜ୍ୟସଭାରେ ପାସ୍ ହୋଇଥିଲା। ଏହି ବିଲ ଏବେ ଦସ୍ତଖତ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ଯିବ। ଆଜି ଏହି ବିଲ୍ ପାରିତ ହେବାପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

### ମେଡିକାଲ ପିଜି...

ପରୀକ୍ଷା ଆରମ୍ଭର ମାତ୍ର କିଛି ସମୟ ପରେ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ହ୍ୱାଟ୍ସଅପ ଗ୍ରୁପ୍ (ଏସ-୧), (ଏଲ-୧) ଓ (ଜେଡ-୧) ନାମରେ ଥିବା ଗ୍ରୁପରେ ସେୟାର କରାଯାଇଥିଲା। ଏହା ପରେ ଉକ୍ତ ହ୍ୱାଟ୍ସଅପ ଗ୍ରୁପ୍‌ରେ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ପଠାଯାଉଥିବା ଅଭିଯୋଗ ହୋଇଛି। ଏହି ହ୍ୱାଟ୍ସଅପ ଗ୍ରୁପକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କିଛି ଡାକ୍ତରୀ ଛାତ୍ର ପରିଚାଳନା କରୁଥିଲେ। ଏଥିସହ ପରୀକ୍ଷା କେନ୍ଦ୍ରକୁ ଏକାଧିକ ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ ସହିତ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷାରେ କପି, କେନ୍ଦ୍ର ମଧ୍ୟକୁ ମୋବାଇଲ ନେବା ଓ ପରିଚାଳନାରେ କୋହଳ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲର କିଛି ପରିକ୍ଷାର୍ଥୀଙ୍କୁ ମଧ୍ୟ ପ୍ରଶ୍ନପତ୍ର ବିକ୍ରି କରାଯାଇଥିବା ନେଇ ମଧ୍ୟ ସୂଚନା ରହିଛି। ଘଟଣାକୁ ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପିଜି ପରୀକ୍ଷାର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନେଇଥିଲା। ଏହା ପୂର୍ବରୁ ଏହି ପରୀକ୍ଷା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ହେଉଥିଲା। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ତଦନ୍ତ ରିପୋର୍ଟ ପରେ ପ୍ରକୃତ ଘଟଣା ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ। ଅଭିଯୋଗ ପରେ ପରୀକ୍ଷା ସେଲ୍‌କୁ ଅଧିକ କଠୋର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଦୁଇଟି ପରୀକ୍ଷାରେ ଅନ୍ୟ କୌଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ସଜାଗ ହେବା ସହ ବର୍ତ୍ତମାନ ଏହି ପରୀକ୍ଷାପତ୍ର କିପରି ଅନ୍ୟ ଶିକ୍ଷାନୁଷ୍ଠାନକୁ ଗଲା ତାହାକୁ ନେଇ ତର୍ଜମା ଚାଲିଛି। ଘଟଣାର ତଦନ୍ତ ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିବା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ କହିଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ...

ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଛୁ। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ କିଭଳି ଭାବରେ ମହାନଦୀ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ହେବ, ସେନେଇ ଆଜି ଆଲୋଚନା ହୋଇଛି। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ବିଭିନ୍ନ ସ୍ତରରେ ଜାରି ରହିବ। ଏହି ୩ ମାସ ମଧ୍ୟରେ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ଜଳକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ନେଇ ମୁଁ ଆଶାବାଦୀ। ଆସନ୍ତା ଦୀପାବଳି ବେଳକୁ ସମସ୍ୟା ନିଶ୍ଚିତ ଭାବରେ ସମାଧାନ ହୋଇଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ଜୁଲାଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ମହାନଦୀ ଜଳ ବିବାଦରେ ଏକ ଚିଠି ଲେଖିଥିଲେ। ଏଥିରେ ସେ ମହାନଦୀ ଜଳବିବାଦରେ ଆପୋଷ ସମାଧାନ ଏବଂ ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତା ନେଇ ପ୍ରସ୍ତାବ ରଖିଥିଲେ। ଗତ ଜୁଲାଇ ୨୨ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏକ ବିସ୍ତୃତ ପତ୍ର ଜରିଆରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ପ୍ରସ୍ତାବକୁ ସ୍ୱୀକାର କରିଥିଲେ। ଏହାପରେ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ମଧ୍ୟସ୍ଥତା ପାଇଁ ଉଭୟ ସିଡବ୍ଲୁସି ଓ ଜଳଶକ୍ତି ମନ୍ତ୍ରାଳୟକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଛି।

### ଶୀତରାତିରେ ଆହ୍ୱାନ...

ଶ୍ରମିକ ଓ ଶୀତଳୀକରଣ ସୁବିଧା ନ ଥିବା ଲୋକଙ୍କ ମଧ୍ୟରେ ଉତ୍ତାପଜନିତ ରୋଗ ଓ ମୃତ୍ୟୁର ଆଶଙ୍କା ବଢ଼ିଯାଏ। ୧୯୯୮ର ଭୟଙ୍କର ଉତ୍ତାପ ପ୍ରବାହରେ ଓଡ଼ିଶାରେ ୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଉଷ୍ମ ରାତି ବଢ଼ିବା ସହ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ୁଛି। ସେହିପରି ରାତିରେ ବାୟୁମଣ୍ଡଳ ଗରମ ରହିବାରୁ ପ୍ରଦୂଷକ କଣିକା ଭୂପୃଷ୍ଠ ନିକଟରେ ଅଧିକ ସମୟ ରହିଯାଉଛି। ଯାହା ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଗବେଷଣାରେ ଏହି ପରିବର୍ତ୍ତନକୁ ଭୁବନେଶ୍ୱରର ଦ୍ରୁତ ସହରୀକରଣ ସହ ସିଧାସଳଖ ଭାବେ ଯୋଡ଼ାଯାଇଛି। ୨୦୦୦ରୁ ୨୦୨୫ ମଧ୍ୟରେ ସହରର ନିର୍ମିତ ଅଞ୍ଚଳ ୩୬ ବର୍ଗ କିଲୋମିଟରରୁ ବଢ଼ି ୧୨୨ ବର୍ଗ କିଲୋମିଟରରୁ ଅଧିକ ହୋଇଛି। ଅନ୍ୟପକ୍ଷରେ କୃଷି ଜମି ୮୩ ପ୍ରତିଶତ କମିଯାଇଥିବାବେଳେ ସବୁଜ ଆବରଣ ଅଧାରୁ ଅଧିକ ହ୍ରାସ ପାଇଛି। କଂକ୍ରିଟ, ପିଚୁ ରାସ୍ତା ଓ ବଡ଼ ବଡ଼ ଅଟ୍ଟାଳିକା ଦିନରେ ଉତ୍ତାପ ଶୋଷଣ କରି ରାତିରେ ଧୀରେ ଧୀରେ ଛାଡ଼ୁଥିବାରୁ ସହରର ରାତି ଅଧିକ ଗରମ ରହୁଛି। ଗବେଷକମାନେ କହିଛନ୍ତି ଯେ, ୧୯୯୦ ଦଶକ ପରଠାରୁ ଅତ୍ୟଧିକ ଉଷ୍ମ ବର୍ଷର ସଂଖ୍ୟା ବହୁତ ବଢ଼ିଛି। ୨୦୦୯, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ସବୁଠାରୁ ଅଧିକ ଉଷ୍ମ ବର୍ଷ ମଧ୍ୟରେ ରହିଛି। ସେମାନଙ୍କ ମତରେ, ୨୦୨୦ ଦଶକର ମଧ୍ୟଭାଗ ସୁଦ୍ଧା ଭୁବନେଶ୍ୱରରେ ହାରାହାରି ଓ ସର୍ବନିମ୍ନ ତାପମାତ୍ରା ପୂର୍ବରୁ ସାଧାରଣ ବୋଲି ବିବେଚିତ ସୀମାକୁ ସ୍ଥାୟୀ ଭାବେ ଅତିକ୍ରମ କରିସାରିଛି। ଏହା ଏକ ସାମୟିକ ଉତ୍ତାପ ପ୍ରବାହ ନୁହେଁ, ବରଂ ଭୁବନେଶ୍ୱର ଏକ ସ୍ଥାୟୀ ଉଷ୍ମ ଜଳବାୟୁ ପର୍ଯ୍ୟାୟରେ ପ୍ରବେଶ କରିଥିବା ସ୍ପଷ୍ଟ ସଙ୍କେତ ଦେଇଛି।


**GOVERNMENT OF ODISHA** 19001/169/2627

**Panchayat Samiti, Junagarh**

E-Procurement Notice

Bid Identification No. PS-JNG-T-3/2026-27

| | | |
|---|---|---|
| 1 | No. of the work | Building works 1 nos. |
| 2 | Estimated cost | Rs. 17.47 lakh |
| 3 | Class of Contractor | "C" & "D" |
| 4 | Period of completion | 6 months |
| 5 | Date and time of availability of bid document in the portal | 11.00 hrs of 01.08.2026 to 17.00 hrs of 17.08.2026 |
| 6 | Last date/Time for receipt of bid in the portal | 17.00 hour of 17.08.2026 |
| 7 | Name and address of the Officer Inviting Bid | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1) | On 18.08.2026 at 11.00 AM in the Office of the Panchayat Samiti, Junagarh |

Further details can be seen from the e-procurement portal: https://tendersodisha.gov.in

Block Development Officer
Junagarh

OIPR-19001/19180/1/26-27/0001

GOVERNMENT OF ODISHA 32001/626/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
CHHELIGADA HEADWORKS DIVISION, AT/PO: MAHENDRAGADA,
VIA: CHANDRAGIRI, DIST: GAJAPATI. PIN – 761017.
e-mail: eechwd@gmail.com

e-Procurement Notice No. SE-CHWD-01/2026-27

1. **Type of Work** :- Building work
2. **Total No of Works** :- 04 (Four) Nos.
3. **Amount put to tender** :- Varies from **₹13.61 Lakh to ₹13.38 Lakh**
4. **Period of completion** :- 06 (Six) calendar months
5. **Paper Cost** :- ₹6000/- per each
6. **Class of Contractor** :- 'D' & 'C' Class of Contractor

| Sl. No. | Procurement Officer | Bid Identification No. | Name of the Work | Bid Amount (Rs. in lakh) | Availability & Submission of Bid Online | Date and Place of Opening of Technical Bids Online |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Superintending Engineer, Chheligada Headworks Division, Mahendragada | e-CHWD-01/2026-27 | Construction of Anganwadi center for R&R colony Bidyadharpur of Chheligada Irr. Project | 13.61 | From 03.08.2026, 11.00 A.M. to 14.08.2026, 5.00 P.M. | 17.08.2026 (11.30 A.M.) in the office of the Superintending Engineer, Chheligada Headworks Division, Mahendragada. |
| 2 | | e-CHWD-02/2026-27 | Construction of Anganwadi center for R&R colony Chakundapalli of Chheligada Irr. Project | 13.43 | | |
| 3 | | e-CHWD-03/2026-27 | Construction of Anganwadi center for R&R colony Balipata of Chheligada Irr. Project | 13.38 | | |
| 4 | | e-CHWD-04/2026-27 | Construction of Anganwadi center for R&R colony Babulibandha of Chheligada Irr. Project | 13.38 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/corrigendum/cancellation of the tender can be seen in the above website only.

Superintending Engineer,
Chheligada Headworks Division,
Mahendragada

OIPR-32001/32109/1/26-27/0001

25001/846/2627 E_maill: rw_bhawanipatna@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, BHAWANIPATNA.
Letter No. 2265 Date: 24.07.2026

e-Procurement Notice

Bid identification No: SERWBPT/Online-05/2026-27

1. Class of Contractor
   a) Estimated cost more than Rs.20.00 lakhs And less than Rs.3.00 Crore : **B Class Contractor** of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakhs And less than Rs.40.00 Lakhs : **C Class & B Class Contractor** of Odisha PWD) or relevant class of other licensing authorities
   c) Estimated cost less than Rs.20.00 lakhs : **D Class & C Class Contractor** of Odisha PWD) or relevant
2. Period of Completion : **As mentioned in the Annexure column-07**
3. E.M.D. required : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A.
4. Cost of tender Paper : **As mentioned in the Annexure column-05**
5. Mode of Submission of Tender : Tender should be submitted online in www.tendersorissa.gov.in
6. Period of availability of tenders on-line / Date and time of bidding online /last date of seeking clarification / date of opening of Tender Papers. : The details are as follows.
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No | Availability of Tender on line for bidding: From | Availability of Tender on line for bidding: To | Last date & time of seeking tender clarification | Date & time of Opening of tender: Technical Bid | Date & time of Opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer R.W. Division, Bhawanipatna | SERWBPT-online-05/2026-27 | 05.08.2026 At 10.00 AM | 24.08.2026 Up to 5.00 PM | 24.08.2026 Up to 5.00 PM | 25.08.2026 At 11.00 AM | Will be intimated Separately |

Other details can be seen in the bidding documents, which is available in website www.tendersorissa.gov.in

Supereintending Engineer
Rural Works Division,Bhawanipatna

OIPR-25001/25070/1/26-27/0003

# ନୁଆଡ଼େ ଚାହିଁଲେ ବନ୍ୟା ପାଣି; ବ୍ୟାପକ କ୍ଷୟକ୍ଷତି

କର୍ଲାମୁଣ୍ଡା, ୩୦।୭ (ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ କେସିଙ୍ଗା ବ୍ଲକର ବେଲଖଣ୍ଡି, ହାତୀଖୋଜ, ସିର୍ଜାପାଲି, ତୁଣ୍ଡଲା, ତୁର୍ଲାଖମନ ପଞ୍ଚାୟତଗୁଡ଼ିକର ବିଭିନ୍ନ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ରାସ୍ତାଘାଟରେ ଗମନାଗମନରେ ଘୋର ସମସ୍ୟା ଦେଖା ଦେଇଛି। ସିର୍ଜାପାଲି, ବେଲଖଣ୍ଡି ଏବଂ ହାତୀଖୋଜର ଚାଷଜମି ପାଣିରେ ବୁଡି ଧାନଚାଷ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଆଶଙ୍କା କରାଯାଉଛି। ବେଲଖଣ୍ଡି ଧବଳେଶ୍ୱର ମନ୍ଦିରରେ ପୂଜକ ଓ ଶ୍ରଦ୍ଧାଳୁମାନେ ଫସି ରହିଥିବା ଖବରପାଇ ଏହି ବନ୍ୟା ପ୍ରଭାବିତ ଅଞ୍ଚଳକୁ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ,



ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ, କେସିଙ୍ଗା ତହସିଲଦାର, କେସିଙ୍ଗା ବିଡିଓ, କେସିଙ୍ଗା ଦମକଳ ବାହିନୀ ପ୍ରମୁଖ ଉପସ୍ଥିତ ରହି ଧବଳେଶ୍ୱର ମନ୍ଦିରରେ ଫସି ରହିଥିବା ୧୦ ଶ୍ରଦ୍ଧାଳୁ ଓ ପୂଜକଙ୍କୁ ଉଦ୍ଧାର କରିଥିଲେ। ସେହିପରି କର୍ଲାମୁଣ୍ଡା ବ୍ଲକ ଅଞ୍ଚଳଦେଇ ପ୍ରବାହିତ ହେଉଥିବା ତେଲ ଓ ଉତେଇ ନଦୀରେ ବନ୍ୟା ନିକଟସ୍ଥ ଅଞ୍ଚଳକୁ ମାଡ଼ି ଯାଇଥିବାରୁ ଅନେକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ବ୍ଲକର ପୌରକେଲା ପଞ୍ଚାୟତର କୁନ୍ଦେଇପାଲି, ତେରେକେଲା ଗ୍ରାମ ନିକଟକୁ ବନ୍ୟା ଜଳ ଆସିଥିବା ବେଳେ ଶହେରୁ ଅଧିକ ଏକର ଧାନ ଚାଷ ବନ୍ୟା ଜଳରେ ବୁଡ଼ି ରହିଛି। ସ.ମାଲପଡ଼ା ପଞ୍ଚାୟତର ସର୍ଗୁଲ, ମାଲପଡ଼ା, ପୁଟିଗାଁ ପ୍ରଭୃତି ଗାଁର ୫ଶହରୁ ଉର୍ଦ୍ଧ୍ୱ ଚାଷ ଜମିରେ ପ୍ରାୟ ୧୦ ଫୁଟ ପାଣି ରହିଥିବା ଦେଖିବାକୁ ମିଳିଛି।ଅନ୍ୟପଟେ ପୌରକେଲା, ଖରଝୁରା,

## ମନ୍ଦିରରେ ଫସିଥିବା ୧୦ ଉଦ୍ଧାର

ବୁଢୀପଦାର, ତେରେସିଙ୍ଗା, ବିନ୍ଧାଣି, ରିଞ୍ଚା, ଦେଓଗାଁ, ଏକାତରା ଚାଷକ୍ଷତିଗସ୍ତ ହୋଇଛି। ଖବରପାଇ ତହସିଲଦାର ଅରୁଣ ବର୍ଗେ ଓ ତାଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରିଛନ୍ତି। ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ସଦଳବଳେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ନଦୀକୁ ନ ଯିବାପାଇଁ ସତର୍କ କରିଥିଲେ।

## ଘର ଭାଙ୍ଗିଲା, ରାସ୍ତା କ୍ଷତିଗ୍ରସ୍ତ

ଖଡ଼ିଆଳ, ୩୦।୭ (ସମିସ): ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷାରେ ଅନେକ କଚ୍ଚା ଘର ଭାଙ୍ଗି ପଡ଼ିଥିବାବେଳେ ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତା ବିଛନାପାଲି ପାଖରେ ରାସ୍ତାରୁ ମାଟି ଧୋଇନେଇ ପାଣି ଚାଲୁଥିବାରୁ ସିନାପାଲି ଖଡ଼ିଆଳ ରାସ୍ତା ବନ୍ଦ ରହିଛି। ସେହିପରି କୁଶମାଲ ସୁନ୍ଦର ନଦୀ ବ୍ରିଜର ଉଭୟ ପାର୍ଶ୍ୱରେ ରାସ୍ତା ଭାଙ୍ଗି ଯାଇଛି ଓ ଖଡ଼ିଆଳ ବୋଡେନ ରାସ୍ତାର ପଲସଦା ଠାରେ ରାସ୍ତା ଭାଙ୍ଗି ଯାଇଛି। ଏହି ରାସ୍ତା ଗୁଡିକ ଖଡ଼ିଆଳ ଓ ନୂଆପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହୋଇଥିବାରୁ ବନ୍ୟାରେ ଭାଙ୍ଗିଯାଇଛି ଫଳରେ ଜନସାଧାରଣଙ୍କ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ସେହିପରି ବିଭିନ୍ନ ଗ୍ରାମର ରାସ୍ତା କ୍ଷତିଗ୍ରସ୍ତ ହୋଇ ଯାତାୟାତ ବ୍ୟାହତ ହୋଇଛି। ଅନ୍ୟପଟେ ହଜାର ହଜାର ଏକଡ଼ ଚାଷଜମିରେ ପାଣି ଜମି ରହିବାରୁ ଧାନ ସମେତ ବିଭିନ୍ନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଫସଲ ଉଜାଡ଼ି ଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବନ୍ୟା ଓ ବର୍ଷାର ପ୍ରଭାବରେ ଅନେକ ଅଞ୍ଚଳରେ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। କ୍ଷତିଗ୍ରସ୍ତ ପରିବାର ଓ ଚାଷୀମାନେ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



## ହେକ୍ଟର ହେକ୍ଟର ଜମି ଜଳମଗ୍ନ

ସିନାପାଲି, ୩୦।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଦୁଇଦିନ ଧରି ହୋଇଥିବା ଲଗାଣ ବର୍ଷାରେ ହେକ୍ଟର ହେକ୍ଟର ଚାଷଜମି ଜଳମଗ୍ନ ହୋଇ ରହିଛି। ଯାହାଫଳରେ ଚାଷୀ ଚିନ୍ତିତ ରହିଛନ୍ତି। ଲଗାଣ ବର୍ଷାରେ ଉଦନ୍ତୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହିତ ବିଭିନ୍ନ ନଦୀ ନାଳରେ ବନ୍ୟା ପାଣି ପ୍ରବାହିତ ହେଉଛି। ସିନାପାଲି ବ୍ଲକର ୨୭ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଛି। ସିନାପାଲି କୃଷି ବିଭାଗ ତଥ୍ୟ ଅନୁସାରେ ସିନାପାଲି ବ୍ଲକର ୫ ହଜାର ୬ ଶହ ହେକ୍ଟର ଧାନ ବିଲରେ ବୁଡି ରହିଥିବାବେଳେ ୧୫ ଶହ ହେକ୍ଟର ଅଣ ଧାନଚାଷ ବୁଡ଼ି ରହିଛି। ସେହିପରି ୩୨୦ ହେକ୍ଟର ତଳି (ପଲ୍ଲା) ପାଣି ଘେରରେ ରହିଛି। ସିନାପାଲି ଅଞ୍ଚଳର ଚାଷଜମି ଗୁଡିକରେ ସବୁଠି ଜଳସ୍ରୋତ ପ୍ରବାହିତ ହେଉଛି। ଅନେକ ସ୍ଥାନରେ ବର୍ଷା ଜଳ ପ୍ରବାହିତ ଯୋଗୁଁ ଯୋଗାଯୋଗ ସମ୍ଭବ ହୋଇପାରୁ ନାହିଁ। ସିନାପାଲି କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ପଚାରିବାରୁ ବନ୍ୟା ଜଳ ନିଷ୍କାସନ ପରେ ସବିଶେଷ କ୍ଷୟ କ୍ଷତି ଆକଳନ ହେବ। ଏଥିରେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଭାବରେ ଆକଳନ କରି ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କାରାଯିବ ବୋଲି କହିଛନ୍ତି। ସିନାପାଲି ଅତିରିକ୍ତ ତହସିଲଦାର ମନୋରଞ୍ଜନ କେରକେଟାଙ୍କୁ ପଚାରିବାରୁ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ସେଭଳି କୌଣସି ଅସୁବିଧା ହୋଇ ନାହିଁ। ବର୍ଷା ଜଳ କମିବା ପରେ ସବିଶେଷ କ୍ଷୟକ୍ଷତି ଆକଳନ ହେବ। ସରକାରଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଛନ୍ତି।



## ପୋଲ ଉପରେ ବନ୍ୟାଜଳ ପ୍ରବାହିତ

ସିନାପାଲି, ୩୦।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଅନେକ ନଦୀ ନାଳରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥିବା ବେଳେ ଅନେକ ରାସ୍ତା ଉପରେ ନିର୍ମାଣ ହୋଇଥିବା ପୋଲ ଗୁଡ଼ିକ ଉଚ୍ଚତା ନ ଥିବାରୁ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ବିଦ୍ୟାଳୟ ଭଳି ଏକ ପ୍ରମୁଖ ଅନୁଷ୍ଠାନ ଯିବାରେ ବାଧକ ସୃଷ୍ଟି ହୋଇଛି। ଛାତ୍ର ଛାତ୍ରୀ ମାନେ ପାଠ ପଢ଼ିବା କୁ ବିଦ୍ୟାଳୟ ରେ ପହଞ୍ଚି ପାରି ନ ଥିବା ବେଳେ ସ୍ଥାନୀୟ ଜନସାଧାରଣ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ ଯେ, ସିନାପାଲି ସଦର ମହକୁମା ଠାରୁ ଅନତି ଦୂରରେ ଗୋଡ଼ାଳ ପଞ୍ଚାୟତ ଅବସ୍ଥିତ। ଏଠାରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କୁ ଯିବାକୁ ହେଲେ ପେନଖିଆ ନାଳ ପାରି ହେବାକୁ ପଡ଼ିଥାଏ। ହେଲେ ଏଠାରେ ନିର୍ମିତ ପୋଲ ଉଚ୍ଚତା ରେ ନ ଥିବା ଯୋଗୁଁ ସ୍ୱଳ୍ପ ବର୍ଷା ହେଲେ ପୋଲଉପରେ ବର୍ଷାଜଳ ପ୍ରବାହିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼େ। ଯାହା ଫଳରେ ଏଠାରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ବିଦ୍ୟାଳୟ କୁ ଯାଇ ପାରନ୍ତି ନାହିଁ। ଏପରିକି ନାଳ ସେପଟେ ବିଦ୍ୟାଳୟ ରହିଥିବା ବେଳେ ଅନୁସୂଚିତ ଓ ଅନୁସୂଚିତ ଜନଜାତି ଆବାସିକ ହଷ୍ଟେଲ ରହିଛି। ଏଠାରେ ରହି ପାଠ ପଢ଼ିବା ପାଇଁ ଗୋଡ଼ାଳ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟକୁ ଆସିଥାନ୍ତି। ହେଲେ ଏମାନଙ୍କ ପାଠପଢ଼ାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଗୋଡ଼ାଳ ଗ୍ରାମ ବସ୍ତିରେ ରହିଥିବା ବେଳେ ନାଳ ସେ ପାରିରେ ହଷ୍ଟେଲ ରହିଛି। ଏଭଳି ପରିସ୍ଥିତି ରେ ପାଠ୍ୟ ଦାନ ରେ ଘୋର ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସେହିପରି ଉକ୍ତ ରାସ୍ତା ଦେଇ ଭରୁଆମୁଣ୍ଡା ପଞ୍ଚାୟତ ଦେଇ କଳାହାଣ୍ଡି କୁ ସଂଯୋଗ କରୁଥିବା ବେଳେ ମହଗାଁ, କୋଟାମାଳ, ବ୍ରାହ୍ମଣ ପଡ଼ା ଦେଇ କୁସୁମଯୋର ପଞ୍ଚାୟତ ଦେଇ ଛତିଶଗଡ଼ ଅଞ୍ଚଳ କୁ ସଂଯୋଗ ମଧ୍ୟ କରିଥାଏ। ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବୀ କରି ଆସୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳ ର ଜନସାଧାରଣ ମହଲ ରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା କୁ ନେଇ ସମାଧାନ ର ପ୍ରତିଶ୍ରୁତି ଦେଇ ପ୍ରଶାସନ ବାରମ୍ବାର ଠକି ଚାଲିଥିବା ବେଳେ କେବଳ ବର୍ଷା ଜଳ ପ୍ରବାହିତ ହେଲେ ପ୍ରସାଶନ ଏଠାରେ ଡେରାପକାଇ କାମ ସାରି ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନିୟ ଅଞ୍ଚଳବାସୀ।



**ତଳି ଅଞ୍ଚଳ ଜଳମଗ୍ନ**

## ବନ୍ୟା ପୀଡ଼ିତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

କେସିଙ୍ଗା, ୩୦।୭ (ସମିସ): ଲଗାଣ ବର୍ଷାରେ ସମଗ୍ର ଓଡ଼ିଶା ହାଲତ ଖରାପ ହୋଇ ପଡ଼ିଥିବାବେଳେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଗୁରୁବାର ଭୋର ଉପରମୁଣ୍ଡ ଇନ୍ଦ୍ରାବତୀ ଓ ତିଖାଲି ଡ୍ୟାମ୍‌ର ଗେଟ୍ ଖୋଲି ଦେଇଥିବାରୁ ତେଲ ନଦୀ ତାର ରୌଦ୍ରରୂପ ଦେଖାଇ କେସିଙ୍ଗାର ତଳି ଅଞ୍ଚଳରେ ପାଣି ଭରିଯାଇଛି। ବିଶେଷ କରି କେସିଙ୍ଗା ୱାର୍ଡ ନଂ ୩ ର ମାଁ ଅମ୍ବେଜି ମନ୍ଦିର ତଳେ ଥିବା ସାହି ଜଳମଗ୍ନ ହୋଇ ରେଳଅଣ୍ଡର ବ୍ରିଜ ଭିତରେ ପ୍ରାୟ ୫ ଫୁଟ ପାଣି ଚାଲୁଛି। ଫଳରେ ଭୋର୍ ୩ ଟା ରୁ ଜାତୀୟ ରାଜପଥ ୨୬ ଜାମ ହୋଇ ଶହ ଶହ ସଂଖ୍ୟାରେ ଛୋଟ ବଡ଼ ଗାଡ଼ି ଅଟକି ରହିଯାଇଥିଲା। ପରେ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରେଳ ଫାଟକ ଖୋଲିଥିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। କେସିଙ୍ଗା ତେଲ ନଦୀ ପୀଠରେ ପମ୍ପହାଉସ ରେ ଗତକାଲି ରାତିରେ ଡ୍ୟୁଟି କରୁଥିବା ଦୁଇ କର୍ମଚାରୀ ଫସି ରହିଥିଲେ। ଦମକଳ ବାହିନୀ ଦୁଇକର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ହେଲେ ଉଦ୍ଧାର କରିବା ସମୟରେ ଦମକଳ ବାହିନୀର ଉଦ୍ଧାରକାରୀ ଦଳର ଜଣେ ସଦସ୍ୟଙ୍କୁ ଏକ ସାପ କାମୁଡି ଦେଇଥିଲା। ବନ୍ୟାରେ ପୀଡ଼ିତ ସାହିବାସୀଙ୍କ ପାଖକୁ ନଗରପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚି ୩୦ ପରିବାରର ୧୫୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଥିଲେ।





## ଲଡୁଗାଁ-ଜୟପାଟଣା ଯୋଗାଯୋଗ ବ୍ୟାହତ

କୋକସରା, ୩୦।୭ (ସମିସ) : କଳାହାଣ୍ଡି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ରାସ୍ତାଘାଟ ବୁଡ଼ିଯିବା ସହ ଜଳନିଷ୍କାସନ ବାଧାପ୍ରାପ୍ତ ହୋଇଛି। ଏହି କ୍ରମରେ କୋକସରା ବ୍ଲକର ମୋଟେର-ଲଡୁଗାଁ ଭାୟା ବାନେର ଦେଇ ଯାଇଥିବା ପୂର୍ତ୍ତବିଭାଗ ଅଧୀନସ୍ଥ ରାସ୍ତାର ଲଡୁଗାଁ କମଳ ଜୋର ନିକଟରେ ଅପ୍ରୋଚ୍ ରାସ୍ତା ଉପରେ ପ୍ରାୟ୩ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କୋକସରାରୁ ଜୟପାଟଣାକୁ ସିଧାସଳଖ ଯୋଗାଯୋଗ ବ୍ୟାହତ ହୋଇପଡ଼ିଛି। ସୂଚନାନୁସାରେ, କୋକସରା ଓ ଜୟପାଟଣା ବ୍ଲକ୍କୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା କାର୍ଯ୍ୟ ପ୍ରାୟ ଦୁଇବର୍ଷ ହେଲା ପୂର୍ତ୍ତ ବିଭାଗ ଦ୍ୱାରା ଜାରି ରହିଛି। ମାତ୍ର ଠିକାସଂସ୍ଥାର ଅବହେଳା ଯୋଗୁଁ ଲଡୁଗାଁ ଗାଁ ମୁଣ୍ଡରେ ଥିବା କମଳ ଜୋର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଏଥିସହିତ, ସାଧାରଣଲୋକଙ୍କ ଯାତାୟାତ ପାଇଁ ନିର୍ମିତ ବିକଳ୍ପ ଆପ୍ରୋଚ୍ ରାସ୍ତାଟି ନିମ୍ନମାନର ହୋଇଥିବାରୁ, ନିକଟରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ନାଳର ପାଣି ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି। ଲଡୁଗାଁ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ପ୍ରତିଦିନ ଶହ ଶହ ଲୋକ ନିଜର ଦୈନନ୍ଦିନ କାର୍ଯ୍ୟ, ବାଣିଜ୍ୟ ଓ କୃଷି ସମ୍ପର୍କିତ କାମ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ବୁଡ଼ିଯିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି, ଅନେକ ଲୋକ ବାଧ ହୋଇ ଫେରିଯାଉଥିବା ବେଳେ ଅନ୍ୟମାନେ ୧୦ କିଲୋମିଟର ବୁଲି ନିଜ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଛନ୍ତି। ଠିକାସଂସ୍ଥାର ମନମାନୀ ଓ ବିଭାଗୀୟ କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ସମେତ ଚାଷୀକୂଳ ଗଭୀର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତୁରନ୍ତ ଏହି ଆପ୍ରୋଚ୍ ରାସ୍ତାକୁ ମରାମତି କରି ଯାତାୟାତ ଉପଯୋଗୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।



## ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର ଜିଲ୍ଲାସ୍ତରୀୟ ବୈଠକ

ଭବାନୀପାଟଣା, ୩୦।୭ (ସମିସ): ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଶେଷ ହୋଇଯାଇଛି। ବୈଠକରେ ସଂଗଠନର ୫ ଦଫା ମୁଖ୍ୟ ଦାବି ଯଥା ପ୍ରାରମ୍ଭିକ ପେ-ଲେଭଲ୍ ୧୦ କୁ ବୃଦ୍ଧି, ସରକାରୀ ଗାଡ଼ି ସୁବିଧା, ବିଡିଓ ପଦରେ ୫୦% ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ଏବଂ ସହଯୋଗୀ କର୍ମଚାରୀ ନିଯୁକ୍ତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଅଗଷ୍ଟ ୫ ଓ ୬ ତାରିଖରେ ଯଥାକ୍ରମେ ବ୍ଲକ ଓ ଜିଲ୍ଲା ସ୍ତରରେ ଦାବିପତ୍ର ପ୍ରଦାନ କରାଯିବା ସହ ଦାବି ପୂରଣ ନହେଲେ ଆନ୍ଦୋଳନ।କ ପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ କାର୍ଯ୍ୟକାଳ ପାଇଁ ୫ ଜଣିଆ ନୂତନ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଛି। ଜିଲ୍ଲା ସଭାପତି ଭାବେ ଗଣପତି ତାଣ୍ଡି, ଜିଲ୍ଲା ଉପସଭାପତି ହିମାଂଶୁ ରଞ୍ଜନ ବଳ, ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ ଶୁଭଜିତ ରଞ୍ଜନ ସ୍ୱାଇଁ ଚୟନ ହୋଇଥିଲେ।



**ଚର୍ଚ୍ଚାରେ କୁନି ଝିଅ କଶିସ୍ ଅଗ୍ରୱାଲ**

## ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ'ରେ ସ୍ଥାନ ପାଇଲେ

ଧର୍ମଗଡ଼, ୩୦।୭ (ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ୩ ବର୍ଷର କୁନି ଝିଅ କଶିସ୍ ଅଗ୍ରୱାଲ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଗତ ଏପ୍ରିଲ ମାସରେ ୨ ବର୍ଷ ୯ ମାସରେ ସେ 'ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡ'ରେ ସ୍ଥାନ ପାଇଥିବାବେଳେ ଏବେ 'ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ସ୍ଥାନ ପାଇଛନ୍ତି। ଅସାଧାରଣ ଜ୍ଞାନ ଏବଂ ସ୍ମୃତି ଶକ୍ତି ପ୍ରଦର୍ଶନ କରୁଥିବା ସର୍ବକନିଷ୍ଠ ବହୁମୁଖୀ ପ୍ରତିଭାସମ୍ପନ୍ନ ଶିଶୁ' ଭାବରେ ତାଙ୍କୁ ଏହି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କଶିସ୍ ଗାୟତ୍ରୀ ମନ୍ତ୍ର, ବକ୍ରତୁଣ୍ଡ ମହାକାୟ, ଗୁରୁ ମନ୍ତ୍ର, କର୍ପୂର ଗୌରମ୍ ଏବଂ ଆଇଗିରି ନନ୍ଦିନୀର ପ୍ରଥମ ସ୍ତବକ ସହିତ ଅନେକ ମନ୍ତ୍ର ଆବୃତ୍ତି କରିପାରନ୍ତି। ସେ ଅନେକ ଦେଶର ପତାକା ଚିହ୍ନିପାରନ୍ତି, ଭାରତର ମାନଚିତ୍ର ଚିହ୍ନଟ କରିପାରନ୍ତି, ଜାତୀୟ ପ୍ରତୀକ, ପଶୁ ଏବଂ ସେମାନଙ୍କର ଛୁଆମାନଙ୍କୁ ଚିହ୍ନିପାରନ୍ତି ଏବଂ ତାଙ୍କର ଆଧ୍ୟାତ୍ମିକତା ତଥା ହିନ୍ଦୁ ସଂସ୍କୃତି ବିଷୟରେ ଜ୍ଞାନ ରହିଛି। ସେ ଭାରତର ଜାତୀୟ ସଙ୍ଗୀତର ଅଧିକାଂଶ ଭାଗ ମଧ୍ୟ ଗାଇପାରନ୍ତି। ଏତେ କମ୍ ବୟସରେ ତାଙ୍କର ଏଭଳି ଚମତ୍କାର ସ୍ମୃତିଶକ୍ତି, ଚିହ୍ନିବା ଦକ୍ଷତା ଏବଂ ଆଧ୍ୟାତ୍ମିକ ଶିକ୍ଷା ତାଙ୍କୁ ଏକ ଅସାଧାରଣ ଶିଶୁ ଭାବରେ ଗଢ଼ିତୋଳିଛି। ଭବାନୀପାଟଣା ନନ୍ଦ କଲୋନୀର ଆଶା ଅଗ୍ରୱାଲ ଓ କମଳ ବଂଶଲଙ୍କ ସେ ଝିଅ ଅଟନ୍ତି। ତାଙ୍କର ଏହି ସଫଳତାକୁ ନେଇଁ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଖଡ଼ିଆଳ, ୩୦।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ରାଣୀମୁଣ୍ଡା ପଞ୍ଚାୟତ କୋଟାମାଲ ଗ୍ରାମର ସୁରେଶ ଶବର ନାମକ ଯୁବକ ଗତକାଲି ଜମିକୁ ଯାଇ ନିଖୋଜ ହୋଇ ଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁରେଶ ଶବରଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପିଏମ୍‌ଏଫ୍‌ବିୱାଇ ପ୍ରଚାର ଭ୍ୟାନ୍ ଉଦ୍‌ଘାଟିତ

ଖଡ଼ିଆଳ, ୩୦।୭ (ସମିସ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଚାଷୀଙ୍କୁ ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ସଚେତନତା ଭ୍ୟାନର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭ୍ୟାନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍କିମ ଅଫିସର ଆଭାସ ନାୟକ, ଦୀପାଶ୍ରୀ ମଣ୍ଡଳ, ବର୍ଷା ଆଜାଦ, ଏସ୍‌ବିଆଇ ଜେନେରାଲ ଇନ୍‌ସୁରେନ୍ସର ଜିଲ୍ଲା ସଂଯୋଜକ ଗୋବିନ୍ଦ ସା ଏବଂ ମିଥଲେଶ ସାହୁ ଉପସ୍ଥିତ ରହିଥିଲେ। ଏହି ସଚେତନତା ଭ୍ୟାନ୍ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କୁ ପିଏମ୍‌ଏଫ୍‌ବିୱାଇ ଯୋଜନାର ସଠିକ ସୂଚନା ପହଞ୍ଚାଇବା ସହ ଅଧିକରୁ ଅଧିକ କୃଷକଙ୍କୁ ଫସଲବୀମାରେ ଅନ୍ତର୍ଭୁକ୍ତ କରିବା ଦିଗରେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକଙ୍କ ମଧ୍ୟରେ ଫସଲବୀମା ପ୍ରତି ସଚେତନତା ବୃଦ୍ଧି ପାଇବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତକ୍ଷତିରୁ ଆର୍ଥିକ ସୁରକ୍ଷା ପାଇବାରେ ପିଏମ୍‌ଏଫ୍‌ବିୱାଇ ଯୋଜନା ଅଧିକ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ ପାଇଥିଲା।



# ବିଧାୟକଙ୍କ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

**କଣ୍ଟାବାଞ୍ଜି, ୩୦।୭(ସମିସ):** ଲଗାଣ ବର୍ଷା ଯୋଗୁଁ ବଲାଙ୍ଗୀର ବଙ୍ଗୋମୁଣ୍ଡା ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି। ଗୁରୁବାର କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ ବଙ୍ଗୋମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ବନ୍ୟାଜଳରେ କ୍ଷତିଗ୍ରସ୍ତ ମଙ୍ଗିଆ, ଡୁଙ୍ଗୁଲାଡ, ପଟୁଆଭାଡି, ସାଲେବର, ପୁଟୁପଡ଼ା, ଚେରେସକେଲା, ଭଣ୍ଡାର ଗାଁ ପରିଦର୍ଶନ କରିଛନ୍ତି। ଲୋକଙ୍କ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଜଳମଗ୍ନ ହୋଇଥିବା ଚାଷ ଦେଖିଥିଲେ। ଲଗାଣ ବର୍ଷାରେ ଭାଙ୍ଗି ଥିବା ଘର ଗୁଡ଼ିକ ବୁଲି ଦେଖିଥିଲେ। ବାସିନ୍ଦାରେ ଥିବା ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



# ରାସ୍ତା ଧୋଇନେଲା ଲଗାଣ ବର୍ଷା





**କଣ୍ଟାବାଞ୍ଜି/ତୁରେକେଲା, ୩୦।୭(ସମିସ)**

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକରେ ଲଗାଣ ବର୍ଷା ଦୁଃଖ ଦେଇ ଚାଲିଛି। ବନ୍ୟାଜଳ ଅନେକ ଗାଁର ରାସ୍ତା ଧୋଇ ନେଇଛି। ଏହାଫଳରେ ଗମନାଗମନ ବିଚ୍ଛିନ୍ନ ହୋଇଛି। ତୁରେକେଲା ବ୍ଲକ ଉପାନ୍ତରେ ଥିବା କମେଇମୁଣ୍ଡା ପଞ୍ଚାୟତର କୁଆବାହାଲି ଗ୍ରାମକୁ ଅନେକ ବର୍ଷ ଧରି ବିକାଶ ର ପାଦ ପଡ଼ି ନ ଥିଲା। ଏହା ଲାଲଗଡ଼ ଭାବେ ପରିଚିତ ଥିଲା। ଏହି ଗାଁକୁ ପୂର୍ବ ସରକାର ଲାଲଗଡ଼ରୁ ବିକାଶ ଗଡ଼ରେ ପରିଣତ କରିଥିଲେ। ସରକାରୀ ଯୋଜନାରେ ଗାଁକୁ ଅନ୍ତର୍ଭୁକ୍ତ କରିଥିଲେ। ଜଙ୍ଗଲ ଭିତରେ ପାହାଡ କାଟି ପକ୍କା ରାସ୍ତା ନିର୍ମାଣ କରିଥିଲେ; କିନ୍ତୁ ଲଗାଣ ବର୍ଷା ଯୋଗୁଁ କମେଇମୁଣ୍ଡା ପଞ୍ଚାୟତରୁ କୁଆବାହାଲି ଯେଉଁ ଯାଉଥିବା ରାସ୍ତା ମଝିରେ ବନ୍ୟାଜଳ ଧୋଇ ନେଇଛି। ଗମନାଗମନ ତଥା ସଂଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତା ମଝିରେ ୨୦ ଫୁଟ୍ର ଗାତ ସୃଷ୍ଟି ହୋଇଛି। ଏଣୁ ଗାଁ ଲୋକେ ଜରୁରୀକାଳୀନ ସ୍ଥିତିରେ ଏବେ ଚାଷ ବିଲର କାଦୁଅ ଭିତରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଗାଁରେ ଥିବା ଛାତ୍ରଛାତ୍ରୀ କମେଇମୁଣ୍ଡା ହାଇସ୍କୁଲ ପାଠପଢ଼ିବାକୁ ଆସନ୍ତି; କିନ୍ତୁ ରାସ୍ତା କଟିଯିବା ଫଳରେ ସେମାନେ ଆଉ ହାଇସ୍କୁଲ ଆସୁନାହାନ୍ତି। ଗାଁ ଲୋକେ ଏବେ ଗୋଟିଏ ପ୍ରକାର ଦେଖିବାକୁ ଗଲେ ଜଳବନ୍ଦୀ ହୋଇ ରହିଛନ୍ତି। ଏହିକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା। ଏହାଫଳରେ ଏବେ ଚିନ୍ତାରେ କୁଆବାହାଲି ଯେଉଁ ଗାଁ ଲୋକେ। ସେହିପରି ତୁରେକେଲା ବ୍ଲକର ହଲନ୍ତଭଟା ପଞ୍ଚାୟତର କୁଶପାଲିରୁ ଗୁହୁରିଆପଡ଼ା ଅବସ୍ଥା ମଧ୍ୟ ସମାନ। ଏହାଫଳରେ ଗୁହୁରିଆପଡ଼ା ବାସୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରେକେଲା-ହଲନ୍ତଭଟା ପ୍ରଧାନମନ୍ତ୍ରୀ ସଡକ ମଧ୍ୟ ବର୍ଷାରେ ଧୋଇ ଯାଇଛି। ଏହାଫଳରେ କୁଶପାଲି, ହଲନ୍ତଭଟା, କୁଶପାଲି, ଗୁର୍ଜିଭଟା, ନକଟାବାହାଲ ଲୋକେ ତୁରେକେଲାକୁ ଯିବାକୁ ରାସ୍ତା ନାହିଁ। ଲଗାଣ ବର୍ଷା ଯୋଗୁଁ ଶହ ଶହ ଏକର ଜମିରେ ପାଣି ଭର୍ତ୍ତି ହୋଇଛି। ଚାଷ ନଷ୍ଟ ହୋଇଛି। ଧାନ ଓ କପା ମଧ୍ୟ ନଷ୍ଟ ହୋଇଛି। ଗୁହୁରିଆପଡ଼ାରେ ଥିବା ୩୦ ଘର ଏବେ ବସୋହାରା ହୋଇ ପଡ଼ିଛନ୍ତି। ଏନେଇ ତୁରେକେଲା ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପଚାରିବାରୁ ତୁରେକେଲା ବ୍ଲକ ପ୍ରଶାସନ ଲୋକଙ୍କ ସମସ୍ୟା ପ୍ରତି ତତ୍ପର ରହିଛି। ଯେଉଁ କୌଣସି ଅଭିଯୋଗ ଆସିଲେ ତୁରନ୍ତ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ରାସ୍ତା କଟି ଯାଇଛି ତାହା ପରିଦର୍ଶନ କରାଯାଇଛି। ତୁରନ୍ତ ସେଗୁଡ଼ିକର ମରାମତି ପାଇଁ ମଧ୍ୟ ପଦକ୍ଷେପ ନିଆ ସରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କଣ୍ଟାବାଞ୍ଜି-ଗୁଡ଼ିଘାଟ ରାସ୍ତାରେ ଅଣ୍ଟାଏ ପାଣି ଚାଲିଛି। କଣ୍ଟାବାଞ୍ଜି ସହରରୁ ଗୁଡ଼ିଘାଟ ଯିବା ରାସ୍ତାରେ ଅଣ୍ଟାଏ ପାଣି ପ୍ରବାହିତ ହେଉଛି। ସହରର ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ଏବେ ବର୍ଷା ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ରାସ୍ତା ଉପରେ ପାଣି ଯାଉଥିବାରୁ ଲୋକେ ମଧ୍ୟ ହଇରାଣ ହେଉଛନ୍ତି। ସ୍ଥାନୀୟ ସରକାରୀ ବାଳକ ବିଦ୍ୟାଳୟର ଖେଳ ପଡ଼ିଆରେ ବର୍ଷା ଜଳ ଭର୍ତ୍ତି ହେବା ପାର୍ଶ୍ୱ ରାସ୍ତା ଉପରକୁ ପାଣ ଆସୁଥିବା ଦେଖା ଦେଇଛି। ପମ୍ପୁତଲାବ ପାଇଁ ତିଆରି ହୋଇଥିବା ଡ୍ରେନର ପାଣି ଏହି ଖେଳ ପଡ଼ିଆକୁ ଆସି ପାର୍ଶ୍ୱ ରାସ୍ତା ଉପରକୁ ଆସୁଥିବା ଲୋକେ ଅଭିଯୋଗ କରୁଛନ୍ତି।

# ଦବି ଗଲା ଅର୍ଜନୀ ନଦୀ ବ୍ରିଜ୍

## ଯାତାୟାତ ବନ୍ଦ କଲା ପ୍ରଶାସନ

**ତୁରେକେଲା, ୩୦।୭(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକର ମହଖଣ୍ଡ ଗାଁରୁ ନୂଆପଡ଼ା ଜିଲ୍ଲାର ସିକୁଆ ଗାଁକୁ ସଂଯୋଗ କରୁଥିବା ରାସ୍ତା ମଝିରେ ପଡୁଥିବା ଅର୍ଜନୀ ନଦୀର ପୋଲ ଲଗାଣ ବର୍ଷା ଯୋଗୁଁ ଦବି ଯାଇଛି। ଏହାଫଳରେ ଲୋକଙ୍କ ଯାତାୟାତ ବିପଦରେ ଥିବା ଦେଖି ନୂଆପଡ଼ା ଜିଲ୍ଲା ପ୍ରଶାସନ ଯାତାୟାତ ବନ୍ଦ କରିଛି। ବ୍ରିଜର ଦୁଇ ପାର୍ଶ୍ୱରେ ମାଟି ପକାଇ ରାସ୍ତା ଅବରୋଧ କରାଯାଇଛି। ଏହି ବ୍ରିଜ୍ ବନ୍ଦ ହେବା ଫଳରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ଏହି ଅଞ୍ଚଳରେ ଥିବା ଲୋକମାନଙ୍କ ଗମନାଗମନ କ୍ଷେତ୍ରରେ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଏହା ଏକମାତ୍ର ବ୍ରିଜ୍; ଯାହା ଦୁଇ ଜିଲ୍ଲାକୁ ସଂଯୋଗ କରୁଥିଲା। ବ୍ରିଜ୍ ଦବି ଯିବା ଫଳରେ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



# ଜିଲ୍ଲାସ୍ତରୀୟ ଉପ-କମିଟି, ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

**ତରଭା, ୩୦।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଉପ-କମିଟି ଏବଂ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୭ମ କ୍ଷୁଦ୍ର ଜଳସେଚନ ଗଣନା, ଦ୍ୱିତୀୟ ଜଳାଶୟ ଗଣନା ଏବଂ ୧୧ତମ କୃଷି ଗଣନା (ତୃତୀୟ ପର୍ଯ୍ୟାୟ)ର ଜିଲ୍ଲାସ୍ତରୀୟ ତଥ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ସମସ୍ତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ରୋଶନ ଗିଧି ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ୩ଟି ଗଣନାର ଉଦ୍ଦେଶ୍ୟ, ଗୁରୁତ୍ୱ ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସଂକ୍ଷିପ୍ତ ଆଲୋକପାତ କରିଥିଲେ। ଏହାପରେ ପରିସଂଖ୍ୟାନ ଅଧିକାରୀ ସୁନୀଲ ଦାଶ ଜିଲ୍ଲାସ୍ତରୀୟ ତଥ୍ୟ ଉପସ୍ଥାପନ କରି ବିଭିନ୍ନ ପରିସଂଖ୍ୟାନଗତ ସୂଚନା, ପ୍ରମୁଖ ତଥ୍ୟ, ତଥ୍ୟର ଧାରା ଏବଂ ଗଣନାର ମୁଖ୍ୟ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଗଣନା ତଥ୍ୟ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିଥିଲେ। ଏହାସହ ଉପସ୍ଥିତ ସମସ୍ତ ସଦସ୍ୟ ନିଜ ନିଜ ବିଭାଗ ପକ୍ଷରୁ ତଥ୍ୟ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ମତାମତ ଓ ପରାମର୍ଶ ଉପସ୍ଥାପନ କରିଥିଲେ। ବିସ୍ତୃତ ଆଲୋଚନା ପରେ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ ତଥ୍ୟକୁ ଅନୁମୋଦନ କରିଥିଲେ। ସେ ଗଣନା ତଥ୍ୟର ସଠିକତା, ନିର୍ଭୁଲତା ଓ ସଙ୍ଗତି ବଜାୟ ରଖିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତର ଯୋଜନା ପ୍ରସ୍ତୁତି ଓ ନୀତି ନିର୍ଦ୍ଧାରଣରେ ଏହି ତଥ୍ୟର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।



# ଆଖିବୁଜିଲା ନବଜାତ ଶିଶୁପୁତ୍ର

**ବଲାଙ୍ଗିର, ୩୦।୭(ସମିସ):** ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ନବଜାତ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ମୃତ ନବଜାତ ଶିଶୁଟିର ସତ୍କାର କରିଛି। ନୂଆପଡ଼ା ଜିଲ୍ଲା ସୁନାବେଡା ଗ୍ରାମର କୁନାଲ ଖମାରୀଙ୍କ ପତ୍ନୀ ସୁକାନ୍ତି ଶିଶୁପୁତ୍ରଟିକୁ ଜନ୍ମ ଦେଇଥିଲେ। ଦୁର୍ଭାଗ୍ୟବଶତଃ ଶିଶୁ ପୁତ୍ରଟିର ମୃତ୍ୟ ଘଟିଥିଲା। ବଲାଙ୍ଗିର ସହରରେ କୌଣସି ସମ୍ପର୍କୀୟ ନ ଥିବାରୁ ଶିଶୁର ବାପା ଓ ମା’ ନିରୁପାୟ ହୋଇପଡ଼ିଥିଲେ। ଖବର ପାଇବା ପରେ କୁନାଲ ଖମାରୀ ଫୋନ୍ ମାଧ୍ୟମରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ ଭୋଇଙ୍କ ସହଯୋଗ ମାଗିଥିଲେ। ଶ୍ରୀ ଭୋଇ ତୁରନ୍ତ ହସ୍ପିଟାଲ ପହଞ୍ଚିଥିଲେ। ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କ ସହଯୋଗରେ ଟିଟିଲାଗଡ଼ ରାସ୍ତା ଚମଡା ଦୋଦାମ ନିକଟସ୍ଥ ଜଙ୍ଗଲରେ ସସମ୍ମାନର ସହ ନବଜାତ ଶିଶୁପୁତ୍ରଟିର ଅନ୍ତିମ ସତ୍କାର କରିଥିଲେ।

# ଦେଶୀ ରିଭଲବର ଜବତ; ଯୁବକ ଗିରଫ

**ଦେବଗଡ଼, ୩୦।୭(ସମିସ):** ଦେଶୀ ରିଭଲବର ଦେଖାଇ ହତ୍ୟା ଧମକ ଦେଉଥିବା ଜଣେ ଯୁବକକୁ ଦେବଗଡ଼ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ରୋହିତ ବେହେରା। ସୁନାମୁଣ୍ଡା ଗ୍ରାମର ରଘୁନାଥ ନାଏକଙ୍କୁ ରୋହିତ ଏକ ଦେଶୀ ରିଭଲବର ଧରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲା। ଏ ସମ୍ପର୍କରେ ରଘୁନାଥ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ରୋହିତଠାରୁ ଦେଶୀ ରିଭଲବର ଜବତ କରିଥିଲା। ତାକୁ ପଚରା ଉଚୁରା କରିବାରୁ ସେହି ଗ୍ରାମର ଝୁନୁ କାରିଗରଠାରୁ ସେ ଏହା କିଣିଥିବା ସୂଚନା ଦେଇଥିଲା। ତା’ ସୂଚନା ଆଧାରରେ ପୁଲିସ ଝୁନୁ ଘରେ ଚଢ଼ଉ କରି ୨ଟି ବ୍ୟାରେଲ ଓ ଗୋଟିଏ କାଠ ବଟ୍ ଜବତ କରିଥିଲା; ମାତ୍ର ପୁଲିସ ଚଢ଼ଉ ସମୟରେ ଝୁନୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ବିନୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସାରସ୍ୱତ ଫାଉଣ୍ଡେସନ ଟ୍ରଷ୍ଟ ଉଦ୍‌ଘାଟିତ

**ଦେବଗଡ଼, ୩୦।୭(ସମିସ):** ରିଆମାଳ ବ୍ଲକ ଚଢ଼େଇମରା ପଞ୍ଚାୟତ ମୁଖ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସାରସ୍ୱତ ଫାଉଣ୍ଡେସନ ଟ୍ରଷ୍ଟ’ ଉଦ୍‌ଘାଟନ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଟ୍ରଷ୍ଟର ସଂସ୍ଥାପିକା ସୀତା ପ୍ରଧାନ, ଅନୁଷ୍ଠାନର ଉପଦେଷ୍ଟା ତଥା ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରସନ୍ନ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଟ୍ରଷ୍ଟି ଅମୃତ ସାଗର ପ୍ରଧାନ, ନବୀନ ବେହେରା ଓ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ

# ବର୍ଷା ଧୋଇନେଲା ରାସ୍ତା

**ଶଗଡ଼ା, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲାସାଗୋରାଠାରୁ ମଲ୍ଲିକପଦର ଯାଇଥିବା ପ୍ରାୟ ୫ କିମି ରାସ୍ତା ମରଣଯନ୍ତା ପାଲଟିଛି। ଅନେକ ବର୍ଷ ଧରି ଏହି ରାସ୍ତା ଶୋଚନୀୟ ଭାବେ ରହିଛି। ଏ ନେଇ ଗ୍ରାମବାସୀ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଟିକିଏ ବର୍ଷା ହେଲେ ରାସ୍ତା ଅବସ୍ଥା ଏତେ ଖରାପ ହୋଇଯାଏ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡ଼ିଥାଏ। ଲଗାଣ ବର୍ଷା ହେବା ଫଳରେ ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହୋଇ ୧୫ ଫୁଟ ଲମ୍ବର ଏକ ବିରାଟ ଘାଇ ସୃଷ୍ଟି ହୋଇଛି। ରାସ୍ତା ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କେହି ଶୁଣୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ହରଭଙ୍ଗାରେ ଗୁରୁପୂର୍ଣ୍ଣିମା

**ହରଭଙ୍ଗା, ୩୦।୭(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଛି। ଚିତ୍ତରଞ୍ଜନ ସିଂ ଓ ତାଙ୍କ ପତ୍ନୀ ସ୍ନେହଲତା ସିଂ କର୍ତ୍ତା ଥଲେ। ଲବ ଚାନ୍ଦ ଓ ଶିବୁ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଅନ୍ଧାରରେ ଦପଲା ଫିଡରର ଉପଭୋକ୍ତା

**ମନମୁଣ୍ଡା, ୩୦।୭(ସମିସ):** ମନମୁଣ୍ଡା ବିଦ୍ୟୁତ୍ ସେକ୍ସନ ଦପଲା ଫିଡର୍ ଅଧୀନ ଗ୍ରାମଗୁଡ଼ିକ ୭ ଦିନ ହେବ ଅନ୍ଧାରରେ ରହିଛି। ଏହି ଫିଡର୍‌ର ଦପଲା, ମସକୁଲା, ସହୁରିପାଲି, ଡୁମେରମୁଣ୍ଡା, ଯୋଗୀନ୍ଦରପୁର, ଶାନ୍ତିପାଲି, ରାବିଡି, ବଉଲସିଙ୍ଗା, ଲଏଡା, ଗୁରୁଦାସପୁର, ଟୁକେଇପାଲି, ମଟିଆମୁଣ୍ଡା, ଟୁନିମୁଣ୍ଡା, ଯାନିମୁଣ୍ଡା, ଚନ୍ଦନୀଆମୁଣ୍ଡା, ସେମିଲିକଟା, ମନହରପୁର, ପେନାଜୁର, ଲିମ୍ବପାଲି, ପରତଳା, ଜଇପାଲି, ପରିବନ୍ଧ, ଜୁରମୁଣ୍ଡା, ପଧାନପାଲି, ଧଉଁରାକୁଦ, ସଦାନନ୍ଦପୁର, କୁମେରକେଳି ଇତ୍ୟାଦି ପ୍ରାୟ ୩୦ରୁ ଅଧିକ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗରେ ଅଭିଯୋଗ କରିବା ସତ୍ତ୍ୱେ ପଦକ୍ଷେପ ଶୂନ। ଏନେଇ ଜିଲ୍ଲା ପ୍ରଶାସନ ଜରୁରୀ କାଳୀନ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ ୭୩୨୮୦୫୩୧୧୪କୁ ମଧ୍ୟ ଅବଗତ କରାଯାଇଥିଲା। ଜଣେ ଅଧିକାରୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ସମାଧାନ କରିଦେବେ ବୋଲି କହିଥିଲେ। ତଥାପି କାହାରି ଦେଖା ନାହିଁ।

# ସ୍ୱତନ୍ତ୍ର ସଘନ ସଂଶୋଧନ ଶୁଣାଣି

**ଝାରସୁଗୁଡ଼ା, ୩୦।୭(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଜାରି ରହିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରା ଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଲଖନପୁରସ୍ଥିତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାରଙ୍କ କାର୍ଯ୍ୟାଳୟର ଶୁଣାଣି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ପ୍ରକ୍ରିୟା ଅଧୀନରେ ଦାଖଲ ହୋଇଥିବା ବିଭିନ୍ନ ଦାବି, ଆପତ୍ତି ଓ ଅଭିଯୋଗଗୁଡ଼ିକର ସମାଧାନ ସ୍ଥିତିର ବିସ୍ତୃତ ଆକଳନ କରିଥିଲେ। ଏଥିସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଆବେଦନଗୁଡ଼ିକର ସଠିକ୍ ଓ ନିରପେକ୍ଷ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଶୁଣାଣି କେନ୍ଦ୍ରକୁ ଆସିଥିବା ସ୍ଥାନୀୟ ଭୋଟରମାନଙ୍କ ସହ ଆଲୋଚନା କରିଥିଲେ। ଭୋଟର ତାଲିକା ସଂଶୋଧନ ଓ ନାମ ପଞ୍ଜୀକରଣ କ୍ଷେତ୍ରରେ ସେମାନଙ୍କର କୌଣସି ଅସୁବିଧା ହେଉଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ସାଧାରଣ ନାଗରିକଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।




# ୬୧ ଆବେଦନକାରୀଙ୍କୁ ଜମି ପଟ୍ଟା ପ୍ରଦାନ

**ଦେବଗଡ଼, ୩୦।୭ (ସମିସ):** ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ର ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି) ଅନୁଯାୟୀ ତହସିଲଦାରଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ବିଚାରାଧୀନ ଥିବା ମାମଲାକୁ ଦେବଗଡ଼ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ୩୦ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ ଓ ତହସିଲଦାର କର୍ଣ୍ଣ ମଲ୍ଲିକ ଜମି ପଟ୍ଟା ପ୍ରଦାନ କରିଛନ୍ତି। ସେହିପରି ରିଆମାଳ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୩୧ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ସ୍ୱତନ୍ତ୍ର ସଘନ ସଂଶୋଧନର ଶୁଣାଣି


**ଦେବଗଡ଼, ୩୦।୭(ସମିସ):** ଦେବଗଡ଼ ପୌରପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ସ୍ୱତନ୍ତ୍ର ସଘନ ସଂଶୋଧନର ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଇଆରଓ ତଥା ପୌରନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ୍ ଭୋଜଙ୍କ ତତ୍ତ୍ୱାବଧାନରେ ସୁପରଭାଇଜର ସୁଶାନ୍ତ ସାହୁ ଓ ଚୂଡ଼ାମଣି ସାହୁଙ୍କ ସମେତ ସମସ୍ତ ବିଏଲ୍‌ଓ ଏବଂ ପୌର କର୍ମଚାରୀଙ୍କ ଦ୍ୱାରା ପୌରାଞ୍ଚଳର ମୋଟ ୨୦ଟି ବୁଥ୍‌ରେ ଗତ ୧୭ ତାରିଖଠାରୁ ଶୁଣାଣି ଓ ଅଭିଯୋଗ ଶିବିର ଆୟୋଜନ କରାଯାଇଛି।

# ଜଳନିଷ୍କାସନ ବ୍ୟବସ୍ଥାର ସମୀକ୍ଷା

**ଝାରସୁଗୁଡ଼ା, ୩୦।୭(ସମିସ):** ବର୍ଷା ଋତୁରେ ସହରରେ କୃତ୍ରିମ ବନ୍ୟା ଓ ଜଳାବଦ୍ଧତା ସମସ୍ୟାର ସ୍ଥାୟୀ ସମାଧାନ ସହ ସରକାରୀ ସମ୍ପଦର ସୁରକ୍ଷାକୁ ଗୁରୁତ୍ୱ ଦେଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍‌ୱାଣ ବିଭିନ୍ନ ସ୍ଥାନରେ ଅଚାନକ ପରିଦର୍ଶନ କରିଥିଲେ। ଗୋଶାଳା ପରିଦର୍ଶନରୁ ଫେରୁଥିବା ବେଳେ ରାସ୍ତା କଡ଼ରେ ଏକ ପାଇପ୍ ଫାଟି ଯାଇଥିବା ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା। ସେ ତୁରନ୍ତ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଏହାର ମରାମତି କରି ଜଳ ଅପଚୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ଶ୍ରୀ ଚହ୍‌ୱାଣ ଝାରସୁଗୁଡ଼ା ରୋଡ୍ ରେଳଷ୍ଟେସନ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଜଳନିଷ୍କାସନ ବ୍ୟବସ୍ଥାର ସ୍ଥଳ ପରିଦର୍ଶନ କରି ବର୍ଷାଜଳ ନିଷ୍କାସନର ବାସ୍ତବ ସ୍ଥିତିର ସମୀକ୍ଷା କରିଥିଲେ। ଡ୍ରେନ୍‌ଗୁଡ଼ିକରେ ଆବର୍ଜନା ଜମି ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଦେଖି ସେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସଫେଇ କାର୍ଯ୍ୟ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରେଳବାଇ, ପୌରପାଳିକା ଓ ସ୍ଥାନୀୟ ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରି ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜଳ ନିଷ୍କାସନ ପଥରେ କୌଣସି ପ୍ରକାରର ଜବରଦଖଲ କିମ୍ବା ଆବର୍ଜନାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ବର୍ଷା ସମୟରେ ସାଧାରଣ ଲୋକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସମସ୍ତ ସତର୍କତାମୂଳକ ଓ ପ୍ରତିରୋଧାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ବିକାଶ ଧାରା ଓଡ଼ିଶା ସାରାର ବିକଳ ଚିତ୍ର**

# ଭଙ୍ଗା କାଠ ପୋଲ ଭରସା





**ଦେବଗଡ଼, ୩୦।୭(ସମିସ)**

ଡିଜିଟାଲ ଓ ଟେକନୋଲୋଜି ଯୁଗରେ ମଧ ଲୋକେ ସରକାରୀ ଉଦାସୀନତା ପାଇଁ ନିଜ ଦୈନନ୍ଦିନ ମୌଳିକ ଆବଶ୍ୟକତା ପାଇଁ ପୁରୁଣା ଦେଶୀ ଯୁଗାଡ଼ ଉପରେ ଭରସା କରିବାକୁ ବାଧ ହେଉଛନ୍ତି। ତିଳେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତ ଦେଓଶଙ୍ଖୁଳି ଗ୍ରାମରେ ରାଜ୍ୟ ବିକାଶର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ଆଦିବାସୀ ଅଧ୍ୟୁଷିତ ଏହି ଗ୍ରାମର ୪୫ ପରିବାରରେ ପ୍ରାୟ ୩୦୦ ସଦସ୍ୟ ରହୁଛନ୍ତି। ଦୀର୍ଘ ବର୍ଷ ହେବ ଗାଁକୁ ଯିବା ଆସିବା ପାଇଁ କାଠ ନିର୍ମିତ ପୋଲ ଉପରେ ଏମାନେ ଭରସା କରିଚାଲିଛନ୍ତି। ପାହାଡିଆ ନାଳରେ ବର୍ଷା ଋତୁରେ ପ୍ରଖର ସ୍ରୋତ ଯୋଗୁଁ କଂକ୍ରିଟ ପୋଲ ଧୋଇ ହୋଇଯାଇଛି। ସେହି ଦିନଠାରୁ ବର୍ଷ ପରେ ବର୍ଷ ବିତିଯାଉଛି; ହେଲେ ପୋଲ ନିର୍ମାଣ ହୋଇ ପାରିନାହିଁ। ଏହାଫଳରେ ଗ୍ରାମବାସୀ ଶ୍ରମଦାନ କରି ନିଜ ପ୍ରଚେଷ୍ଟାରେ ସେହି ନାଳ ଉପରେ କାଠ ପୋଲ ନିର୍ମାଣ କରିଛନ୍ତି। ଗାଁରେ ବିଦ୍ୟାଳୟ ନାହିଁ। ନିକଟସ୍ଥ ଗ୍ରାମକୁ ଏହି ପୋଲ ପାରି ହୋଇ ଗାଁର ଛାତ୍ରଛାତ୍ର ଯିବା ଆସିବା କରୁଛନ୍ତି। ଭତ୍ତା ହେଉ କି ପିଡ଼ିଏସ ପାଇବା ପାଇଁ ଗ୍ରାମବାସୀଙ୍କୁ କାଠ ପୋଲ ହିଁ ସାହା। ଗ୍ରାମବାସୀ ଏ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅବଗତ କରିଛନ୍ତି। ଶୀଘ୍ର କରାଯିବ ପ୍ରତିଶ୍ରୁତିରେ ଅଟକି ରହିଛି ଗ୍ରାମବାସୀଙ୍କ ଆଶା। ଜିଲ୍ଲାରେ ହୋଇଥିବା ଅବିଶ୍ରାନ୍ତ ବର୍ଷାରେ ନାଳରେ ବଢ଼ି ପାଣି ଆସିବାରୁ ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠ ପୋଲଟି ଭାସି ଯାଇଛି। ଭଙ୍ଗା କାଠ ପୋଲକୁ ସାହାରା କରି ବିପଦ ସଂକୁଳ ଭାବେ ଗ୍ରାମବାସୀ ଚଳପ୍ରଚଳ କରୁଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସମସ୍ୟାକୁ ଖୋଦ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ସ୍ୱ ଚକ୍ଷୁରେ ଅନୁଧ୍ୟାନ କରିଛନ୍ତି।

ସ୍ଥିତି ଅନୁଧ୍ୟାନ କରିବାର ୨ ବର୍ଷ ବିତିଯାଇଛି। ଗ୍ରାମବାସୀଙ୍କ ସମସ୍ୟା କିନ୍ତୁ ଯଥା ପୂର୍ବଂ ତଥା ପରଂ। ଗ୍ରାମବାସୀଙ୍କ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ତଥାପି ଲୋକେ ସରକାରଙ୍କ ଶୁଭ ଦୃଷ୍ଟିକୁ ଅପେକ୍ଷା କରି ଚାହିଁ ରହିଛନ୍ତି।

**ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର**

# ଦାନ ମାଝୀଙ୍କ ଗାଁରେ ମାଳମାଳ ସମସ୍ୟା

**ଭବାନୀପାଟଣା, ୩୦।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ନାକରୁଣ୍ଡି ପଞ୍ଚାୟତ ଅଧୀନ ମେଲଘରା ଗ୍ରାମର ଦାନ ମାଝୀ ୧୦ ବର୍ଷତଳେ ନିଜ ପତ୍ନୀ ଅମାଙ୍ଗ ଦେଇଙ୍କ ଶବକୁ କାନ୍ଧରେ ବୋହି ୧୨ କିଲୋମିଟର ନେବା ଘଟଣା ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା। ଏହି ସମୟରେ ମେଲଘରା ଗ୍ରାମକୁ ଛୁଟିଥିଲା ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସୁଅ। ଘଟଣାକୁ ଦେଖି ଦାନ ମାଝୀ ଓ ମେଲଘରା ଗ୍ରାମବାସୀଙ୍କୁ ମିଳିଥିଲା ଅନେକ ପ୍ରତିଶ୍ରୁତି। କିନ୍ତୁ ଘଟଣାକୁ ୧୦ ବର୍ଷ ବିତି ଥିଲେ ସୁଦ୍ଧା ଦାନ ମାଝୀଙ୍କୁ କେବଳ ଘର ଖଣ୍ଡିଏ ଓ ମେଲଘରା ଗ୍ରାମକୁ ରାସ୍ତା ଟିଏ ଛଡ଼ା ଅଞ୍ଚଳର ବିକାଶ ଯେଉଁ ତିମିରକୁ ସେଇ ତିମିରେ। ଦାନମାଝୀଙ୍କ ମୃତ ପତ୍ନୀଙ୍କ ୩ଟି ଝିଅଥିବାବେଳେ ବର୍ତ୍ତମାନ ଦ୍ୱିତୀୟପତ୍ନୀଙ୍କ ୨ ଟି ଝିଅ ଅଛନ୍ତି। ୨ ଝିଅଙ୍କ ବିବାହ ସାରିଥିବାବେଳେ ବର୍ତ୍ତମାନ ଦାନ ମାଝୀ ପତ୍ନୀ ଓ ତିନି ଝିଅ ସହ ନିଜ ଝୁମ୍ପୁଡ଼ି ଘରେ ରହି ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସରକାରଙ୍କଠାରୁ ମିଳିଥିବା ମୋ କୁଡ଼ିଆ ଯୋଜନାରେ କିଛି ହାତରୁ ଟଙ୍କା ଖର୍ଚ୍ଚକରି ଘର କରିଛନ୍ତି ସତ କିନ୍ତୁ ଘରେ ବିଜୁଳି ସଂଯୋଗ ନ ଥିବାରୁ ସେଠାରେ ରହିବା ସମ୍ଭବ ହୋଇ ପାରୁନାହିଁ। ଏବେବି ଗାଁରେ ପାନୀୟଜଳ ବ୍ୟବସ୍ଥା ନ ଥିବାବେଳେ ଗୁଳିଆ ନାଳରେ ଗାଧୋଉଛନ୍ତି ଗ୍ରାମର ମହିଳା ଓ ଶିଶୁ। ଦାନମାଝୀ ଘଟଣା ପରେ ଫୋନ୍ କରିଦେଲେ ଆମ୍ବୁଲାନ୍ସ ଆସୁଛି ସତ କିନ୍ତୁ ପାଖରେ ଥିବା ନାକରୁଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ନର୍ସ, ଓ ଆନୁସଙ୍ଗିକ ବ୍ୟବସ୍ଥା ଠିକ ନ ଥିବାରୁ ଭବାନୀପାଟଣା ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ଦାନମାଝୀ ଘଟଣା ଅନ୍ତର୍ଜାତିକ ଖବର ହେବାପରେ ବାହାରିନ ସରକାର ୯ ଲକ୍ଷ ଟଙ୍କା ସହଯୋଗ କରିଥିବା ଗଣମାଧ୍ୟମ ରେ ଚର୍ଚ୍ଚା ହୋଇଥିଲା କିନ୍ତୁ ପ୍ରକୃତ ରେ ମାତ୍ର ଦାନ ମାଝୀ ଙ୍କୁ ୮୦ ହଜାର ମିଳିଥିଲା ବୋଲି ଦାନ ମାଝୀ ଅତି ଦୁଃଖର ସହ ପ୍ରକାଶ କରିଛନ୍ତି। ମେଲଘରା ଗାଁରେ କାମଧନ୍ଦା ମିଳୁ ନ ଥିବା ଯୋଗୁଁ ପ୍ରାୟ ୧୧ରୁ ଉର୍ଦ୍ଧ୍ୱ ଯୁବକ ଆନ୍ଧ୍ରପ୍ରଦେଶ ଓ କେରଳ ଯାଇ ଦାଦନ ଖଟୁଛନ୍ତି। ମେଲଘରାଠାରୁ ଥୁଆମୂଳ ରାମପୁରକୁ ୫୯ କି.ମି ଦୂରତା ରହିଛି। ଏହି ଅଞ୍ଚଳରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ହେଲେ ଲୋକେ ଯାଉଥିବା ଏଠାରେ ଜଣେ ଡାକ୍ତରଥିବାବେଳେ ସେ ଏଠାରେ ରହନ୍ତି ନାହିଁ। କେବଳ ଫାର୍ମାସିଷ୍ଟ ଓ ନର୍ସ ଅଫିସର ଭରସାରେ ଚାଲିଥାଏ। ଏଠାରେ ୬ଟି ବେଡ୍ ଥିବାବେଳେ ପ୍ରାୟତଃ କେହି ରୋଗୀ ରହି ନଥାନ୍ତି। ମେଲଘରା ଅଞ୍ଚଳକୁ

### ଶାଳପତ୍ର ବିକି ମେଣ୍ଟାଉଛନ୍ତି ଗୁଜୁରାଣ



ବାଇକ ଆମ୍ବୁଲାନ୍ସ ମଧ୍ୟ ଚାଲିଥାଏ। ପ୍ରାୟ ରୋଗୀମାନେ ଭବାନୀପାଟଣାକୁ ଚିକିତ୍ସିତ ହୋଉଥାନ୍ତି। ଦାନମାଝୀ ଘଟଣା ପରେ ଗାଁରେଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ୧୦ବର୍ଷ ତଳେ ସୁଅ ଛୁଟିଥିଲା। ସେତେବେଳେ ନାଳକୁ ନେଇ ଦାନ ମାଝୀ ଘରକୁ ଯାଉଥିଲେ। ଏବେ ମଧ୍ୟ ଦାନ ମାଝୀ ପଡ଼ାକୁ ଯିବାକୁ ରାସ୍ତା ନାହିଁ। ଏପରିକି ଦାନ ମାଝୀ ପଡ଼ା ଓ ବଡ଼ପଡ଼ା ମଧ୍ୟରେ ସଂଯୋଗ ପାଇଁ ନାଳ ବାଧକ ସାଜିଛି। ଏହି ନାଳ ଉପରେ ପୋଲ ପାଇଁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଆଯାଉଥିଲେ କିନ୍ତୁ ୧୦ବର୍ଷ ପରେ ମଧ୍ୟ ରାସ୍ତା ନାହିଁ। ସେହିପରି ମେଲଘରା ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ରହିଛି। ଏବେ ନୂତନ ଭାବରେ ଶିଶୁ ବାଟିକା ଖୋଲିଛି। ଏହି ୬ଟି ଶ୍ରେଣୀରେ ୫୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି। ଏବର୍ଷ ଶିଶୁ ବାଟିକାରେ ୧୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବାବେଳେ ୪ଜଣ ଛାତ୍ରଛାତ୍ରୀ ୫ମ ପାସ କରି ସ୍କୁଲ ଛାଡ଼ିଛନ୍ତି। ୫ମ ଶ୍ରେଣୀ ପରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ନାକରୁଣ୍ଡି ହାଇସ୍କୁଲକୁ ପ୍ରାୟ ୬ କି.ମି ଦୂରକୁ ପାଠ ପଢ଼ିବାକୁ ଯାଉଥିଲେ। ଏଥିଯୋଗୁଁ ପ୍ରାୟ ଛାତ୍ରୀମାନେ ପାଠପଢ଼ାରେ ଡୋରି ଛାଡି ଦେଉଛନ୍ତି। ୧୦ମ ପରେ ପାଠ ପଢ଼ିବା ପାଇଁ ଥୁଆମୂଳ ରାମପୁର କିମ୍ବା ଭବାନୀପାଟଣା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମେଲଘରା ସ୍କୁଲରେ ୨ଜଣ ଶିକ୍ଷକ ଥିବାବେଳେ ଗୋଟିଏ ଶ୍ରେଣୀଗୃହରେ ୬ଟି ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢ଼ାନ୍ତି। ମେଲଘରା ଗାଁରେ ଗୋଟିଏ ନଳକୂପ ଥିବାବେଳେ ଖରାଦିନେ ଏଥିରୁ ପାଣି ମିଳିବା କଷ୍ଟସାଧ୍ୟ ହୋଇଥାଏ। ଦାନ ମାଝୀ ଙ୍କୁ ୭୦ ବର୍ଷ ହୋଇଥିଲେ ଭତ୍ତା ମିଳୁନାହିଁ। ଫଳରେ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି।

### ସୁଦୃଢ଼ ହେବ ଉଦ୍ୟାନ କୃଷି ଉତ୍ପାଦର ସଂରକ୍ଷଣ ଓ ବଜାର

## ଶୀତଳଭଣ୍ଡାର ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ କମିଟିର ଅନୁମୋଦନ

**ଖଡ଼ିଆଳ, ୩୦।୭(ସମିସ):** ନୂଆପଡ଼ା ଜିଲ୍ଲାରେ ଶୀତଳଭଣ୍ଡାର ପ୍ରକଳ୍ପ ସ୍ଥାପନକୁ ପ୍ରୋତ୍ସାହନ ଦେବା ଦିଗରେ ଜିଲ୍ଲାସ୍ତରୀୟ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବୁଧବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶୀତଳଭଣ୍ଡାର ପାଇଁ ଆର୍ଥିକ ସହାୟତା ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖଡ଼ିଆଳ ରୋଡ୍ ଏନ୍‌ଏସିର ୱାର୍ଡ ନଂ-୮ ରେ ହର୍ଷିତ ସାଙ୍କଲୋଚାଙ୍କ ପ୍ରସ୍ତାବିତ ୫, ୪୧୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପ୍ରକଳ୍ପର ଦଲିଲପତ୍ର, ଜମି ରେକର୍ଡ, ସମ୍ଭାବ୍ୟତା ରିପୋର୍ଟ ଓ ଜିଓ-ଟ୍ୟାଗ୍ ଫଟୋଗ୍ରାଫ୍ ଯାଞ୍ଚ କରାଯାଇଥିଲା। କମିଟି ପକ୍ଷରୁ ପ୍ରକଳ୍ପଟି ପାଇଁ ଗ୍ରାଣ୍ଟ ଆବେଦନ ଲେଟରକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପର ମୋଟ ଖର୍ଚ୍ଚ ୧୫ କୋଟି ୩୧ ଲକ୍ଷ ୫୮ ହଜାର ୯୦୦ ଟଙ୍କା ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚ ୨୨ କୋଟି ୮୧ ଲକ୍ଷ ୫୭ ହଜାର ୫୦୦ ଟଙ୍କା ରହିଛି। ପ୍ରକଳ୍ପଟି ବ୍ୟାଙ୍କ ଅର୍ଥାୟନ ମାଧ୍ୟମରେ କାର୍ଯ୍ୟକାରୀ ହେବ। ବୈଠକରେ ଜିଲ୍ଲାରେ ଏଭଳି ଅଧିକ ଶୀତଳ ଭଣ୍ଡାର ପ୍ରକଳ୍ପ ପ୍ରସ୍ତାବ ଆଣିବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁମୋଦିତ ପ୍ରକଳ୍ପ ପାଇଁ ବ୍ୟାଙ୍କ ଋଣ ମଞ୍ଜୁରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଗୋଆହେତ ଲେଟର୍ ଜାରି ହେବାର ତିନି ମାସ ମଧ୍ୟରେ ବ୍ୟାଙ୍କ ମଞ୍ଜୁରୀ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶୀତଳଭଣ୍ଡାର ପ୍ରକଳ୍ପ ଜିଲ୍ଲାର ଉଦ୍ୟାନ କୃଷି ଉତ୍ପାଦର ସଂରକ୍ଷଣ ଓ ବଜାର ସଂଯୋଗକୁ ସୁଦୃଢ଼ କରିବା ସହ କୃଷକମାନଙ୍କ ପାଇଁ ଉତ୍ପାଦର ଉଚିତ ମୂଲ୍ୟ ପାଇବାର ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁରେନ୍ଦ୍ର ରାୟ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦାହ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଣତି ରାଣୀ ପ୍ରଧାନ, ସହକାରୀ ଯନ୍ତ୍ରୀ ତଥା ଏପିକଲ୍ ଡିଏମ୍ ନିଶିକାନ୍ତ ପଟ୍ଟନାୟକଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁମରକେଲି ଆଶ୍ରମ ସ୍କୁଲ ରାସ୍ତା ଶୋଚନୀୟ



**ଶଗଡ଼ା, ୩୦।୭(ସମିସ):** କନ୍ଧମାଳ ବ୍ଲକ ଖଟଖଟିଆ ପଞ୍ଚାୟତର କୁମରକେଳିର ଆଶ୍ରମ ସ୍କୁଲକୁ ଯାଇଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ବର୍ଷା ଦିନେ ଏହି ରାସ୍ତାରେ ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ପ୍ରତିଦିନ ସ୍କୁଲ ପିଲା ଯିବା ଆସିବା କରନ୍ତି। ପ୍ରାୟ ୩ ଖଣ୍ଡ ଗ୍ରାମର ଲୋକେ ମଧ୍ୟ ଏହି ରାସ୍ତାରେ ଯାତାୟାତ ପାଇଁ ନିର୍ଭର କରନ୍ତି। ପାଣି କାଦୁଅ ସହ ଖାଲଖମା ଯୋଗୁଁ ଦୈନନ୍ଦିନ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହେଉଛି।

## ସରକାର ପିଆଜ ବିହନ ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ: କଂଗ୍ରେସ

**ଭବାନୀପାଟଣା, ୩୦।୭(ସମିସ):** କଳାହାଣ୍ଡି ଜିଲ୍ଲା ଗସ୍ତରେ ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ ଆସି ବିଭିନ୍ନ ଚାଷୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ। ଏହାପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସମବାୟବିତ୍ ସମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଅଖିଳ ଭାରତ କିଷାନ କଂଗ୍ରେସ ତଥା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇ ପଞ୍ଚାୟତସ୍ତରରେ ସମବାୟକୁ ସୁଦୃଢ଼ କରି ସୁପରିଚାଳନା କରିବା ପାଇଁ କଂଗ୍ରେସ ଖସଡ଼ା ପ୍ରସ୍ତୁତ କରିଛି ବୋଲି ପ୍ରକାଶ କରିଥିଲେ। ଏହା ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୃଷି ବୀମା ରାଶି ପଞ୍ଜିକରଣ ଅବଧି ତାରିଖ ୩୧ ଜୁଲାଇ ପରିବର୍ତ୍ତେ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି ରଖିଥିଲେ। ପ୍ରତି ଗ୍ରାମକୁ ଏକକ ୟୁନିଟ୍ ଭାବେ ନେଇ ଫସଲବୀମାରେ ଚାଷୀଙ୍କୁ ସାହାଯ୍ୟ କରାଯାଉ, କଳାହାଣ୍ଡି ଜିଲ୍ଲା ତଥା ରାଜ୍ୟର ସାରର କୃତିମ ଅଭାବ ଦେଖାଇ ସାରର କଳା ବଜାରି ବୃଦ୍ଧି କରାଯାଇ



ଚାଷୀଙ୍କୁ ଶୋଷଣ କରାଯାଉଛି। କଳାହାଣ୍ଡିର ପିଆଜ ଉନ୍ନତମାନର, ସ୍ୱାଦିଷ୍ଟ, ଔଷଧ ଯୁକ୍ତ ଅଟେ। ଚଳିତ ବର୍ଷ ୪୫ ହଜାର ମେଟ୍ରିକ ଟନ ପିଆଜ ଉତ୍ପାଦନ ହୋଇଥିଲା। ଶୀତଳ ଭଣ୍ଡାର ଅଭାବରୁ ଚାଷୀ ଉଚିତମୂଲ୍ୟରେ ପିଆଜ ବିକ୍ରି କରି ପାରୁନାହିଁ। ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ବିଜେଡି ସରକାର ସମୟରେ ପିଆଜ ଶୀତଳଭଣ୍ଡାର ନ ଥିଲାବେଳ ବିଜେପି ସରକାର ଚାଷୀଙ୍କୁ ବିହନ ଯୋଗାଇ ପାରୁ ନଥିବା ଭଳି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାଖୁଡ଼, ବରିଷ୍ଠ କଂଗ୍ରେସ ନେତା ଧନୁର୍ଧର ଗହୀର, ସିଦ୍ଧାର୍ଥ ନାୟକ, ସମ୍ପାଦକ ସୁଦର୍ଶନ ବିଶ୍ୱାଳ ସମେତ ସମସ୍ତ ବ୍ଲକ ସଭାପତି ଏବଂ ଚାଷୀନେତା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଙ୍ଗିଲା ବନ ବିଭାଗର ବନ୍ୟ ପ୍ରାଣୀ ସଂରକ୍ଷଣ ପ୍ରକଳ୍ପ



**ସିନାପାଲି, ୩୦।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଲଗାଣ ଲଘୁଚାପ ଜନିତ ବର୍ଷାରେ ଉପାନ୍ତ ଅଞ୍ଚଳ ବେହାଲ ହୋଇ ପଡ଼ିଥିବା ବେଳେ ବନ୍ୟ ପ୍ରାଣୀମାନଙ୍କ ପାଇଁ ନିର୍ମିତ ଜଳ ସଂରକ୍ଷଣ ପ୍ରକଳ୍ପ ହୁଡା ଭାଙ୍ଗିପଡ଼ିଛି। ଯାହା ଫଳରେ ତଳମୁଣ୍ଡର ଚାଷୀ ପ୍ରଭାବିତ ହୋଇ ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇ ମାଟି ଅତଡ଼ା ଖସି ଚାଷଜମିରେ ପୋତି ହୋଇ ଚାଷନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ଘାଟମାଳ ଗ୍ରାମ ପଞ୍ଚାୟତର ତିଲେଇପଲନା ଗାଁ ନିକଟରେ ବନବିଭାଗ ଦ୍ୱାରା ଜାମଝୋଲା ନାଳରେ ନିର୍ମିତ ହୋଇଥିବା ବନ୍ୟ ପ୍ରାଣୀ ଜଳ ସଂରକ୍ଷଣ ପ୍ରକଳ୍ପ ଭାଙ୍ଗିଯିବା ଫଳରେ ଗ୍ରାମର କଦମ୍ବ ବନ୍ଦିଛୋର, ଦିଗଚନ ବନ୍ଦିଛୋର, ଅଙ୍ଗଦ ମାଝୀ, ଲାଲ ସିଂ ମାଝୀ ଗୟାରାମ ମାଝୀ, ନେହେରୁଲାଲ ମାଝି ସମେତ ଅନେକ ଚାଷୀଙ୍କ ଜମିରେ ମାଟି ପୋତି ହେବାସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର ଜିଲ୍ଲାସ୍ତରୀୟ ବୈଠକ

**ଭବାନୀପାଟଣା, ୩୦।୭ (ସମିସ):** ରାଜ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘର କଳାହାଣ୍ଡି ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଶେଷ ହୋଇଯାଇଛି। ବୈଠକରେ ସଂଗଠନର ୫ ଦଫା ମୁଖ୍ୟ ଦାବି ମଧ୍ୟରୁ ପ୍ରାରମ୍ଭିକ ପେ-ଲେଭଲ୍ ୧୦କୁ ବୃଦ୍ଧି, ସରକାରୀ ଗାଡ଼ି ସୁବିଧା, ବିଡିଓ ପଦବୀରେ ୫୦% ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ଏବଂ ସହଯୋଗୀ କର୍ମଚାରୀ ନିଯୁକ୍ତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଅଗଷ୍ଟ ୫ ଓ ୬ ତାରିଖରେ ଯଥାକ୍ରମେ ବ୍ଲକ ଓ ଜିଲ୍ଲା ସ୍ତରରେ ଦାବିପତ୍ର ପ୍ରଦାନ କରାଯିବା ସହ ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ କାର୍ଯ୍ୟକାଳ ପାଇଁ ୫ ଜଣିଆ ନୂତନ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଛି। ଜିଲ୍ଲା ସଭାପତି ଭାବେଗଣପତି ତାଣ୍ଡି, ଜିଲ୍ଲା ଉପସଭାପତି ଭାବେ ହିମାଂଶୁ ରଞ୍ଜନ ବଳ, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଅରବିନ୍ଦ ମହାପାତ୍ର, ଜିଲ୍ଲା ଯୁଗ୍ମସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ




ଶୁଭଜିତ ରଞ୍ଜନ ସ୍ୱାଇଁ ଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ବହୁ ସଂଖ୍ୟକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଯୋଗାଣ ନିରୀକ୍ଷକ, କ୍ୟାଡରର ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମ୍ୟାଲେରିଆ ଦମନ ଓ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୩୦।୭ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ କିଡିଙ୍ଗ ଗ୍ରାମରେ ମ୍ୟାଲେରିଆ ଦମନ ଓ ନିୟନ୍ତ୍ରଣ ପାଇଁ ବିଶେଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ତିନି ଦିନିଆ 'ଦମନ' କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀମାନେ ଅଞ୍ଚଳର ଲୋକଙ୍କ ଘରକୁ ଯାଇ ରକ୍ତ ନମୁନା ପରୀକ୍ଷା କରିଥିଲେ। ମ୍ୟାଲେରିଆ ପୋଜିଟିଭ୍ ଚିହ୍ନଟ ହୋଇଥିବା ରୋଗୀଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ଔଷଧ ବିନାମୂଲ୍ୟରେ ପ୍ରଦାନ କରାଯାଇଥିଲା। ଗ୍ରାମବାସୀଙ୍କୁ ରାତିରେ ନିୟମିତ ମଶାରୀ ବ୍ୟବହାର, ଘର ଆଖପାଖ ସଫା ରଖିବା ଏବଂ ଜମା ଜଳ ଦୂର କରିବା ପାଇଁ ସଚେତନତା ତଥା ପରାମର୍ଶ ଦିଆଯାଇଥିଲା। ଏଥିରେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବ୍ଲକ ମ୍ୟାଲେରିଆ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ, ଲାଞ୍ଜିଗଡ଼ରୋଡ୍ ସିଏଚଓ ନିରୁପମା ନାୟକ, ମହିଳା ସ୍ୱାସ୍ଥ୍ୟକର୍ମୀ ସୁଷମା ଦାସ, କିଡିଙ୍ଗ ଅଙ୍ଗନବାଡ଼ି କର୍ମୀ ତିଳୋତ୍ତମା ଶବର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ।




## ପ୍ରବଳ ବର୍ଷାରେ ଉବୁଟୁବୁ ତରଭା ଅଞ୍ଚଳ

**ତରଭା, ୩୦।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳର ରାସ୍ତାଘାଟ ଜଳାବର୍ତ୍ତ ହୋଇଛି। ଅନେକ ଘରେ ବର୍ଷା ପାଣି ପଶିଯିବାରୁ ଲୋକେ ଖୁବ ଅସୁବିଧା ଭୋଗ କରିଛନ୍ତି। ତରଭା ବଡବନ୍ଧ ତଳେ ଥିବା ପୋଲ ଉପରେ ବର୍ଷା ପାଣି ଚାଲୁଥିଲା। ଏଣୁ ତରଭାରୁ ଝାରତରଭା, ବଡ଼ଭଇଁରୋ, ପାଣିମୁରା ରାସ୍ତା ଦୀର୍ଘ ୬ ଘଣ୍ଟା ଧରି ବନ୍ଦ ରହିଥିଲା। ନିବୃତ୍ତିଜୋର କନିଆଁଦରହଠାରେ ଘାଇ ସୃଷ୍ଟି ହୋଇଥିଲା। ଏନଏସି କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ବାଲି ବସ୍ତା ପକାଇ ଘାଇକୁ ବନ୍ଦ କରିଥିଲେ। ତରଭା ଆହାର କେନ୍ଦ୍ର, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୁମ୍ଭାରପଡ଼ା, ବଡବନ୍ଧ ରାସ୍ତାରେ ଆଣ୍ଠୁଏ ପାଣି ଚାଲୁଥିଲା। ତରଭା ବ୍ଲକ କଲୋନୀ ଭିତରକୁ ବର୍ଷା ପାଣି ପଶିବାରୁ ରାତିରେ ୩ ଜଣ କର୍ମଚାରୀ ସେମାନଙ୍କ କ୍ୱାର୍ଟର ଛାଡି ବ୍ଲକ କାର୍ଯ୍ୟାଳୟକୁ ଆସି ଆଶ୍ରୟ ନେଇଥିଲେ। ପ୍ରବଳ ବର୍ଷା ଯୋଗୁଁ ବ୍ରାହ୍ମଣୀ ପଞ୍ଚାୟତର ଭୁରାଟ ଗ୍ରାମର ଦିର୍ବ କୁଁଅର ଓ କୁଶ ମହାନନ୍ଦଙ୍କ ୨ ବଖରା ଲେଖାଏଁ ଘର ଭାଙ୍ଗି ଯାଇଛି। ବନ୍ଧପାଲି ଗ୍ରାମର ଅଙ୍ଗଦ କୁଁଅରଙ୍କ ୨ ବଖରା ଘର ଭାଙ୍ଗିଥିବା ସରପଞ୍ଚ କୁଶଳେଶ୍ୱର ପାଣ୍ଡେଙ୍କଠାରୁ ଜାଣିବାକୁ ମିଳିଛି। ବର୍ଷା ଯୋଗୁଁ ଦେଉଳପଦର ପଞ୍ଚାୟତର ବାବୁସାଗର ଆଡ଼ି ଭାଙ୍ଗି ଯାଇଛି।

## ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ ପୂରଣ ନେଇ ବିଇଓଙ୍କୁ ଦାବିପତ୍ର ପ୍ରଦାନ

**ଖଡ଼ିଆଳ, ୩୦।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ସାନ ମହେଶ୍ୱର ପଞ୍ଚାୟତର ଝୋଳପଥର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଶିକ୍ଷକ ଓ ଶ୍ରେଣୀ ଗୃହର ଅଭାବ ଯୋଗୁଁ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହେଉଛି। ଏନେଇ ଗୁରୁବାର ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ନେତୃତ୍ୱରେ ଶିକ୍ଷା କମିଟି ସଦସ୍ୟ ଓ ଅଭିଭାବକ ମାନେ ଖଡ଼ିଆଳ ବ୍ଲକ ଶିକ୍ଷାଧିକାରୀ କାହ୍ନୁ ଚରଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରଛାତ୍ରୀ ମାନଙ୍କୁ ତିନି ଜଣ ଶିକ୍ଷକ ଜଣେ ଡେପୁଟେସନ ଚାରି ଜଣ ଶିକ୍ଷକ ଅଛନ୍ତି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ସେହିପରି ପର୍ଯ୍ୟାପ୍ତ ଶ୍ରେଣୀ ଗୃହର ଅଭାବ ତିନୋଟି କୋଠରି ଥିବାରୁ ଏକାଧିକ ଶ୍ରେଣୀର ପାଠପଢ଼ା ଏକାଠି କରିବାକୁ ପଡୁଛି, ବାରଣ୍ଡାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶ୍ରେଣୀ ଗୃହ ଗୁଡ଼ିକରେ ପାଣି ଝରୁଛି ଯାହାଫଳରେ ଶିକ୍ଷାଦାନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷା କମିଟି ଓ ଅଭିଭାବକମାନେ ତୁରନ୍ତ ଖାଲି ପଦରେ ଶିକ୍ଷକ ନିଯୁକ୍ତି କରିବା ସହ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଶିକ୍ଷା କମିଟିର ସଭାପତି ସଦାନନ୍ଦ ହେର୍ଣ୍ଣା, ସରୋଜ ତାଣ୍ଡି, ବାସୁଦେବ ତାଣ୍ଡି, ଲିଙ୍ଗରାଜ ହେର୍ଣ୍ଣା, ସନ୍ତୋଷ ଭୋଇ ଦାବି ପତ୍ର ପ୍ରଦାନ କରିଥିଲେ।






### ଭବାନୀପାଟଣା - ବିଶାଖାପାଟଣା ରାସ୍ତାରେ ଗାତ

## ଘଟୁଛି ଦୁର୍ଘଟଣା; ବିଭାଗ ନିରବ

**ଭବାନୀପାଟଣା/ଲାଞ୍ଜିଗଡ଼, ୩୦।୭(ସମିସ)**

କଳାହାଣ୍ଡି ଜିଲ୍ଲାର ଜୀବନରେଖା ଭାବେ ପରିଚିତ ଭବାନୀପାଟଣା - ବିଶାଖାପାଟଣା ୬ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାରୁ ଦୈନିକ ଶହଶହ ଗାଡ଼ି ଚଳାଚଳ ବ୍ୟାହତ ହେବାସହ ଅଘଟଣ ଆଶଙ୍କା ବଢ଼ିଛି। ବର୍ଷା ଆରମ୍ଭ ହେବା ପରଠାରୁ ରାସ୍ତାର ଦୟନୀୟ ଅବସ୍ଥା। ଖାସ୍ କରି କଳାହାଣ୍ଡି ସୀମାରୁ ଓଡ଼ିଶା-ଆନ୍ଧ୍ର ସୀମା ପର୍ଯ୍ୟନ୍ତ ପ୍ରାୟ ସବୁ ଜାଗାରେ ଡାମ୍ବର ଉଠିଯାଇ ରାସ୍ତାରେ ଛୋଟଛୋଟ ଘାଇର ଭ୍ରମ ସୃଷ୍ଟି କରୁଛି। ଛୋଟ ଗାଡ଼ିଗୁଡ଼ିକ ଗାତରେ ପଶି ପଲଟି ଯାଉଥିବା ବେଳେ ବସ୍ ଓ ମାଲବାହୀ ଟ୍ରକ୍ ଡ୍ରାଇଭର ମାନେ ଜୀବନକୁ ପ୍ରାଣ ଛଡେଇ ଗାଡ଼ି ଚଳାଉଛନ୍ତି। ରୋଗୀ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଅଟକୁଛି। ଏହି ରାସ୍ତା ଦେଇ ହଜାର ହଜାର ଲୋକ ଚିକିତ୍ସା, ବ୍ୟବସାୟ ଓ ଶିକ୍ଷା ପାଇଁ ବିଶାଖାପାଟଣା ଯାଆନ୍ତି। ମାତ୍ର ଖରାପ ରାସ୍ତା ଯୋଗୁଁ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ସମୟରେ ପହଞ୍ଚି ପାରୁନାହିଁ। ପ୍ରତିଦିନ ଦୁଇ-ଚାରିଟି ଲେଖାଏଁ ଛୋଟ ବଡ଼ ଅଘଟଣ ଘଟୁଥିଲେ ମଧ୍ୟ ପୂର୍ତ୍ତବିଭାଗ ନିଦ୍ରାବିଷ୍ଟ ପାଲଟିଛନ୍ତି। ଏହି ଲଗାଣ ବର୍ଷାରେ ଗାତ ଗୁଡ଼ିକରେ ପାଣି ଜମି ରହିଥିବାରୁ ବାଇକ୍ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କାହାର ଗୋଡ଼ ହାତ ଭାଙ୍ଗୁଛି ତ ଆଉ କାହାର ମୁଣ୍ଡ ଫାଟୁଛି। ଏଠାରେ ଯେକୌଣସି ସମୟରେ ବଡ଼ ଅଘଟଣ ଘଟିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କିଡିଙ୍ଗ ଠାରୁ ଛତିକୁଡ଼ା ପର୍ଯ୍ୟନ୍ତ ଚାଲୁଥିବା ରାସ୍ତା କାମ ଦିର୍ଘ ମାସ ହେଲା ବନ୍ଦ ପଡ଼ିରହିଛି। ଠିକାଦାର କାମ ଛାଡ଼ି ଚାଲିଯାଇଛି। ଏବେ ରାସ୍ତାର ଡିଭାଇସ୍ ସବୁ ଭାଙ୍ଗି ଯାଇଥିବା ବେଳେ ରାସ୍ତାର ସୁରକ୍ଷା ବାଡ଼ ଠାରୁ ଆରମ୍ଭ କରି ବିଭିନ୍ନ ପୋଲ ସବୁ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଲୋକେ ଅଭିଯୋଗ କଲେ ଠିକାଦାର କହୁଛନ୍ତି, 'ମୋର ବିଲ୍ ପାସ୍ ହୋଇନାହିଁ। ସରକାର ପାଖରେ ଟଙ୍କା ନାହିଁ। ଯେବେ ସରକାର ଟଙ୍କା ଦେବେ ସେବେ କାମ ଆରମ୍ଭ ହେବ। ଏହି ରାସ୍ତା ତୁରନ୍ତ ମରାମତି ନ ହେଲେ ରାସ୍ତାର ଗାତରେ ବିଭିନ୍ନ ଗଛ ଓ ଧାନ ତଳି ଲଗାଇ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ପୂର୍ତ୍ତବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ସେ ଫୋନ୍ ଉଠାଉ ନାହାନ୍ତି। ଏହି ବ୍ୟସ୍ତବହୁଳ ରାସ୍ତାକୁ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୦- ସୁପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ମୁନ୍‌ସି ପ୍ରେମଚାନ୍ଦଙ୍କ ଜନ୍ମ।
- ୧୯୩୩- ମହାତ୍ମା ଗାନ୍ଧୀ ସ୍ଥାୟୀ ଭାବେ ସାବରମତୀ ଆଶ୍ରମ ଛାଡ଼ିଲେ।
- ୧୯୫୦- ଭାରତ ଓ ନେପାଳ ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୮୨- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୯୩- ଭାରତର ପ୍ରଥମ ସାମୁଦ୍ରିକ ସଂଗ୍ରହାଳୟ କଲିକତାରେ ଉଦ୍‌ଘାଟନ ହେଲା।

# ଆସିବ 'ମମ୍'ର ସିକ୍ୱେଲ




ଶ୍ରୀଦେବୀଙ୍କ ଅଭିନୀତ ଚଳଚ୍ଚିତ୍ର 'ମମ୍' ୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହାକୁ ନେଇ ଏକ ଖବର ଆସିଛି। ପାଖାପାଖି ୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସିବାକୁ ଯାଉଛି। ଶ୍ରୀଦେବୀଙ୍କ ଝିଅ ଖୁସି କପୁର 'ମମ୍ ୨' ଚଳଚ୍ଚିତ୍ରରେ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ନଭେମ୍ବରରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱରେ ବୋନି କପୁର ଅଛନ୍ତି। ଏହାର ସୁଟିଂ ନୋଏଡା ଓ ଗ୍ରୀସ୍‌ରେ ହୋଇଛି। 'ମମ୍' ଶ୍ରୀଦେବୀଙ୍କର ଶେଷ ଚଳଚ୍ଚିତ୍ର ଥିଲା, ଏଭଳି ପରିସ୍ଥିତିରେ ଏହି ପ୍ରୋଜେକ୍ଟ ଖୁସିଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବ ବୋଲି ଚର୍ଚ୍ଚା ହେଉଛି। ଏହି ଫିଲ୍ମ ମାଧ୍ୟମରେ ଖୁସି ତାଙ୍କ ମାଆଙ୍କ ସ୍ମୃତି ଓ ଅଭିନୟର ସାମ୍ରାଜ୍ୟକୁ ଆଗକୁ ବଢ଼ାଉଥିବାର ନଜର ଆସିବେ। ଏଥିରେ କରିଶ୍ମା ତନ୍ନା ଏବଂ ଯୀଶୁ ସେନଗୁପ୍ତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଗିରିଶ କୋହଲି ଏହାର ନିର୍ଦ୍ଦେଶନା ଦେଉଛନ୍ତି। 'ମମ୍ ୨' ପ୍ରଥମ ଚଳଚ୍ଚିତ୍ରର କାହାଣୀକୁ ଆଗକୁ ବଢ଼ାଇବ ନାହିଁ, ବରଂ ଏକ ନୂଆ କାହାଣୀ ସହିତ ଆସିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଉଛି। ଚଳଚ୍ଚିତ୍ରରେ ସସ୍‌ପେନ୍ସ, ଡ୍ରାମା ଏବଂ ଶକ୍ତିଶାଳୀ ମହିଳା ଚରିତ୍ର ମାଧ୍ୟମରେ ନ୍ୟାୟର କାହାଣୀକୁ ଦେଖାଯିବ।

# ପ୍ୟାଣ୍ଟ ପିନ୍ଧା ଗଧ



ସାଧାରଣତଃ ଲୋକେ ନିଜ ରୁଚି ଅନୁସାରେ ସାର୍ଟ, ଟିସାର୍ଟ, ପ୍ୟାଣ୍ଟ, ପାଇଜାମା ଆଦି ପିନ୍ଧିଥାନ୍ତି। ହେଲେ ଗଧ ପ୍ୟାଣ୍ଟ ପିନ୍ଧିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ। ତେବେ ଫ୍ରାନ୍ସର ପଶ୍ଚିମ ଉପକୂଳ ସ୍ଥିତ 'ଇଲ ଦେ ରେ' ନାମକ ଦ୍ୱୀପରେ ଏଭଳି ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଗଧଗୁଡ଼ିକ ଭଳିକି ଭଳି ରଙ୍ଗିନ ଚେକ୍ ପ୍ୟାଣ୍ଟ ପିନ୍ଧି ରାସ୍ତା ଏବଂ ପାର୍କରେ ବୁଲୁଥିବାର ନଜର ଆସିଥାନ୍ତି। ତେବେ ଏଠାରେ ଗଧମାନଙ୍କୁ ଚେକ୍ ପ୍ୟାଣ୍ଟ କିମ୍ବା ପାଇଜାମା ପିନ୍ଧାଇବା ପଛରେ ଏକ ଐତିହାସିକ କାରଣ ରହିଛି। ଏହି ପରମ୍ପରା ଫ୍ୟାଶନ କିମ୍ବା ମନୋରଞ୍ଜନ ଉଦ୍ଦେଶ୍ୟରେ ନୁହେଁ, ବରଂ ପଶୁମାନଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା। ଅତୀତରେ ଏହି ଦ୍ୱୀପରେ ଗଧମାନଙ୍କୁ ଲୁଣ ଚାଷ ଏବଂ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଲୁଣ କ୍ଷେତରେ ଥିବା ବିଷାକ୍ତ ମଶା ଏବଂ ପୋକ-ଜୋକଗୁଡ଼ିକ କାମୁଡ଼ିବା ଯୋଗୁଁ ଗଧମାନଙ୍କ ଗୋଡ଼ରେ ଗମ୍ଭୀର ସଂକ୍ରମଣ ହେଉଥିଲା। ଏହାର ସମାଧାନ ବାହାର କରି, ମାଲିକମାନେ ପୁରୁଣା ସ୍କ୍ରିନ୍ କିମ୍ବା ଗଦି କଭର କପଡ଼ାରୁ ଗଧଙ୍କ ପାଇଁ ପାଇଜାମା ତିଆରି କଲେ। କାମକୁ ଯିବା ପୂର୍ବରୁ ପ୍ରତିଦିନ ସକାଳେ ଗଧମାନଙ୍କୁ ଏହି ପ୍ୟାଣ୍ଟ ପିନ୍ଧାଇ ଦିଆଯାଉଥିଲା, ଯାହାଫଳରେ ପୋକଗୁଡ଼ିକ ସେମାନଙ୍କ ଗୋଡ଼ରେ ପହଞ୍ଚି ପାରିବେ ନାହିଁ। ଏହି ଗଧମାନେ 'ପୋଇତୁ' ପ୍ରଜାତିର। ଏମାନଙ୍କର ଆକାର ବହୁତ ବଡ଼ ହୋଇଥାଏ ଏବଂ ଶରୀରରେ ଲମ୍ବା ଲମ୍ବା ଜଟା ଭଳି କେଶ ଥାଏ। ଏହି ଲମ୍ବା କେଶ ଯୋଗୁଁ ଏମାନଙ୍କୁ ମଶା ଅଧିକ କାମୁଡ଼ନ୍ତି। ଆଜିକାଲି କୃଷି କାର୍ଯ୍ୟ ପାଇଁ ଆଧୁନିକ ମେସିନ୍ ବ୍ୟବହାର ହେଉଥିବାରୁ ଏଠାରେ ଆଉ ପୂର୍ବଭଳି ଗଧମାନଙ୍କୁ କ୍ଷେତରେ କାମ କରିବାକୁ ପଡୁନାହିଁ। ହେଲେ ନିଜର ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆଜି ବି ଏଠାରେ ଗଧମାନଙ୍କୁ ପ୍ୟାଣ୍ଟ ପିନ୍ଧାଯାଏ। ସ୍ଥାନୀୟ ସେଣ୍ଟ-ମାର୍ଟିନ-ଦେ-ରେ ସ୍ଥିତ ବାରବେଟ୍ ପାର୍କରେ ପର୍ଯ୍ୟଟକମାନେ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଏହି ପ୍ୟାଣ୍ଟ ପିନ୍ଧିଥିବା ଗଧମାନଙ୍କୁ ଦେଖିପାରିବେ, ସେମାନଙ୍କ ସହ ଫଟୋ ଉଠାଇ ପାରିବେ ଏବଂ ସେମାନଙ୍କ ପିଠିରେ ବସି ବୁଲିପାରିବେ।

# ଦାଢ଼ି ପାଇଁ ୧୦ ଲକ୍ଷ



ଆଜିକାଲି ଦାଢ଼ି ରଖିବା ଯୁବକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟରେ ପରିଣତ ହୋଇଛି। ସେହିପରି ଦାଢ଼ି ଥିବା ଯୁବକ ଅଧିକ ପରିପକ୍ୱ ଲାଗନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି ଦାଢ଼ି ପ୍ରତ୍ୟାରୋପଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଅବଶ୍ୟ ଏହା ପଛରେ କାରଣ ଥିବା କୁହାଯାଉଛି। ସମ୍ପୃକ୍ତ ଯୁବକ ଜଣକ ପ୍ରାଇଭେଟ୍ ଇକ୍ୟୁଟି ଏବଂ ଭେଞ୍ଚର କ୍ୟାପିଟାଲ ସେକ୍ଟରରେ କାମ କରନ୍ତି। ଯୁବକ ଜଣକ ତାଙ୍କ ବୟସ ତୁଳନାରେ ବେଶ୍ କମ୍ ବୟସର ଦେଖାଯାଉଥିଲେ। ଏହା ଯୋଗୁଁ ଅନେକ ସମୟରେ ଅଫିସ୍ ମିଟିଂରେ ତାଙ୍କ ମତକୁ ଅଣଦେଖା କରାଯାଏ। ଲୋକେ ତାଙ୍କୁ ଫ୍ରେଶର ବୋଲି ଭାବନ୍ତି। ହେଲେ ଲଗାତାର ଏଭଳି ଟିପ୍ପଣୀ ମିଳିବାରୁ ସେ ଅସହଜ ଓ ଅସୁରକ୍ଷିତ ମନେ କଲେ। ବେଳେ ବେଳେ ଯେଉଁ ପଦବୀ ପାଇଁ ସେ ଯୋଗ୍ୟ ଥାନ୍ତି, ତାଙ୍କର ପିଲାଳିଆ ମୁହଁ ଯୋଗୁଁ ସେଥିରୁ ସେ ବଞ୍ଚିତ ହୋଇଥାନ୍ତି। ଅବଶ୍ୟ ଭଲ ଲୁକ୍ ପାଇବା ପାଇଁ ସେ ପ୍ରଥମେ ପ୍ରାକୃତିକ ଉପାୟକୁ ଆପଣାଇଲେ। ସେ ଦାଢ଼ି ପାଇଁ ପ୍ରଥମେ ତେଲ, ଭିଟାମିନ ଏବଂ କେଶ ଉଠିବା ଔଷଧ ବି ବ୍ୟବହାର କଲେ। ହେଲେ ଶତ ପ୍ରଚେଷ୍ଟା ସତ୍ତ୍ୱେ ବି ତାଙ୍କର ଦାଢ଼ି ଉଠିଲା ନାହିଁ। ଏହାପରେ ସେ ଦାଢ଼ି ପ୍ରତ୍ୟାରୋପଣ କରିବା ନିଷ୍ପତ୍ତି ନେଲେ। ଏହି ପ୍ରକ୍ରିୟାରେ ମୁଣ୍ଡ ପଛ ପାର୍ଶ୍ୱରୁ କେଶ ବାହାର କରାଯାଇ, ମୁହଁର ସେହି ସ୍ଥାନରେ ଲଗାଗଲା, ଯେଉଁଠି ଦାଢ଼ି କମ୍ ଥିଲା। ତାଙ୍କର ପୂରା ସର୍ଜରୀ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଚାଲିଲା। ଅପରେସନ୍ ୧୦ ଦିନ ପର୍ଯ୍ୟନ୍ତ ତାଙ୍କ ମୁହଁରେ ଛୋଟ ଛୋଟ କ୍ଷତ ଚିହ୍ନ ରହିଲା। ଧୀରେ ଧୀରେ ନୂଆ ଦାଢ଼ି ଉଠିବା ଆରମ୍ଭ ହେଲା ଏବଂ କିଛି ଦିନ ପରେ ତାଙ୍କ ଚେହେରା ସମ୍ପୂର୍ଣ୍ଣ ବଦଳିଗଲା। ସେ କହିଛନ୍ତି, ଦାଢ଼ି ଆସିବା ପରେ ତାଙ୍କୁ ଆଉ କମ୍ ବୟସ୍କ ନେଇ ପରିହାସ କଲେ ନାହିଁ। ସହକର୍ମୀମାନେ ତାଙ୍କ କଥାକୁ ପୂର୍ବ ତୁଳନାରେ ଗୁରୁତର ସହକାରେ ଶୁଣିବା ଆରମ୍ଭ କଲେ। ଏପରିକି ପୂର୍ବ ତୁଳନାରେ ସେ ଅଧିକ ପରିପକ୍ୱ ଏବଂ ଆତ୍ମବିଶ୍ୱାସୀ ଲାଗୁଥିବା ଅନେକ ତାଙ୍କୁ କହିଲେ। ଏହି ପରିବର୍ତ୍ତନ ତାଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ଦାଢ଼ି ପ୍ରତ୍ୟାରୋପଣ ପାଇଁ ସେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ସତ୍ତ୍ୱେ ବି ଏଭଳି ଏକ ନିଷ୍ପତ୍ତିକୁ ନେଇ ସେ ଅନୁଶୋଚନା କରୁ ନ ଥିବା କହିଛନ୍ତି। ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ଫେରିଛି ଏବଂ ନିଜକୁ ନେଇ ଥିବା ଅସୁରକ୍ଷିତ ମନୋଭାବନା ବି ଅନେକ ପରିମାଣରେ ହ୍ରାସ ପାଇଛି।

# ବର୍ଷାଦିନେ ବ୍ୟାଧିର ବିପଦ

## ସଚେତନତା ହିଁ ସର୍ବୋତ୍ତମ ସୁରକ୍ଷା କବଚ

**ବର୍ଷାଋତୁରେ ସାମାନ୍ୟ ଅସାବଧାନତା ଅନେକ ସଂକ୍ରାମକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହିଦିନେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ।**

**ଡା. ରାଜାରାମ ଷଡ଼ଙ୍ଗୀ**



ବର୍ଷା ହେଲେ ଜମି ରହୁଥିବା ପାଣି ମଶାଙ୍କ ପାଇଁ ପ୍ରଜନନ କ୍ଷେତ୍ର ପାଲଟିଯାଏ। ଫଳରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ। ଅନ୍ୟପଟେ ଦୂଷିତ ପାନୀୟ ଜଳ ଓ ଅପରିଷ୍କାର ଖାଦ୍ୟ ଡାଇରିଆ, କଲେରା, ଟାଇଫଏଡ୍ ଓ ଜଣ୍ଡିସ ଭଳି ରୋଗର କାରଣ ସାଜିଥାଏ। ସର୍ଦ୍ଦି, କାଶ, ଭାଇରାଲ୍ ଜ୍ୱର, ଚର୍ମରୋଗ ଓ ଫଙ୍ଗାଲ୍ ସଂକ୍ରମଣ ମଧ୍ୟ ଏହି ଋତୁରେ ସାଧାରଣ ଘଟଣା।

ଆୟୁର୍ବେଦ କହେ, ବର୍ଷାଋତୁରେ 'ଅଗ୍ନି' ବା ପାଚନଶକ୍ତି ଦୁର୍ବଳ ହୋଇଯାଏ। ତେଣୁ ଏହି ସମୟରେ ଅଧିକ ତେଲ-ମସଲା, ବାସି ଓ ଅପରିଷ୍କାର ଖାଦ୍ୟ ପରିହାର କରିବା ଆବଶ୍ୟକ। ଉଷୁମ ପାଣି ପିଇବା, ହାଲୁକା ଓ ସହଜପାଚ୍ୟ ଖାଦ୍ୟ ସେବନ କରିବା ଏବଂ ଋତୁ ଅନୁକୂଳ ଜୀବନଶୈଳୀ ଅବଲମ୍ବନ କରିବା ଶରୀରର ପ୍ରତିରୋଧକ କ୍ଷମତାକୁ ସୁଦୃଢ଼ କରିଥାଏ।


ବ୍ୟକ୍ତିଗତ ସଚେତନତା ସହ ସାମାଜିକ ସଚେତନତା ମଧ୍ୟ ସମାନ ଭାବେ ଆବଶ୍ୟକ। ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ନାଳ ନର୍ଦ୍ଦମାକୁ ପରିଷ୍କାର ରଖିବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ହାତ ଧୋଇବା ଏବଂ ମଶାରି ବ୍ୟବହାର କରିବା ଭଳି ଅଭ୍ୟାସ ଅନେକ ଗୁରୁତର ରୋଗକୁ ରୋକିପାରେ।

ଆଜିକାଲି ସାମାନ୍ୟ ଜ୍ୱର ହେଲେ ଅନେକେ ନିଜ ଇଚ୍ଛାରେ ଔଷଧ କିଣି ଖାଇ ଦେଉଛନ୍ତି। ଏହି ପ୍ରବୃତ୍ତି ବିପଜ୍ଜନକ। ବିଶେଷକରି ଡେଙ୍ଗୁ ଭଳି ରୋଗରେ ବିଳମ୍ବ କିମ୍ବା ଭୁଲ୍ ଚିକିତ୍ସା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ଦୁଇ ଦିନରୁ ଅଧିକ ଜ୍ୱର, ତୀବ୍ର ମୁଣ୍ଡବିନ୍ଧା, ବାରମ୍ବାର ବାନ୍ତି, ଅତ୍ୟଧିକ ଦୁର୍ବଳତା କିମ୍ବା ରକ୍ତସ୍ରାବର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସ୍ୱଚ୍ଛତା, ସନ୍ତୁଳିତ ଖାଦ୍ୟ, ନିରାପଦ ପାନୀୟ ଜଳ, ନିୟମିତ ବ୍ୟାୟାମ ଓ ସମୟୋପଯୋଗୀ ଚିକିତ୍ସା ପରାମର୍ଶ ଉପରେ ବର୍ଷାଋତୁର ସୁସ୍ଥ ଜୀବନ ନିର୍ଭର କରେ। ଏଥିପାଇଁ ଆବଶ୍ୟକ କେବଳ ସଚେତନତା, ସ୍ୱଚ୍ଛତା ଓ ସମୟୋପଯୋଗୀ ସତର୍କତା।

- ପଡିଆବାହାଲ, ସମ୍ବଲପୁର

# ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ

**ବର୍ଷାଋତୁରେ ଡେଙ୍ଗୁ, ମ୍ୟାଲେରିଆ, ଟାଇଫଏଡ୍ ବହୁଳ ଭାବେ ବ୍ୟାପିଥାଏ। ଏହାଦ୍ୱାରା ବ୍ଲଡ୍ ପ୍ଲେଟ୍‌ଲେଟ୍ ହ୍ରାସ ପାଇଯାଏ। ତେଣୁ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଁ କିଛି ଉପାୟ ଆପଣାଇ ପାରିବେ।**



- ଖାଦ୍ୟରେ ଭିଟାମିନ୍ ସି, ବି ୧୨, ଲୌହସାରଯୁକ୍ତ ଖାଦ୍ୟ, ଡାଳିମ୍ବ, ଅଙ୍ଗୁର, କମଳା, ବ୍ରୋକୋଲି, କ୍ୱିୱି, କଦଳୀ, ପାଳଙ୍ଗ ଆଦି ସବୁଜ ପନିପରିବା ସାମିଲ କରିବା ଆବଶ୍ୟକ।
- ଚିକିତ୍ସକଙ୍କ ପରାମର୍ଶରେ କଞ୍ଚା ଅମୃତଭଣ୍ଡା ପତ୍ରର ରସ ବହୁତ ସହାୟକ ହୋଇଥାଏ। ଆଜିକାଲି ଅମୃତଭଣ୍ଡା ପତ୍ରରୁ ମଧ୍ୟ ଔଷଧ, ସିରପ, ବଟିକା, ପାଉଡର ଆଦି ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଛି। ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ ପଇଡ଼ପାଣି ସାହାଯ୍ୟ କରେ।
- ନିୟମିତ ଖାଲି ପେଟରେ ୩ରୁ ୪ଟି ଅଁଳା ସେବନ କରିପାରିବେ। ନିୟମିତ ବ୍ୟବଧାନରେ ଏକ ଗ୍ଲାସ ଡାଳିମ୍ବ ରସ ପିଇଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବଢ଼େ। ଏକ ଗ୍ଲାସ ଗାଜର ରସରେ ତିନି ଚାମଚ ବିଟ୍ ରସ ମିଶାଇ ସେବନ କରିପାରିବେ। ଶରୀରର ଜଳୀୟଅଂଶକୁ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତରଳ ପଦାର୍ଥ ଗ୍ରହଣ କରିବା ଆବଶ୍ୟକ।

## ପେଟଫମ୍ପାର ଉପଚାର

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟ ଫମ୍ପା ଓ ଶୂଳ ଭଲ ହୁଏ। ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ।
- କଦମ୍ବପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ସଞ୍ଜୀବନୀ

# "ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ"



**ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ। ଏହା ଶିଶୁ ଶରୀର ପାଇଁ ଏକ ସର୍ବୋତ୍କୃଷ୍ଟ ପୌଷ୍ଟିକ ଉପାଦାନ। ତେଣୁ ସ୍ତନ୍ୟପାନର ଉପାଦେୟତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ପହିଲାରୁ ସାତ ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ପାଳନ କରାଯାଉଛି। ଏ ବର୍ଷର ବାର୍ତ୍ତା ରହିଛି "ଜୀବନର ଏକ ସ୍ଥାୟୀ ଆରମ୍ଭ ପାଇଁ ମାଆ କ୍ଷୀର: କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାକୁ ଦୃଢ଼ କରନ୍ତୁ"। ତେବେ ସ୍ତନ୍ୟପାନର ଉପକାରିତା ସମ୍ବନ୍ଧରେ ଜାଣିବା ପାଇଁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ନୀଳମାଧବ ଜେନାଙ୍କ ସହ ସ୍ୱତନ୍ତ୍ର ଆଳାପ।**

**ମା'ର ପ୍ରଥମ କ୍ଷୀର ହଳଦିଆ ଏବଂ ବହଳିଆ, ଏହି କ୍ଷୀର ଶିଶୁକୁ ଦେବା ଉଚିତ କି?**

- ପ୍ରଥମ କ୍ଷୀରକୁ କଷ କ୍ଷୀର, କୋଲୋଷ୍ଟ୍ରମ୍ କୁହାଯାଏ। ଏହି କ୍ଷୀରର ପ୍ରତିଟି ବିନ୍ଦୁ ଶିଶୁ ପାଇଁ ମୂଲ୍ୟବାନ। ପ୍ରଥମ ତିନିଦିନ ଏହି କଷ କ୍ଷୀର ନିର୍ଗତ ହୋଇଥାଏ। ଏଥିରେ ସମସ୍ତ ପ୍ରକାରର ରୋଗ ପ୍ରତିରୋଧକ ଶକ୍ତି ଭରି ରହିଥାଏ। ଏହି କ୍ଷୀର ଶିଶୁକୁ ଝାଡ଼ା, ବାନ୍ତି, ନିମୋନିଆ, ଆଲର୍ଜି ପରି ଅନେକ ରୋଗରୁ ରକ୍ଷା କରିଥାଏ। ଏ କ୍ଷୀର ପ୍ରଥମ ପ୍ରତିଷେଧକ ଟିକା ବୋଲି କୁହାଯାଏ। ପରିମାଣରେ କମ୍ ହେଲେ ମଧ୍ୟ ଏହା ପୁଷ୍ଟିସାର ଏବଂ ଭିଟାମିନ୍‌ରେ ଭରପୁର।

**ଶିଶୁ ଜନ୍ମ ହେବାର କେତେ ସମୟ ପରେ ମା' କ୍ଷୀର ଦେବା ଦରକାର?**

- ଜନ୍ମପୂର୍ବରୁ ଶିଶୁ ମା'ଠାରୁ ସମସ୍ତ ଆହାର ନାଭି ବାଟେ ଗ୍ରହଣ କରିଥାଏ, ମାତ୍ର ଜନ୍ମ ପରେ ଶିଶୁ ମା'ଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ହୋଇଯାଏ। ତେଣୁ ଜନ୍ମ ପରେ ଯେତେ ଶୀଘ୍ର ସମ୍ଭବ ମା' କ୍ଷୀର ଦେବା ଆବଶ୍ୟକ। ବିଶେଷକରି ଜନ୍ମର ଏକ ଘଣ୍ଟା ମଧ୍ୟରେ ମା' ଶିଶୁକୁ କୋଳରେ ସ୍ତନ୍ୟପାନ କରାଇବା ଉଚିତ।

**ମା' ଯଦି କୌଣସି ରୋଗରେ ଆକ୍ରାନ୍ତ ହୁଏ ତେବେ ସେ ସ୍ତନ୍ୟପାନ କରାଇ ପାରିବ କି?**

- ନିଶ୍ଚୟ। ମା' ରୋଗାକ୍ରାନ୍ତ ହେଉ ପଛେ ଶିଶୁକୁ କ୍ଷୀର ପିଆଇବା ଚାଲୁ ରଖିବା ଦରକାର। କାରଣ ମା' ଯେଉଁ ରୋଗରେ ଆକ୍ରାନ୍ତ ତା ଶରୀରରେ ସେହି ରୋଗ ବିରୁଦ୍ଧରେ ରୋଗ ପ୍ରତିରୋଧକ ଶକ୍ତି ଜାତ ହୋଇଥାଏ। ମା' କ୍ଷୀର ଜରିଆରେ ଏହି ଶକ୍ତି ଶିଶୁ ଶରୀରକୁ ଯାଇଥାଏ।

**ଶିଶୁକୁ କେତେଦିନ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଇବା ଆବଶ୍ୟକ?**

- ଅତନ୍ତ ପକ୍ଷେ ଶିଶୁକୁ ପ୍ରଥମ ଛଅମାସ କେବଳ ମା' କ୍ଷୀର ଦେବା ଦରକାର। ତା'ପରେ ଶିଶୁକୁ ଅନ୍ୟ ବହଳିଆ ଖାଦ୍ୟ ଦିଆଯିବା ଉଚିତ। କିନ୍ତୁ ମା' କ୍ଷୀର ବନ୍ଦ ନ କରି ଦୁଇ ବର୍ଷ ପର୍ଯ୍ୟନ୍ତ ଦେବା ଆବଶ୍ୟକ।

## 'ସକାଳ'ର ସ୍ୱାସ୍ଥ୍ୟ

# ହାଇପରଟେନ୍‌ସିଭ୍ ରେଟିନୋପାଥି



ବିଶୃଙ୍ଖଳିତ ଜୀବନଶୈଳୀ, ଚାପ, ଓଜନ ବୃଦ୍ଧି, ବଂଶଗତ ରୋଗ ଆଦି କାରଣରୁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ। ଉଚ୍ଚରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ରକ୍ତନଳୀ ଏବଂ ହୃଦୟ ଉପରେ ଚାପ ପଡ଼ି ହୃଦ୍‌ଘାତ, ଷ୍ଟ୍ରୋକ୍, କ୍ରନିକ କିଡନୀ ରୋଗ ସୃଷ୍ଟି କରିପାରେ। ଅନିୟନ୍ତ୍ରିତ ଓ ଦୀର୍ଘ ଦିନ ଧରି ଥିବା ଉଚ୍ଚ ରକ୍ତଚାପ ଯୋଗୁଁ ଆଖିର ରେଟିନାରେ ଥିବା ରକ୍ତନଳୀ କ୍ଷତିଗ୍ରସ୍ତ ହୋଇ ଦୃଷ୍ଟିଶକ୍ତି କମିଯାଇପାରେ। ଏହି ସ୍ଥିତିକୁ ହାଇପରଟେନ୍‌ସିଭ ରେଟିନୋପାଥି କୁହାଯାଏ।


ଏହି ରୋଗରେ ଆଖିକୁ ଝାପ୍‌ସା ଦିଶିବା, ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡବୁଲାଇବା ଓ ଯନ୍ତ୍ରଣା, ଆଖି ସାମ୍ନାରେ କଳା ଦାଗ ଦେଖାଯିବା, ରଙ୍ଗ ଚିହ୍ନିବାରେ ସମସ୍ୟା, କିଛି ମାମଲାରେ ଅନ୍ଧକାର ଦିଶିବା ପରି ଲକ୍ଷଣ ଦେଖାଯାଇଥାଏ। ଉପରୋକ୍ତ ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବା ଆବଶ୍ୟକ।

**ପ୍ରତିକାର:** ଏହି ସମସ୍ୟା ଦୂର କରିବାର ଏକମାତ୍ର ଉପାୟ ହେଉଛି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା। ଔଷଧ ସେବନ ସହିତ ନିୟମିତ ସନ୍ତୁଳିତ ଖାଦ୍ୟସେବନ, ବ୍ୟାୟାମ କରିବା ଆବଶ୍ୟକ। ମଧୁମେହପୀଡ଼ିତ ରକ୍ତଚାପ ଓ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଆଖିର ସ୍ଥିତି ଜାଣିବାକୁ ନିୟମିତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ନୀରଜ

ଗ୍ଲାସ୍‌ଗୋ,୩୦।୭ (ଏଜେନ୍ସି)




ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ତାରକା ଆଥ୍‌ଲେଟ ନୀରଜ ଚୋପ୍ରା ଏଠାରେ ଚାଲିଥିବା ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଜାଭେଲିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ କ୍ୱାଲିଫାଇଂ ଇଭେଣ୍ଟରେ ସେ ୭୯.୨୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫ମସ୍ଥାନରେ ରହିଥିଲେ। ତାଙ୍କ ସହ ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ୟଶବୀର ସିଂହ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ନୀରଜଙ୍କ ପରି ରୋହିତ ତାଙ୍କ ଦ୍ୱିତୀୟ ଆଟେମ୍ପଟରେ ୭୮.୩୭ ମିଟରକୁ ଏବଂ ୟଶବୀର ତାଙ୍କ ଶେଷ ଆଟେମ୍ପଟରେ ୭୮.୩୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଯଥାକ୍ରମେ ୭ମ ଓ ୧୦ମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ଡିଗ୍ରୀ ତାପମାତ୍ରାରେ ଜଣେ ହେଲେ ଜାଭେଲିନ୍ ଫିଙ୍ଗାଳି ୮୪ ମିଟର ଦୂରତାର ସିଧାସଳଖ କ୍ୱାଲିଫାଇଙ୍ଗ ମାର୍କକୁ ଅତିକ୍ରମ କରିପାରି ନ ଥିଲେ। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କାର ରୁମେଶ ତରଙ୍ଗା ସର୍ବାଧିକ ୮୨.୮୪ ମିଟରକୁ ଫିଙ୍ଗି ପ୍ରଥମ ଓ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୧.୨୯ମି.) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ ତଥା ରାଜ୍ୟଗୋଷ୍ଠୀ ପଦକ ବିଜେତା ଅର୍ଶାଦ ନଦୀମ (୭୮.୬୩ମି.) ୫ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତି ୧୨ଟା ୪୫ ମିନିଟରେ ଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ।

### ତାଜିନ୍ଦରପାଲ, ସମରଦୀପଙ୍କ ଉପରେ ଆଶା

ପୁରୁଷ ସଟ୍‌ପୁଟରେ ଭାରତର ଏସିଆନ୍ ଗୋଲ୍ଡ ମେଡାଲିଷ୍ଟ ତାଜିନ୍ଦର ପାଲ ସିଂହ ତୁର ଓ ସମରଦୀପ ଗିଲ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଭେଣ୍ଟରେ ଉଭୟ ପ୍ରତିଯୋଗୀଙ୍କଠାରୁ ଭାରତ ପଦକ ଆଶା ରଖିଛି। କ୍ୱାଲିଫାଇଙ୍ଗରେ ତାଜିନ୍ଦର ୨୦.୧୪ ମିଟରକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର ଟମ୍ ୱାଲ୍‌ଶ ୨୧.୦୩ ମିଟର ଦୂରତାକୁ ସଟପୁଟ ଫିଙ୍ଗି ପ୍ରଥମ ହୋଇଥିଲେ। ସେହିପରି ପୁରୁଷ ୨୦୦ ମିଟର ସେମିଫାଇନାଲ ଅନିମେଶ କୁଜୁର ପହଞ୍ଚିଛନ୍ତି।

### ମୁରଲୀଙ୍କୁ କ୍ରମାଗତ ରୌପ୍ୟ

ଗୁରୁବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପରେ ୮.୦୯ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଜାମାଇକାର ତାଜୟ ଗେଲ ୮.୧୫ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପ୍ରଥମ ଜାମାଇକା ଆଥଲେଟ୍ ଭାବେ ଗେଲ୍ ପୁରୁଷ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ଭାରତୀୟ ଲୋକେଶ ସତ୍ୟନାଥନ ୭.୯୭ ମିଟରକୁ ଡେଇଁ ୫ମ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ମୁରଲୀଙ୍କର କ୍ରମାଗତ ଦ୍ୱିତୀୟ ରୌପ୍ୟ ପଦକ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୌଡ଼କୁଦରେ ଭାରତର ମଧ୍ୟ ଏହା ଦ୍ୱିତୀୟ ତଥା ରୌପ୍ୟ ପଦକ।

### ଫାଇନାଲ୍‌ରେ ପ୍ରବୀଣ ଓ ପ୍ରଭୁ

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଦୁଇ ପ୍ରତିଯୋଗୀ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ଇଭେଂଟରେ ପ୍ରବୀଣ ୧୬.୪୧ ମିଟର ଓ ପ୍ରଭୁ ୧୬.୨୬ ମିଟର ଦୂରତାକୁ ଡେଇଁ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶୁକ୍ରବାର ରାତିରେ ଫାଇନାଲ ମୁକାବିଲା ହେବ।

### ଦିଲୀପ, ବାସିଲଙ୍କୁ ଐତିହାସିକ ପଦକ




ରାଜ୍ୟଗୋଷ୍ଠୀ ପାରା ଆଥଲେଟିକ୍ସର ଟି୪୭ ପୁରୁଷ ୧୦୦ ମିଟର ରେସ୍‌ରେ ଦିଲୀପ ଗାଭିଟ୍ ସ୍ୱର୍ଣ୍ଣ ଓ ମହମ୍ମଦ୍ ବାସିଲ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦିଲୀପ ଏହି ଦୂରତାକୁ ୧୦.୭୧ ସେକେଣ୍ଡରେ ଅତିକ୍ରମ କରି ଏକ ଗେମସ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବାସିଲ ୧୦.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ହେବା ସହ ରୌପ୍ୟ ପଦକ ହାସଲ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଏମାନେ ପ୍ରଥମ ଭାରତୀୟ ଯୋଡି ହୋଇ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ପାରା ଆଥଲେଟ ଶର୍ମିଳା ଧନକଡ଼ ମହିଳା ସଟ୍‌ପୁଟରେ ଏବଂ ମହିଳା ଭାରୋତୋଳନରେ ମିରାବାଇ ଚାନୁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

# ରାହାଣେଙ୍କ ଅବସର



ମୁମ୍ବଇ,୩୦।୭ (ଏଜେନ୍ସି): ଭେଟେରାନ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ରାହାଣେ ବିଦେଶ ମାଟିରେ ଜଣେ ଟାଣୁଆ ବ୍ୟାଟର ଭାବେ ପରିଚିତ ଓ ନେତୃତ୍ୱ ନେବାର ଅସାମାନ୍ୟ ଦକ୍ଷତା ରଖିଥିଲେ। ୧୫ ବର୍ଷର କ୍ୟାରିୟରରେ ଭାରତ ପକ୍ଷରୁ ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟରେ ସେ ୫,୦୭୭, ଦିନିକିଆରେ ୨,୯୬୨ ଓ ଟି-୨୦ରେ ୩୭୫ ରନ୍ ସଂଗ୍ରହ କରି ଜଣେ ଦମ୍‌ଦାର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଶେଷଥର ଲାଗି ୨୦୨୩ରେ ସେ ଭାରତ ପକ୍ଷରୁ ଏକ ଟେଷ୍ଟ ଖେଳିଥିଲେ। ସେହିଭଳି ଗତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଇଥିବା ରାହାଣେ ଆଇପିଏଲ୍‌ରେ ମଧ୍ୟ ଆଉ ଖେଳିବେନି ବୋଲି ଜଣାପଡ଼ିଛି। 'ଯେତେବେଳେ ସମୟ ଆସିବ, ନିଜେ ସମ୍ମାନର ସହ ଆଗକୁ ଯିବାକୁ ଚେଷ୍ଟା କରିବ। ମୁଁ ଯେପରି ନିର୍ଦ୍ଧାରିତ ସମୟରେ ବ୍ୟାଟିଂ କରିଥାଏ, ଠିକ୍ ସେହିପରି ଜୀବନକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ଅବସର ନେବା ଏହା ମୋ ଲାଗି ପ୍ରକୃଷ୍ଟ ସମୟ' ବୋଲି ବୋଲି ରାହାଣେ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି। ବିଦେଶ ମାଟିରେ ନିଜର ଦୃଢ଼ ଟେକ୍‌ନିକ ବ୍ୟାଟିଂ ଲାଗି ସମ୍ମାନ ସାଉଁଟିଥିବା ରାହାଣେ ୨୦୨୦-୨୧ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ। ପ୍ରଥମ ଟେଷ୍ଟରେ ଶୋଚନୀୟ ପରାଜୟ ପରେ ଅଧିନାୟକ ବିରାଟ କୋହଲି ସ୍ୱଦେଶ ଫେରିଆସିଥିଲେ। ସେହିଭଳି ପ୍ରମୁଖ ବ୍ୟାଟର ଆହତ ହେବା ସତ୍ତ୍ୱେ ମେଲବୋର୍ଣ୍ଣରେ ସେ ଦଳର ନେତୃତ୍ୱ ନେବା, ଶତକ ହାସଲ କରିବା ଓ ବିଜୟୀ କରାଇବାର ସ୍ମରଣୀୟ ମୁହୂର୍ତ୍ତକୁ କୌଣସି ଭାରତୀୟ ଭୁଲି ପାରିବେ ନାହିଁ। ଏହାପରେ ଗାବ୍‌ବାରେ ଖେଳାଯାଇଥିବା ତୃତୀୟ ଟେଷ୍ଟକୁ ଚମତ୍କାର ଶୈଳୀରେ ଜିତିବା ସହ ୨-୧ରେ ସିରିଜ୍ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ।

**ସଂକ୍ଷେପରେ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ | ଆଭରେଜ | ୧୦୦/୫୦ |
|---|---|---|---|---|
| ଟେଷ୍ଟ | ୮୫ | ୫୦୭୭ | ୩୮.୪୬ | ୧୨/୨୬ |
| ଦିନିକିଆ | ୯୦ | ୨୯୬୨ | ୩୫.୨୬ | ୩/୨୪ |
| ଟି-୨୦ | ୨୦ | ୩୭୫ | ୨୦.୮୩ | ୦/୧ |
| ପ୍ରଥମଶ୍ରେଣୀ | ୨୦୫ | ୧୪୨୦୯ | ୪୪.୯୬ | ୪୨/୫୯ |
| ଲିଷ୍ଟ-ଏ | ୧୯୨ | ୬୮୫୩ | ୩୯.୮୪ | ୧୦/୪୯ |
| ଆଇପିଏଲ | ୨୧୨ | ୫୩୬୭ | ୩୦.୧୫ | ୨/୩୫ |

## ● ଦୁଲୀପ ଟ୍ରଫି କ୍ରିକେଟ

# ଚର୍ଚ୍ଚାରେ ଉପଅଧିନାୟକ ସୂର୍ଯ୍ୟବଂଶୀ

କୋଲକାତା,୩୦।୭ (ଏଜେନ୍ସି)

ଅଗଷ୍ଟ ୨୩ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ୍ ଟ୍ରଫିର ଉଦ୍‌ଘାଟନୀ ମୁକାବିଲା ଲାଗି ଇଶାନ କିଶାନଙ୍କୁ ପୂର୍ବାଞ୍ଚଳର ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିବାରୁ ଅନେକ ପୂରାତନ ଖେଳାଳି ପୂର୍ବାଞ୍ଚଳ ଚୟନ କମିଟିକୁ ସମାଲୋଚନା କରିଛନ୍ତି। ସେମାନଙ୍କ କହିବା କଥା ହେଲା ଉପଅଧିନାୟକ ପଦ ଦିଆଯିବା ଅର୍ଥ ଏତେ କମ୍ ବୟସରୁ ତାଙ୍କୁ ଚାପ ଦେବା। ଫଳରେ ସେ ତାଙ୍କ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରିବେ ନାହିଁ। ଏହାକୁ କିନ୍ତୁ ଖଣ୍ଡନ କରିଛି କମିଟି। କମିଟିର କହିବା କଥା ହେଲା, ସୂର୍ଯ୍ୟବଂଶୀ ବିହାର ଓ ୧୯ ବର୍ଷର କମ୍ ଦଳର ଉପଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ଏଣୁ ସେ ଚାପରେ ପଡ଼ିବେ ନାହିଁ ବୋଲି କମିଟି ଯୁକ୍ତି ବାଢ଼ିଛି। ଘୋଷିତ ୧୫ ଜଣିଆ ଦଳରେ ଝାଡଖଣ୍ଡରୁ ୫, ବେଙ୍ଗଲରୁ ସର୍ବାଧିକ ୬, ଓଡ଼ିଶା, ଆସାମ, ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାରୁ ଏକା ଶୁଭ୍ରାଂଶୁ ସେନାପତିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ସମ୍ବିତ ଏସ୍ ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି।

## ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରଫାଇନାଲରୁ ଓଡ଼ିଶାର ବିଦାୟ

ଭୁବନେଶ୍ୱର,୩୦।୭ (ସମିସ)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ ବିଦାୟ ନେଇଛନ୍ତି। ଫଳରେ ଏଠାରେ ପୋଡିୟମ୍ ଫିନସ କରିବାକୁ ଆଶାୟୀ ଥିବା ଓଡ଼ିଆଙ୍କ ଲାଗି ଏହା ଶକ୍ତ ଧକ୍କା ଦେଇଛି। ଓଡ଼ିଶାର ଶ୍ରେଷ୍ଠ ଆଶା ତଥା ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ତନ୍ୱି ପତ୍ରି ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୧୦ ନମ୍ବର ସିଡ୍ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କଠାରୁ ୧୫-୧୦, ୮-୧୫ ଓ ୧୬-୧୪ରେ ସଂଘର୍ଷ କରି ତନ୍ୱି ପରାଜିତ ହୋଇଥିଲେ। ତାଙ୍କ ବ୍ୟତୀତ ମିକ୍ସଡ ଓ ବାଳକ ଡବଲ୍ସ ଯୋଡିରେ ଖେଳୁଥିବା ଦିବ୍ୟମ କେଜରିୱାଲ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଦିବ୍ୟମଙ୍କ ଡବଲ୍ସ ପାର୍ଟନର ଥିଲେ ଶୁଭ୍ରକେତନ ମଲ୍ଲିକ ଓ ମିକ୍ସଡ ଡବଲ୍ସରେ ପାର୍ଟନର ଥିଲେ ସ୍ୱିଟିପ୍ରିୟା ପ୍ରଧାନ। ଆଜି ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷାଙ୍କ ସହ ଆଦର୍ଶିନୀ ଶ୍ରୀ, ରାଜସ୍ଥାନର ପାରୁଲ ଚୌଧୁରୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ଏକକରେ ଉତରାଖଣ୍ଡର ନିଶ୍ଚଳ ଚାନ୍ଦ, ତେଲଙ୍ଗାନାର ଶଶାଙ୍କ ଭାନମାଳା ଓ ଟି ଜ୍ଞାନଦତ, କର୍ଣ୍ଣାଟକର ହାର୍ଦ୍ଦିକ ଦିବ୍ୟନାସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଶୁକ୍ରବାର ସେମିଫାଇନାଲ ଓ ଅଗଷ୍ଟ ୧ରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପନ ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ନୀଳିକ କୁମାର ଜଣାଇଛନ୍ତି।

# ଫ୍ଲେମିଂ ଇଂଲଣ୍ଡର ନୂଆ କୋଚ୍, ରୁଟ୍‌ଙ୍କୁ ନେତୃତ୍ୱ



ଲଣ୍ଡନ,୩୦।୭ (ଏଜେନ୍ସି): ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର୍ ଷ୍ଟିଫେନ ଫ୍ଲେମିଂଙ୍କୁ ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସ୍ଥାନରେ ଫ୍ଲେମିଂ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ବେନ୍ ଷ୍ଟୋକ୍ସ ହଠାତ୍ ଅବସର ଗ୍ରହଣ କରିବା ପରେ ଦଳ ସର୍ବାଧିକ ଅଭିଜ୍ଞ ଖେଳାଳି ଜୋ ରୁଟ୍‌ଙ୍କୁ ପୁଣିଥରେ ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଫ୍ଲେମିଂ ଓ ରୁଟ୍‌ଙ୍କ ଯୋଡି ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ ପ୍ରଥମ ଚ୍ୟାଲେଞ୍ଜ ହେବ। ତେବେ ପାକିସ୍ତାନ ବିପକ୍ଷ ଆଗାମୀ ସିରିଜ୍‌ରେ ମାର୍କସ ଟ୍ରେସ୍କୋଥିକ ଦଳର କାମଚଳା କୋଚ୍ ଦାୟିତ୍ୱରେ ରହିବେ। ଦୀର୍ଘ ୧୮ ବର୍ଷଧରି ଚେନ୍ନାଇ ସୁପର କିଙ୍ଗ୍‌ସର ମୁଖ୍ୟ କୋଚ୍ ରହିବା ପରେ ଇଂଲଣ୍ଡକୁ ଏକ ନୂଆ ଟେଷ୍ଟ ଟିମ୍ ଗଠନ କରିବାରେ ୫୩ ବର୍ଷୀୟ ଫ୍ଲେମିଂ ସହାୟତା କରିବେ। ମ୍ୟାକ୍‌କୁଲାମ ପୂର୍ବପରି ସୀମିତ ଓଭର ଟିମ (ଦିନିକିଆ ଓ ଟି-୨୦)ର ପ୍ରଶିକ୍ଷକ ଦାୟିତ୍ୱ ବହନ କରିବେ।

# ତାଇପେଇ ଓପନ୍: କ୍ୱାର୍ଟରରେ ଉନ୍ନତି, ତନଭୀ ଓ କିରଣ

ତାଇପେଇ ସିଟି, ୩୦।୭ (ଏଜେନ୍ସି): ଉଦୀୟମାନ ଖେଳାଳି ଉନ୍ନତି ହୁଡା, ତନଭୀ ଶର୍ମା, ଦେବୀକା ସିହାଗ ଓ କିରନ ଜର୍ଜ ଏଠାରେ ଚାଲିଥିବା ତାଇପେଇ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉନ୍ନତି ୨୧-୧୯, ୨୧-୧୨ ସିଧାସଳଖ ଗେମରେ ନିଜ ଦେଶର ତନ୍ୟା ହେମନ୍ତଙ୍କୁ ହରାଇଥିଲେ। ତେବେ ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ ଏଚଏସ ପ୍ରଣୟ ରାଉଣ୍ଡ-୧୬ରେ ହାରି ବିଦାୟ ନେଇଛନ୍ତି। ପ୍ରଣୟ ୯-୨୧, ୧୯-୨୧ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ପରାସ୍ତ ହୋଇଥିଲେ।


FOR RENT
Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes.
Interested parties may contact:
**8249526803**


# ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ଦୁଇବର୍ଷ ପୂରଣ



ଭୁବନେଶ୍ୱର, ୩୦।୭ (ସମିସ): ପୁରୀସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖୋ ଖୋ ଚୟନ ପରୀକ୍ଷଣ-୨୦୨୬ ମାଧ୍ୟମରେ ୧୯ଜଣ ନୂତନ ପ୍ରତିଭାଶାଳୀ ଆଥଲେଟମାନଙ୍କୁ କେନ୍ଦ୍ରରେ ସାମିଲ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାରତୀୟ ଖୋ ଖୋ ଦଳର ଅଧିନାୟକ ପ୍ରତୀକ ୱାଇକର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ରାଜ୍ୟ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ/ଏନଏସ ଇଣ୍ଡିଆ ମାନବ ସମ୍ବଳ ବିଭାଗ ମୁଖ୍ୟ ଦେବବ୍ରତ ଦାଶ, ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦବେନ୍ଦୁ ଓ ଓଡ଼ିଶା ଏଚପିସିର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏଏମ/ଏନଏସ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ ଦୁଇ ବର୍ଷ ମଧ୍ୟରେ ଏହି ଏଚପିସି ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଖୋ ଖୋ କ୍ରୀଡ଼ାରେ ଭାରତର ଗୌରବ ବଢ଼ାଇବାରେ ସକ୍ଷମ ଚାମ୍ପିଅନ ଆଥଲେଟ ସୃଷ୍ଟି କରିବା ଦିଗରେ ଆମର ପ୍ରୟାସ ଅବ୍ୟାହତ ରହିବ।


ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar


# ବ୍ରାଜିଲ ସହ ଫୁଟ୍‌ବଲ୍ ଖେଳିବ ଭାରତ

କୋଲକାତା, ୩୦।୭ (ଏଜେନ୍ସି): ପାଞ୍ଚଥର ବିଶ୍ୱକପ୍ ବିଜେତା ବ୍ରାଜିଲ ସହ ଭାରତ ଏକ ଫୁଟବଲ୍ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ବ୍ରାଜିଲ ଫୁଟବଲ୍ ଫେଡେରେସନ (ସିବିଏଫ) ପକ୍ଷରୁ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଫିଫା ମାନ୍ୟତାରେ ଭାରତ ବର୍ତ୍ତମାନ ୧୩୮ତମ ସ୍ଥାନରେ ରହିଛି। ସେହିଭଳି ବିଶ୍ୱ ଫୁଟବଲର ପାୱାର ହାଉସ୍ ବ୍ରାଜିଲ ୫ମ ମାନ୍ୟତା ଦଳ। ଫଳରେ ୧୯୯୨ରେ ଫିଫା ର୍‍ୟାଙ୍କିଙ୍ଗ ପ୍ରଚଳନ ହେବା ପରଠାରୁ ଭାରତ ପ୍ରଥମଥର ଲାଗି ଏକ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ବିପକ୍ଷରେ ଖେଳିବାକୁ ଯାଉଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚରେ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ତାରକା ନେମାରଙ୍କୁ ଦେଖିବାକୁ ମିଳିବ ନାହିଁ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ରାଉଣ୍ଡ-୩୨ରେ ହାରିବା ପରେ ନେମାର ଗତକାଲି ତାଙ୍କ ଅବସର ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍ ବାହାରେ ସର୍ବାଧିକ ବ୍ରାଜିଲୀୟ ପ୍ରଶଂସକ ଭାରତରେ ରହିଛନ୍ତି।

# ଆରସିବିର ବ୍ରାଣ୍ଡ ଭାଲ୍ୟୁ ୩୦୦ ମିଲିୟନ ଟପିଲା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲରେ ସବୁଠାରୁ ମୂଲ୍ୟବାନ ଫ୍ରାଞ୍ଚାଇଜ୍ ହେବାର ରେକର୍ଡ ବଜାୟ ରଖିଛି। ଯାହାର ବ୍ରାଣ୍ଡ ମୂଲ୍ୟ ୩୧୨ ମିଲିୟନ ଡଲାର (୨ ହଜାର ୯୮୭ କୋଟି ୫୭ ଲକ୍ଷ ଟଙ୍କା)ରେ ପହଞ୍ଚିଛି। ୩୦୦ ମିଲିୟନ ଡଲାର ବ୍ରାଣ୍ଡ ଭାଲ୍ୟୁ ହେବାରେ ଆରସିବି ଆଇପିଏଲ୍‌ର ପ୍ରଥମ ଦଳ ହୋଇଛି। ସେହିଭଳି ଏହି ତାଲିକାରେ ମୁମ୍ବଇ ଇଣ୍ଡିଆନ୍ସ ୨୬୪ ମିଲିୟନ ଡଲାର ସହ ଦ୍ୱିତୀୟ, କୋଲକାତା ନାଇଟ୍ ରାଇଡର୍ସ ୨୪୫ ମିଲିୟନ ଡଲାର ସହ ୩ୟ ସ୍ଥାନରେ ରହିଛି।


ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to:
hr@nandighoshatv.com
by 31st July 2026
Note:
Only shortlisted candidates will be contacted for the selection process.
Contact No. 9437016499 HR Dept.



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS